ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର

▶ ଭିତର ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-201 ◆BHUBANESWAR ◆MONDAY ◆15 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୧ ◆ଭୁବନେଶ୍ୱର ◆ସୋମବାର ◆୧୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

DADLS-79

ଜୟ ଜଗନ୍ନାଥ

ଆଜି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଉପଲକ୍ଷେ ହେବାକୁ ଯାଉଛି

ପବିତ୍ର ମହାଯଜ୍ଞ

୧୫ ଜାନୁଆରୀ ୨୦୨୪

OIPR-15001/13/0255/2324

● ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବର୍ଜନ ପ୍ରସଙ୍ଗ

କେନ୍ଦ୍ରମନ୍ତ୍ରୀ ରାଣେଙ୍କ ନିଶାଣରେ ଶଙ୍କରାଚାର୍ଯ୍ୟ

● ସମାଲୋଚନା ପରିବର୍ତ୍ତେ ଆଶୀର୍ବାଦ ଦେବା ଉଚିତ୍
● ହିନ୍ଦୁ ଧର୍ମ ପ୍ରତି ଅବଦାନକୁ ନେଇ ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ,୧୪।୧(ଏଜେନ୍ସି)

୫୦୦ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଏବେ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି । ଏହି ଶୁଭ ଏବଂ ଐତିହାସିକ ମୁହୂର୍ତ୍ତକୁ ଦେଶ ବିଦେଶର କୋଟି କୋଟି ରାମ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରତୀକ୍ଷା କରି ରହିଛନ୍ତି । ମାତ୍ର ଏହି ପ୍ରତିଷ୍ଠା ସମାରୋହରେ ପୁରୀ ଗୋବର୍ଦ୍ଧନପୀଠ ଶଙ୍କରାଚାର୍ଯ୍ୟ ଓ ଉତ୍ତରାଖଣ୍ଡ ଯୋଶୀମଠ ଶଙ୍କରାଚାର୍ଯ୍ୟ ଯୋଗ ନ ଦେବା ଘୋଷଣା ସୃଷ୍ଟି କରିଛି ଧାର୍ମିକ ବିବାଦ । ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ଏବଂ ରୀତିନୀତିରେ ତ୍ରୁଟି ଦର୍ଶାଇ ଚାରିଧାମ ଶଙ୍କରାଚାର୍ଯ୍ୟ ଏହାକୁ ବିରୋଧ କରିଛନ୍ତି । ଏହି ଉତ୍ସବରେ ସେମାନେ ଯୋଗ ଦେବେ ନାହିଁ ବୋଲି ମଧ୍ୟ ଘୋଷଣା କରିଛନ୍ତି । ଅନୁରୂପ ଭାବରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କରାଯାଉଥିବାରୁ ଏହାକୁ ମଧ୍ୟ ସେମାନେ ପରୋକ୍ଷରେ ବିରୋଧ କରିଛନ୍ତି । ଚାରି ଧାମ ମଧ୍ୟରୁ ଶ୍ରୀଙ୍ଗେରୀ ଏବଂ ଦ୍ୱାରକା ପୀଠାଧୀଶ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସ୍ୱାଗତ କରିଥିଲେ ହେଁ ଉତ୍ସବରେ ଯୋଗ ଦେବେ କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି । ଅନ୍ୟପକ୍ଷରେ ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଏବଂ ଉତ୍ତରାଖଣ୍ଡସ୍ଥିତ ଯୋଶୀ ମଠାଧୀଶ ଏହି ଉତ୍ସବରେ ଯୋଗ ଦେବେ ନାହିଁ ବୋଲି ମନା କରିଦେଇଛନ୍ତି । ଯାହାକୁ ନେଇ ଏବେ ଜଟିଳ ସ୍ଥିତି ଉପୁଜିଛି । ହିନ୍ଦୁ ଧର୍ମ ରକ୍ଷକ ଭାବେ ଚାରି ପୀଠର ଶଙ୍କରାଚାର୍ଯ୍ୟ ସ୍ୱୟଂ ପ୍ରଭୁ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ନଦେବା ବିଶେଷତଃ ହିନ୍ଦୁ ସଂପ୍ରଦାୟ ପାଇଁ ଏକ ପରିତାପର ବିଷୟ ବୋଲି ସବୁ ଆଡେ ଚର୍ଚ୍ଚା ଚାଲିଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଓ ରାମମନ୍ଦିର ଲୋକାର୍ପଣ ଉତ୍ସବରେ ଯୋଗଦାନ ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟମାନଙ୍କ ଆଭିମୁଖ୍ୟକୁ କଟୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ବିଶ୍ୱଜଗତର ଏହି ମହାପର୍ବ କେବଳ ଭାରତ ନୁହେଁ, ବିଶ୍ୱର ବହୁ ଭାଗରେ ରାମ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଆଣିଛି । କିନ୍ତୁ ହିନ୍ଦୁ ଧର୍ମର ରକ୍ଷକ ହୋଇ ଶଙ୍କରାଚାର୍ଯ୍ୟମାନେ ମନ୍ଦିର ପ୍ରତିଷ୍ଠାର କେତେକ ଦିଗକୁ ସମାଲୋଚନା କରିବା ଅତ୍ୟନ୍ତ ପରିତାପର ବିଷୟ । ସେମାନେ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସମାଲୋଚନା କରିବା ପରିବର୍ତ୍ତେ ଆଶୀର୍ବାଦ ପ୍ରଦାନ କରିବା ଉଚିତ । ମହାରାଷ୍ଟ୍ରର ପାଲଘର ଠାରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେବା ଅବସରରେ ସେ କହିଛନ୍ତି ଯେ, ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା କରିବା ଆଜି ଯାଏଁ ସମ୍ଭବ ହୋଇପାରି ନଥିଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଜେପି ହିଁ ଏହାକୁ ସାକାର କରିବାକୁ ସକ୍ଷମ ହୋଇଛି । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଉଥିବାରୁ ଶଙ୍କରାଚାର୍ଯ୍ୟମାନେ ଏହାକୁ ସହ୍ୟ କରି ନପାରି ରାଜନୀତିକ ଦୃଷ୍ଟି କୋଣରୁ ଟିକା ଟିପ୍ପଣୀ କରୁଛନ୍ତି । ଯାହା କଦାଚିତ୍ ଗ୍ରହଣୀୟ ନୁହେଁ । ଏହାଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକୁ ନେଇ ସେମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପିକୁ ରାଜନୀତିକ ଦିଗରୁ ବିଚାରକୁ ନେଇଛନ୍ତି । ରାମ ମନ୍ଦିର ରାଜନୀତିକ ଆଧାର ନୁହେଁ , ବରଂ ଧାର୍ମିକ ଆସ୍ଥା ଆଧାରରେ ପ୍ରତିଷ୍ଠା କରାଯାଇଛି ବୋଲି ସେ କହିଛନ୍ତି । ଏହିକ୍ରମରେ ସେ ଶଙ୍କରାଚାର୍ଯ୍ୟମାନଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ହିନ୍ଦୁତ୍ୱ ରକ୍ଷା ଲାଗି ଚାରି ଶଙ୍କରାଚାର୍ଯ୍ୟ ପୀଠ ରହିଥିବା ବେଳେ ଏଥିପାଇଁ ଶଙ୍କରାଚାର୍ଯ୍ୟମାନଙ୍କ କି ଅବଦାନ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀରାଣେ ପ୍ରଶ୍ନ କରିଛନ୍ତି । ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଏବଂ ଜଗଦଗୁରୁ ଭାବେ ବିଦିତ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ କେହି ବି ଟିକା ଟିପ୍ପଣୀ କରିବାକୁ ସାହସ ଜୁଟାଇ ପାରି ନଥିବା ବେଳେ କେନ୍ଦ୍ରମନ୍ତ୍ରୀ ରାଣେଙ୍କ ଏହି ଟିପ୍ପଣୀ ଏବେ ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରିଛି । ତାଙ୍କର ଏହି ବୟାନକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି । ଏଭଳି ବୟାନ ଦେଇ ରାଣେ ହିନ୍ଦୁ ଧର୍ମର ସର୍ବୋଚ୍ଚ ଗୁରୁଙ୍କୁ ଅପମାନିତ କରିଛନ୍ତି ବୋଲି ମହାରାଷ୍ଟ୍ର କଂଗ୍ରେସ ପ୍ରବକ୍ତା ଅତୁଲ ଲୋନ୍ଧେ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

● ଇସ୍ରାଏଲ-ହମାସ୍ ଯୁଦ୍ଧକୁ ଶହେ ଦିନ ପୂରିଲା

ଗାଜାରେ ୨୩, ୯୦୦ ମୃତ

ତେଲ ଆଭିଭ, ୧୪।୧ (ଏଜେନ୍ସି): ଗତ ବର୍ଷ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧ ରବିବାର ଶହେ ଦିନରେ ପହଞ୍ଚିଛି । ଏହି ଯୁଦ୍ଧ ମାନବିକ ସଙ୍କଟ ସୃଷ୍ଟି କରିଛି । ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି । ରୁଷ୍-ୟୁକ୍ରେନ ଯୁଦ୍ଧ ଭଳି ଏହାକୁ ନେଇ ଅନେକ ସାମ୍ମୁଖ୍ୟ ଖୋଲି ଯାଇଛି । ଏହି ଯୁଦ୍ଧ ପ୍ରାୟ ସମ୍ପୂର୍ଣ୍ଣ ମଧ୍ୟ-ପ୍ରାଚ୍ୟକୁ ନିଜ କବଳକୁ ନେଇଯାଇଛି । ଇରାନ, ଆମେରିକା, ବ୍ରିଟେନ, ହୁତି ବିଦ୍ରୋହୀ ସହିତ ଅନେକ ସଂଗଠନ ଏବଂ ଦେଶ ଏହି ଯୁଦ୍ଧରେ ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବେ ସାମିଲ ହୋଇଛନ୍ତି । ଯୁଦ୍ଧ ପାଇଁ ଆରବ ସାଗରରେ ବ୍ୟବସାୟିକ ଜାହାଜ ଚଳାଚଳ ପ୍ରଭାବିତ ହୋଇଛି । ଏହାର ପ୍ରଭାବ ବ୍ୟବସାୟ ଏବଂ ଅର୍ଥବ୍ୟବସ୍ଥା ଉପରେ ପଡ଼ିବାରେ ଲାଗିଛି । ଇରାନ ସମର୍ଥନ ପାଇଥିବା ହୁତି ବିଦ୍ରୋହୀ, ଲେବନାନର ହିଜବୁଲ୍ଲାହ ଏବଂ ଇରାକ-ସିରିଆରେ ଇରାନ ସମର୍ଥିତ ମିଲିସିଆ ହମାସ ସମର୍ଥନରେ ଆକ୍ରମଣ ଜାରି ରଖିଛନ୍ତି । ଉତ୍ତେଜନାକୁ ବନ୍ଦ କରିବା ପାଇଁ ଆମେରିକା ଏହି କ୍ଷେତ୍ରରେ ସେନା ମୁତୟନ ବୃଦ୍ଧି କରିଛି । ହୁତି ବିଦ୍ରୋହୀଙ୍କୁ ଜବାବ ଦେବା ପାଇଁ ଆମେରିକା-ବ୍ରିଟେନ ଏୟାର ଷ୍ଟ୍ରାଇକ କରିଛନ୍ତି । ଏ ପର୍ଯ୍ୟନ୍ତ ଇସ୍ରାଏଲ-ହମାସ ଯୁଦ୍ଧରେ ୨୪ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି । କେବଳ ଗାଜା ଷ୍ଟ୍ରିପ୍‌ରେ ୨୩, ୯୦୦ ଲୋକଙ୍କ ଜୀବନ ଯାଇଛି । ୬୦ ହଜାରରୁ ଅଧିକ ପାଲେଷ୍ଟିନୀୟ ଆହତ ହୋଇଛନ୍ତି । ଗତ ୨୪ ଘଣ୍ଟାରେ ୧୩୫ ଜଣଙ୍କ ମୃତ୍ୟୁ ହୋଇଛି । ଯୁଦ୍ଧର ୧୦୦ ଦିନ ପୂର୍ତ୍ତି ଅବସରରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦେଶକୁ ସମ୍ବୋଧନ କରିଛନ୍ତି । ଇସ୍ରାଏଲର ବିଜୟ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ । ଅନ୍ତର୍ଜାତୀୟ ଅଦାଲତ ସହିତ କେହି ଏହାକୁ ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଯୁଦ୍ଧ ବନ୍ଦ ଦାବିରେ ୱାଶିଂଟନ, ଲଣ୍ଡନ, ପ୍ୟାରିସ, ରୋମ, ମିଲାନ ଏବଂ ଡବିଲିନରେ ଅନେକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ଇସ୍ରାଏଲକୁ ସମର୍ଥନ ଦେଇଥିବାରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ସମାଲୋଚନା କରାଯାଇଛି । ଏହା ମଧ୍ୟରେ ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏ ହମାସ ନେତାଙ୍କ ସମ୍ବନ୍ଧିତ ସମସ୍ତ ସୂଚନା ଇସ୍ରାଏଲକୁ ଦେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି ।

କଲମ୍ବିୟାରେ ଧସିଲା ପାହାଡ଼; ୩୪ ମୃତ

ବୋଗୋଟା, ୧୪।୧ (ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିୟାର ପାର୍ବତ୍ୟାଞ୍ଚଳରେ ବଡ଼ଧରଣର ଭୂସ୍ଖଳନ ହୋଇଛି । କୁଦିବୋ ଏବଂ ମେଡେଲିନ ସହରକୁ ଯୋଡୁଥିବା ରାସ୍ତାରେ ପାହାଡ଼ ଧସି ଶିଶୁଙ୍କ ସହିତ ୩୪ ଜଣଙ୍କ ମୃତ୍ୟୁ ହୋଇଛି । ଶତାଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି । ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିବାବେଳେ ରବିବାର ସୂଚନା ସାମ୍ନାକୁ ଆସିଛି । କଲମ୍ବିୟାର ବିପର୍ଯ୍ୟୟ ପ୍ରଶମନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୧୭ ମୃତଦେହ ଚିହ୍ନଟ କରାଯାଇଛି । ଦୁର୍ଘଟଣା ସ୍ଥଳରେ ଏବେ ବି ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଏ ପର୍ଯ୍ୟନ୍ତ ଭୂସ୍ଖଳନର କାରଣ ଜଣାପଡ଼ି ନାହିଁ । କିନ୍ତୁ କିଛି ଦିନ ତଳେ ଏଠାରେ ପ୍ରବଳ ବର୍ଷା ହୋଇଥିଲା । ଏଥିଯୋଗୁଁ ପାହାଡ଼ ଧସିଥିବା ଆଶଙ୍କା କରାଯାଉଛି ।

ଘନ କୁହୁଡ଼ି ବଳୟରେ ଉତ୍ତର ଭାରତ

● ଗମ୍ଭୀରଜନକ ସ୍ଥିତିରେ ଦିଲ୍ଲୀ ବାୟୁସ୍ତର
● ଅଙ୍ଗାର ଜଳାଇ ଶୋଇଥିବା ୬ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ଉତ୍ତର ଭାରତରେ ଶୀତ ପ୍ରକୋପ ବଢ଼ିବାରେ ଲାଗିଛି । ଅନେକ ରାଜ୍ୟ ଘନ କୁହୁଡ଼ି ଛାଇ ରହିଛି । ଅଧିକାଂଶ ଅଞ୍ଚଳର ଦୃଶ୍ୟମାନ କ୍ଷମତା ଶୂନ ହୋଇଯାଇଛି । ତାପମାତ୍ରା ୩.୫ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଯାଇଛି । ଭୀଷଣ ଶୀତ ଅନୁଭୂତ ହେଉଛି । ଶୀତରୁ ରକ୍ଷା ପାଇବା ପାଇଁ ରାତିରେ ଅଙ୍ଗାର ଜଳାଇ ଶୋଇଥିବା ଦିଲ୍ଲୀର ୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ସାମିଲ ଅଛନ୍ତି । ଉତ୍ତର ଦିଲ୍ଲୀର ଖେଡ଼ା ଅଞ୍ଚଳରେ ସ୍ୱାମୀସ୍ତ୍ରୀଙ୍କ ସହିତ ୨ ଶିଶୁଙ୍କ ମୃତଦେହ ମିଳିଛି । ସେହିପରି ଇନ୍ଦ୍ରପୁରୀ ଅଞ୍ଚଳର ୨ ଜଣ ପ୍ରାଣ ହରାଇଛନ୍ତି । ଦିଲ୍ଲୀରେ ବାୟୁ ପ୍ରଦୂଷଣ ମଧ୍ୟ ଗମ୍ଭୀର ଶ୍ରେଣୀରେ ପହଞ୍ଚି ଯାଇଛି । ଏଥିଯୋଗୁଁ ଜରୁରୀ ହୋଇ ନ ଥିବା ନିର୍ମାଣକାର୍ଯ୍ୟ ଉପରେ କଟକଣା ଲଗାଇ ଦିଆଯାଇଛି । ଅନ୍ୟପକ୍ଷରେ କୁହୁଡ଼ି ଯୋଗୁଁ ଦିଲ୍ଲୀ ଆସୁଥିବା ୨୨ଟି ଟ୍ରେନ ବିଳମ୍ବରେ ଚାଲୁଛି । ଜୟପୁରରେ କିଛି ବିମାନର ଗତିପଥକୁ ବଦଳାଇ ଦିଆଯାଇଛି । ଖରାପ ପାଣିପାଗ ଯୋଗୁଁ କେମ୍ପେଗୌଡ଼ା ବିମାନବନ୍ଦରରୁ ୪୪ଟି ବିମାନ ବିଳମ୍ବରେ ଉଡ଼ାଣ ଭରିଛି ।

ଭାରତର ୧୨ ମତ୍ସ୍ୟଜୀବୀଙ୍କୁ ଗିରଫକଲା ଶ୍ରୀଲଙ୍କା

କଲମ୍ବୋ, ୧୪।୧ (ଏଜେନ୍ସି): ଭାରତର ୧୨ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ଗିରଫ କରିଛି । ଏମାନଙ୍କର ୩ ଡଙ୍ଗାକୁ ମଧ୍ୟ ଜବତ କରି ନେଇଛି । ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ମତ୍ସ୍ୟଜୀବୀଙ୍କୁ କାଙ୍କେସନ୍ଥୁରାଇ ବନ୍ଦରକୁ ନିଆଯାଇଛି । ଏମାନେ ଶନିବାର ବେଆଇନ ଭାବେ ଶ୍ରୀଲଙ୍କା ସାମୁଦ୍ରିକ ସୀମାରେ ପ୍ରବେଶ କରି ଜାଫନା ଉପଦ୍ୱୀପରେ ମାଛ ମାରୁଥିଲେ ବୋଲି ଅଭିଯୋଗ କରାଯାଇଛି । ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ହେଲା ମତ୍ସ୍ୟଜୀବୀ ପ୍ରସଙ୍ଗରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ବିବାଦ ଚାଲିଛି । ଭାରତୀୟ ମତ୍ସ୍ୟଜୀବୀ ବେଆଇନ ଭାବେ ଦେଶର ସାମୁଦ୍ରିକ ସୀମାରେ ପ୍ରବେଶ କରୁଥିବା ନେଇ ଶ୍ରୀଲଙ୍କା ଅଭିଯୋଗ କରିଆସୁଛି ।

ସାଧୁ ଆକ୍ରମଣ ଘଟଣାରେ ଆଉ ଦୁଇ ଗିରଫ

କୋଲକାତା,୧୪।୧(ଏଜେନ୍ସି): ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାରେ ଗଙ୍ଗା ସାଗର ମେଳା ଅଭିମୁଖେ ଯାଉଥିବା ତିନି ସାଧୁଙ୍କ ଉପରେ ଆକ୍ରମଣ ଘଟଣାରେ ପୁଲିସ ଆଉ ଦୁଇ ଜଣଙ୍କୁ ରବିବାର ଗିରଫ କରିଛି । ପୂର୍ବରୁ ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଥିଲା । ଭାଷା ସମସ୍ୟାକୁ ନେଇ ସାଧୁ ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭୁଲ ବୁଝାମଣା ହେବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିଲା । ଉତ୍ତରପ୍ରଦେଶର ରାୟ ବରେଲିରୁ ତିନି ସାଧୁଙ୍କ ସହ ୫ ଜଣ ଏକ କାର୍‌ରେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲ୍ଲାସ୍ଥିତ ଗଙ୍ଗା ସାଗର ମେଳାରେ ଯୋଗ ଦେବାକୁ ଯାଉଥିବା ବେଳେ ସେମାନଙ୍କୁ ପୁରୁଲିଆ ନିକଟସ୍ଥ ଗୌରାଙ୍ଗଡିହ ଗ୍ରାମ ନିକଟରେ ସ୍ଥାନୀୟ ଲୋକ ଆକ୍ରମଣ କରିବା ସହ ସେମାନଙ୍କ ଗାଡି ଭାଙ୍ଗି ଦେଇଥିଲେ ।

ବେକରେ ମାଞ୍ଜା ସୂତା ଲାଗି ଯବାନଙ୍କ ମୃତ୍ୟୁ

ହାଇଦରାବାଦ୍,୧୪।୧(ଏଜେନ୍ସି): ଅନେକ ସମୟରେ ଗୁଡି ଉଡାଇବା ଲାଗି ବ୍ୟବହାର ହୋଇଥିବା ମାଞ୍ଜାସୂତା ବହୁ ଜୀବନ ନେଇଥିବାର ନଜିର ରହିଛି । ଏହାର ଭୟବହତାକୁ ନେଇ ପ୍ରତିବନ୍ଧକ ଲଗାଯାଇଥିଲେ ମଧ୍ୟ କେହି ମାନିବାକୁ ପ୍ରସ୍ତୁତ ନାହାନ୍ତି । ଏକ ସଦ୍ୟତମ ଘଟଣାରେ ଏହି ସୂତା ପାଇଁ ଜଣେ ଯବାନଙ୍କ ଜୀବନ ଯାଇଛି । ଏଭଳି ଘଟଣା ହାଇଦରାବାଦ୍‌ରେ ଘଟିଛି । ରବିବାର ସକାଳେ ଡ୍ୟୁଟି ସାରି ବାଇକ୍‌ରେ ଫେରୁଥିବା ଭାରତୀୟ ସେନାର ଯବାନ କେ କେତେଶ୍ୱର ରେଡ୍ଡିଙ୍କ ବେକରେ ମାଞ୍ଜା ସୂତା ଗୁଡେଇ ହୋଇଯାଇଥିଲା । ଏଥିରେ ତାଙ୍କ ବେକ କଟିଯିବାରୁ ସେ ଗୁରୁତର ହୋଇପଡ଼ିବା ସହ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ମଣିପୁରରୁ ରାହୁଲଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଆରମ୍ଭ

ଇମ୍ଫାଲ,୧୪।୧(ଏଜେନ୍ସି)

ପ୍ରାୟ ବର୍ଷକ ପରେ ଭାରତ ଯୋଡୋ ଯାତ୍ରାର ଦ୍ୱିତୀୟ ସଂସ୍କରଣ ଭାବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ମଣିପୁରରୁ ଭାରତ ଯୋଡୋ ନ୍ୟାୟଯାତ୍ରା ଆରମ୍ଭ କରିଛନ୍ତି । ଦଳର ବହୁ ବରିଷ୍ଠ ନେତାଙ୍କ ସହ ରାହୁଲ ରବିବାର ସକାଳେ ଏକ ଘରୋଇ ବିମାନରେ ଇମ୍ଫାଲରେ ପହଞ୍ଚିବା ପରେ ଖୋଙ୍ଗଜୋମ୍ ଠାରେ ୧୮ ୯୧ ଆଙ୍ଗଲୋ-ମଣିପୁର ଯୁଦ୍ଧ ସହିଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଏହାପରେ ସେ ଏଠାରେ ଆୟୋଜିତ ଏକ ରାଲିରେ ଯୋଗ ଦେଇ ଜନସଭାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ଗତବର୍ଷ ମେ ' ମାସରୁ ମଣିପୁରରେ ଆରମ୍ଭ ହୋଇଥିବା ସାଂପ୍ରଦାୟିକ ହିଂସା ଏବଂ ଏଥିରେ ହଜାର ହଜାର ପୀଡ଼ିତଙ୍କ ବେଦନାର କଥା କହିଥିଲେ । ବର୍ତ୍ତମାନ ସୁଦ୍ଧା ରାଜ୍ୟର ହଜାର ହଜାର ହିଂସା ପ୍ରପୀଡ଼ିତ ଲୋକ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଥିଲା ବେଳେ ମୋଦୀ ସରକାରଙ୍କ ଏଥିପାଇଁ ତିଳେ ମାତ୍ର ଶୋଚନା ନାହିଁ ବୋଲି ରାହୁଲ କହିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ମଣିପୁରକୁ ଭାରତ ଅଂଶ ଭାବୁ ନଥିବାରୁ ଆଜି ପର୍ଯ୍ୟନ୍ତ ସେ ପୀଡ଼ିତ ଲୋକଙ୍କ ଦୁର୍ଦ୍ଦଶା ଦେଖିବାକୁ ଥରକ ପାଇଁ ଆସିନାହାନ୍ତି ବୋଲି ରାହୁଲ କହିଥିଲେ । କେବଳ ମଣିପୁର ନୁହେଁ , କେନ୍ଦ୍ର ସରକାରଙ୍କ ନୀତିରେ ଜର୍ଜରିତ ଦେଶର ବିଭିନ୍ନ ଭାଗରେ ଲୋକଙ୍କୁ ନ୍ୟାୟ ଦେବାକୁ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଛି ବୋଲି ସେ କହିଥିଲେ ।

କଂଗ୍ରେସ ଛାଡ଼ି ଶିବସେନାରେ ମିଲିନ୍ଦ ଦେଓରା

କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିଥିବା ବେଳେ ଦଳର ଅନ୍ୟତମ ପ୍ରମୁଖ ନେତା ମିଲିନ୍ଦ ଦେଓରା କଂଗ୍ରେସ ଛାଡ଼ି ଶିବସେନାରେ ସାମିଲ ହୋଇଛନ୍ତି । ରବିବାର ସକାଳେ ମିଲିନ୍ଦ କଂଗ୍ରେସରୁ ଇସ୍ତଫା ଦେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ । ଏହା ପରେ ଔପଚାରିକ ଭାବରେ ସେ ଶିବସେନାରେ ସାମିଲ ହୋଇଥିବା ଘୋଷଣା କରିଥିଲେ । ଏହାଦ୍ୱାରା କଂଗ୍ରେସ ଦଳ ସହ ଦେଓରା ପରିବାରର ୫୫ ବର୍ଷର ସମ୍ପର୍କ ଛିନ୍ନ ହୋଇଛି । ମିଲିନ୍ଦଙ୍କ ବାପା ମୁରଲୀ ଦେଓରା କଂଗ୍ରେସର ଜଣେ ପ୍ରମୁଖ ନେତା ଥିଲେ । ମିଲିନ୍ଦ ମଧ୍ୟ ନିଜ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ନିଜର ରାଜନୀତିକ କ୍ୟାରିୟର ଗଢ଼ିଥିଲେ ।

● ଭାରତକୁ କଣ୍ଟ ଦେଲେ ମାଳଦ୍ୱୀପ ରାଷ୍ଟ୍ରପତି

ମାର୍ଚ୍ଚ ୧୫ ସୁଦ୍ଧା ସେନା ପ୍ରତ୍ୟାହାର କର

ନୂଆଦିଲ୍ଲୀ,୧୪।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲାକ୍ଷାଦ୍ୱୀପ ଗସ୍ତକୁ ନେଇ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ବିଗତ କିଛି ଦିନ ହେଲା ଚାଲିଥିବା ବିବାଦ ଥମିନାହିଁ । ମୋଦୀଙ୍କ ପ୍ରତି ମାଳଦ୍ୱୀପର ତିନି ମନ୍ତ୍ରୀଙ୍କ ଅପମାନସୂଚକ ବୟାନ ପରେ ସେମାନଙ୍କୁ ନିଲମ୍ବିତ କରାଯିବା ଏବଂ ଭାରତରେ ମାଳଦ୍ୱୀପ ବିରୋଧୀ ମାହୋଲ ସୃଷ୍ଟି ହେବା ଘଟଣା ଉଭୟ ରାଷ୍ଟ୍ର ମଧ୍ୟରେ ରହିଥିବା ସମ୍ପର୍କରେ ବାଧକ ସାଜିଛି । କିନ

ଜୟସ୍ୱାଲଙ୍କ ଅର୍ଦ୍ଧଶତକ

▶କ୍ରୀଡ଼ା ପୃଷ୍ଠାରେ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-201 ◆BHUBANESWAR ◆MONDAY ◆15 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୧ ◆ଭୁବନେଶ୍ୱର ◆ସୋମବାର ◆୧୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ପୌଷ ଶୁକ୍ଳ ସପ୍ତମୀରେ ପ୍ରକଳ୍ପ ଲୋକାର୍ପଣ

ଆଜିଠୁ ଶ୍ରୀମନ୍ଦିର 'ପରିକ୍ରମା' ମହାଯଜ୍ଞ

■ **ପୁରୀ, ୧୪।୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଉତ୍ସବମୁଖର ଶ୍ରୀକ୍ଷେତ୍ର। ଯଜ୍ଞ ମଣ୍ଡପ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୃଷ୍ଟି ହୋଇଛି ଭିନ୍ନ ଏକ ଆଧ୍ୟାତ୍ମିକ ପରିବେଶ। ପବିତ୍ର ମକର ସଂକ୍ରାନ୍ତି ଅର୍ଥାତ୍ ପୌଷ ଶୁକ୍ଳ ପଞ୍ଚମୀ ତିଥିରୁ ଆରମ୍ଭ ହେବ ତ୍ରିଦିନାତ୍ମକ ଯଜ୍ଞ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଯଜ୍ଞ ପ୍ରକ୍ରିୟାର ତୃତୀୟ ଦିବସରେ ରବିବାର ଅଙ୍କୁରପୂଜନ ସମାପ୍ତ ହେବା ପରେ ଯଜ୍ଞ ମଣ୍ଡପରେ ସମସ୍ତ ମଣ୍ଡଳ ସ୍ଥାପନ ଶେଷ ହୋଇଛି। ନିକଟସ୍ଥ ମଠ କୂଅରୁ ଜଳ ଆଣି ଅଧିବାସ କାର୍ଯ୍ୟ ସରିଛି। ସୋମବାର ସକାଳ ସାଢେ ୬ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳପୂଜନ ହେବ। ସେହିପରି ସକାଳ ସାଢେ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଙ୍କୀର୍ତ୍ତନ କରାଯିବ। ଅପରାହ୍ନ ୩ଟାରେ ଶ୍ରୀମନ୍ଦିର ରୋଷଶାଳାରୁ ଅଗ୍ନି ଆସି ଯଜ୍ଞ ଆରମ୍ଭ ହେବ। ସନ୍ଧ୍ୟା ୬ଟା ମଧ୍ୟରେ ବୈଷ୍ଣବାଗ୍ନି ସଂସ୍କାର, ହବନ, ଆରତି, ପୁଷ୍ପାଞ୍ଜଳି ଓ ପ୍ରଦକ୍ଷିଣ କରାଯିବ। ମହାପ୍ରଭୁଙ୍କ ସ୍ମରଣ କରି ଏହି ଯଜ୍ଞ ଆରମ୍ଭ ହେବ। ଯଜ୍ଞ ମଣ୍ଡପ ପରି ଶ୍ରୀମନ୍ଦିର ଚାରି ଦ୍ୱାରରେ ବେଦ ପାଠ ପାଇଁ ସ୍ୱତନ୍ତ୍ର ଭାବେ ମଣ୍ଡପ ପ୍ରସ୍ତୁତ କରାଯାଇଛି। ପ୍ରତି ଦ୍ୱାରରେ ୧୫ ଜଣ ଲେଖାଏଁ ୬୦ ଜଣ ବେଦଜ୍ଞ ପଣ୍ଡିତ ବେଦ ପାଠ କରିବେ। ପୂର୍ବ ବା ସିଂହଦ୍ୱାରରେ ଋକ୍ ବେଦ, ପଶ୍ଚିମ ଦ୍ୱାରରେ ସାମ୍ ବେଦ, ଉତ୍ତର ଦ୍ୱାରରେ ଅଥର୍ବ ବେଦ, ଦକ୍ଷିଣ ଦ୍ୱାରରେ ଯଜୁର୍ବେଦ ପାଠ କରାଯିବ।

- ଶ୍ରୀମନ୍ଦିର ଚାରିଦ୍ୱାରରେ ହେବ ବେଦ ପାରାୟଣ
- ଅନ୍ତଃପ୍ରଦକ୍ଷିଣ ପଥରେ କରାଯିବ ନାମ ସଂକୀର୍ତ୍ତନ
- ଆଜି ଶ୍ରୀମାର୍ଗ ଓ ଶ୍ରୀସେତୁରେ ପରୀକ୍ଷାମୂଳକ ଯାତ୍ରା

ଅନ୍ୟପକ୍ଷରେ ରବିବାର ଲୋକାର୍ପଣ ପାଇଁ ଥିବା ପଥରକୁ ଖୋଦେଇ କରାଯାଇ ଅଷ୍ଟଧାତୁ ଲେଖା ଫଳକ ଲଗାଯାଇଛି। ଏହି ଫଳକରେ 'ଶ୍ରୀ ଶ୍ରୀ ଜଗନ୍ନାଥାୟ ନମଃ'। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭ ପ୍ରତିଷ୍ଠା ଓ ଲୋକାର୍ପଣ, ପୌଷ ଶୁକ୍ଳ ସପ୍ତମୀ, ୧୭ ତାରିଖ ବୁଧବାର' ଲେଖାଯାଇଛି। ▶ପୃଷ୍ଠା-୧୧

୧୭ ତାରିଖ ସରକାରୀ ଛୁଟି

■ **ଭୁବନେଶ୍ୱର, ୧୪।୧(ସମିସ):** ଆସନ୍ତା ୧୭ ତାରିଖ ଦିନ ପୁରୀଠାରେ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଭକ୍ତି ସହକାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦିନକୁ ରାଜ୍ୟବାସୀ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ରାଜ୍ୟ ସରକାର ସେମାନଙ୍କୁ ଏକ ଖୁସି ଖବର ଦେଇଛନ୍ତି। ଏହି ଦିନକୁ ସରକାରୀ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୭ ତାରିଖ ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ସ୍କୁଲ ଓ କଲେଜ ବନ୍ଦ ରହିବ।

ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପ ଓଡ଼ିଆ ଅସ୍ମିତାର ଅନନ୍ୟ ନିଦର୍ଶନ ହେବାକୁ ଯାଉଛି। ଜଗତର ନାଥ ଓ ଆରାଧ୍ୟ ଦେବତା ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଉକ୍ତ ଦିନ ପୁରୀରେ ଶ୍ରଦ୍ଧାଳୁମାନେ ଯେପରି ଆନନ୍ଦସହକାରେ ପହଞ୍ଚି ମହାପ୍ରଭୁଙ୍କୁ ଭକ୍ତିଅର୍ଘ୍ୟ ବାଢ଼ିପାରିବେ, ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି।

ପ୍ରସ୍ତୁତି ତଦାରଖ କଲେ '୫-ଟି' ଅଧ୍ୟକ୍ଷ

■ **ପୁରୀ, ୧୪।୧ (ସମିସ):** ଆଉ ଦୁଇଦିନ ପରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି ଲୋକାର୍ପଣ ଉତ୍ସବ ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସକାଳେ '୫-ଟି' ଅଧ୍ୟକ୍ଷ ପୁରୀରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ବୁଲି ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅନୁଧ୍ୟାନ କରିଥିଲେ। ଉତ୍ସବ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ଯଜ୍ଞସ୍ଥଳ, ଉଦ୍‌ଘାଟନ ଫଳକ ସ୍ଥଳ ଓ ଅତିଥିଙ୍କ ବସିବା ସ୍ଥାନ ବୁଲିବା ସହ ଲୋକାର୍ପଣ ଉତ୍ସବର ସଫଳତା ନେଇ ପରାମର୍ଶ ଦେଇଥିଲେ। ଏହି ସମୟରେ ଭକ୍ତଙ୍କ ଆଗମନ ଏବଂ ଦର୍ଶନ ନେଇ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଶ୍ରୀମାର୍ଗର ତଦାରଖ କରିଥିଲେ । ଅଭ୍ୟର୍ଥନା କେନ୍ଦ୍ରଠାରୁ ଶ୍ରୀମାର୍ଗ ଦେଇ ଜଗନ୍ନାଥ ବଲ୍ଲଭ ପିଲାଗ୍ରୀମ ସେଣ୍ଟର (ଜେବିପିସି) ପର୍ଯ୍ୟନ୍ତ ▶ପୃଷ୍ଠା-୧୧

ଯଜ୍ଞସ୍ଥଳ, ଶ୍ରୀମାର୍ଗ, ଜେବିପିସି, ଅସ୍ଥାୟୀ ହେଲିପ୍ୟାଡ୍ ଓ ସମଙ୍ଗ ପାର୍କିଂ ବୁଲି ଦେଖିଲେ

'ଗଜ ସାଥୀ' ଢାଞ୍ଚାରେ 'କୁମ୍ଭୀର ବନ୍ଧୁ'

ସୁନିଶ୍ଚିତ ହେବ ରାଜ୍ୟରେ ଘଡ଼ିଆଳଙ୍କ ସୁରକ୍ଷା

■ **ଭୁବନେଶ୍ୱର, ୧୪।୧ (ସମିସ):** ରାଜ୍ୟରେ ଘଡ଼ିଆଳ କୁମ୍ଭୀରଙ୍କ ସୁରକ୍ଷା ଓ ସଂରକ୍ଷଣ ସୁନିଶ୍ଚିତ କରିବେ 'କୁମ୍ଭୀର ବନ୍ଧୁ'। ବଡଳା କୁମ୍ଭୀରଙ୍କ ସଂଖ୍ୟା ଓ ସଂରକ୍ଷଣ ଦୃଷ୍ଟିରେ ଭିତରକନିକା ବର୍ତ୍ତମାନ ଦେଶ ବିଦେଶରେ ପରିଚୟ ପାଇଛି। କୁମ୍ଭୀରଙ୍କ ଅନ୍ୟ ଏକ ପ୍ରଜାତି ମଗରଙ୍କ ସଂଖ୍ୟା ମଧ୍ୟ ଓଡ଼ିଶାରେ ବେଶ୍ ଭଲ ରହିଛି। ଏହି ଦୁଇ ପ୍ରଜାତିଙ୍କ ଭଳି ଘଡ଼ିଆଳଙ୍କ ସଂଖ୍ୟା କିପରି ବୃଦ୍ଧି ପାଇବ ତାକୁ ବନ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ 'ଗଜ ସାଥୀ' ଢାଞ୍ଚାରେ 'କୁମ୍ଭୀର ବନ୍ଧୁ' ନାମରେ ଏକ ଯୋଜନା ପ୍ରସ୍ତୁତ କରିଛି ବନ ବିଭାଗ। ଘଡ଼ିଆଳଙ୍କ ସଂରକ୍ଷଣ ଓ ସଂଖ୍ୟା ବୃଦ୍ଧି ପାଇଁ ଏହି 'କୁମ୍ଭୀରବନ୍ଧୁ'ମାନେ

ସଂରକ୍ଷଣ ପାଇଁ ମତ୍ସ୍ୟଜୀବୀଙ୍କୁ କରାଯିବ ସଚେତନ

କାର୍ଯ୍ୟ କରିବେ। ଘଡ଼ିଆଳ କୁମ୍ଭୀର ସାଧାରଣତଃ ମିଠା ପାଣିରେ ରହିଥାନ୍ତି। ବର୍ତ୍ତମାନ ସାତକୋଶିଆ ଗଣ୍ଡ ସେମାନଙ୍କର ମୁଖ୍ୟ ରହଣିସ୍ଥାନ ପାଲଟିଥିବା ବେଳେ ମହାନଦୀରେ ନରାଜ ପର୍ଯ୍ୟନ୍ତ ଘଡ଼ିଆଳ କୁମ୍ଭୀର ବିଚରଣ କରୁଛନ୍ତି। ଘଡ଼ିଆଳଙ୍କର କେବଳ ମାଛକୁ ସେମାନଙ୍କ ଆହାର ଭାବେ ବ୍ୟବହାର କରୁଥିବା ବେଳେ ଏ ସମ୍ପର୍କରେ ଅନେକ ଲୋକ ଅବଗତ ନାହାନ୍ତି। ଯାହାଦ୍ୱାରା ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିବା ଓ ଘଡ଼ିଆଳ କୁମ୍ଭୀର ଦେଖି ଅନ୍ୟମାନେ ଆତଙ୍କିତ ହୋଇ କୁମ୍ଭୀରଙ୍କୁ ମାରିବା ଭଳି ଘଟଣା ମଧ୍ୟ ଘଟିଥିବା ନଜିର ରହିଛି। ତେଣୁ ଲୋକଙ୍କ ମଧ୍ୟରେ ଘଡ଼ିଆଳ କୁମ୍ଭୀର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ତଙ୍କୁ ସଂରକ୍ଷଣରେ ସାମିଲ କରିବା ପାଇଁ ବନ ବିଭାଗ ଏହି ନିଷ୍ପତ୍ତି ନେଇଛି। ▶ପୃଷ୍ଠା-୧୧

■ **ଏମିତି ବି ଆସେ ମୃତ୍ୟୁ!**

ଖେଳୁଖେଳୁ ଟଳିପଡ଼ିଲେ

■ **ମାଣତ୍ରୀ, ୧୪।୧ (ସମିସ):** ଖେଳୁଖେଳୁ ଟଳି ପଡ଼ିଲେ ଯୁବକ। ଏମିତି ଏକ ଅଘଟଣ ଘଟିଛି, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ମିନି ଷ୍ଟାଡିୟମ୍‌ରେ। ମୃତକ ହେଲେ, ମାଣତ୍ରୀର ବୈଦନାଥ କରଙ୍କ ଏକମାତ୍ର ପୁଅ ବିକାଶ (୨୮)। ବିକାଶ ଆଜି ସାଙ୍ଗମାନଙ୍କ ସହ ପଡ଼ିଆରେ କ୍ରିକେଟ୍ ଖେଳୁଥିବା ବେଳେ ହଠାତ୍ ତଳେ ପଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମାଣତ୍ରୀ ଫାଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ହୃଦ୍‌ଘାତରେ ବିକାଶଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ଆଜିଠୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

ବରଗଡ଼ରେ କଂସ ରାଜୁତି

■ **ବରଗଡ଼, ୧୪।୧(ସମିସ):** ସୋମବାରଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ। ବରଗଡ଼ରେ ହୋଇଆସୁଥିବା ଏହି ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ୧୧ ଦିନ ଧରି ଚାଲିବ। ଏହି ସମୟରେ ବରଗଡ଼ ସହର, ମଥୁରାନଗରୀ ଏବଂ ଉପକଣ୍ଠରେ ଥିବା ଅମ୍ବାପାଲି ଗାଁ ଗୋପପୁର ପରିଗଣିତ ହୁଏ। ଏହା ମଝିରେ ପ୍ରବାହିତ ହେଉଥିବା ଜୀରା ନଦୀ, ଯମୁନା ନଈରେ ପରିଗଣିତ ହେବ। ବରଗଡ଼ ସହରର ଜନସାଧାରଣ ମଥୁରାନଗରୀର ପ୍ରଜା ଏବଂ ଅମ୍ବାପାଲିରେ ସମସ୍ତେ ଗୋପପୁରବାସୀ ଭାବେ ଏହି ବର୍ଣ୍ଣାଢ୍ୟ ଅଭିନୟ ପରମ୍ପରାରେ ସାମିଲ ହେବେ। ଚଳିତବର୍ଷ ୭୬ ବର୍ଷରେ ପଦାର୍ପଣ କରୁଛି ଏହି ମହୋତ୍ସବ। ଏଥିପାଇଁ ସହରସାରା ଉଜ୍ଜ୍ୱଳ ଆଲୋକମାଳାରେ ▶ପୃଷ୍ଠା-୧୧

ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚରେ ୧୧ ଦିନ ଧରି ଚାଲିବ ଅଭିନୟ

ବରଗଡ଼ ସହର ହେବ ମଥୁରାନଗରୀ, ଅମ୍ବାପାଲୀ ପାଲଟିବ ଗୋପପୁର

ଜୀରା ନଦୀ ସାଜିବ ଯମୁନା

ଲୋକକଥା

ଆଉ ଦୁଇଦିନ ରହିଲା ମାତର
ପରିକ୍ରମା ଲୋକାର୍ପଣ
କେତେ ବାଗେ କେତେ ଢଙ୍ଗରେ ସଜେଇ
ହେଲାଣି ଶ୍ରୀକ୍ଷେତ୍ର ଜାଣ
ଉଲ୍ଲସିତ ଭକ୍ତ ପ୍ରାଣ
ଶଙ୍ଖକ୍ଷେତ୍ର ପାଇଁ ଶଙ୍ଖ ସରକାର
ସୃଷ୍ଟି କରେ ଜାଗରଣ ॥

'ଟେଷ୍ଟ ଆଟ୍‌ଲାସ୍'ରେ ବିଶ୍ୱ ମାନ୍ୟତା

ଭାରତୀୟ ବାସୁମତି ଶ୍ରେଷ୍ଠ

■ **ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ଭାରତୀୟ ବାସୁମତି ଚାଉଳକୁ ବିଶ୍ୱର ଶ୍ରେଷ୍ଠ ଚାଉଳ ମାନ୍ୟତା ମିଳିଛି। ଲୋକପ୍ରିୟ ଖାଦ୍ୟ ବିଶ୍ଳେଷଣକାରୀ ସଂସ୍ଥା 'ଟେଷ୍ଟ ଆଟ୍‌ଲାସ୍' ପକ୍ଷରୁ ବାସୁମତି ଚାଉଳକୁ ବର୍ଷ ୨୦୨୩-୨୪ ପାଇଁ ବିଶ୍ୱର ସର୍ବୋତ୍ତମ ଚାଉଳ ମାନ୍ୟତା ପ୍ରଦାନ କରାଯାଇଛି। ନିକଟରେ ଏହି ସଂସ୍ଥା ବିଶ୍ୱର ୧୦୦ ଶ୍ରେଷ୍ଠ ବ୍ୟଞ୍ଜନ ତାଲିକାରେ ଭାରତକୁ ୧୧ ତମ ସ୍ଥାନରେ ରଖିଥିଲା। ଏବେ ଭାରତର ବାସୁମତି ଚାଉଳକୁ 'ଟେଷ୍ଟ ଆଟ୍‌ଲାସ୍' ଦୁନିଆର ସବୁଠାରୁ ଭଲ ଚାଉଳ ବୋଲି କହିଛି।

ସୁଗନ୍ଧିତ ବାସୁମତି ଚାଉଳ ଶତାବ୍ଦୀ ଧରି ଭାରତୀୟ ଉପମହାଦେଶୀୟ ହିମାଳୟ ପାଦଦେଶର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଉତ୍ପାଦନ ହୋଇ ଆସୁଛି। ଭାରତ ସମେତ ପାକିସ୍ତାନରେ ମଧ୍ୟ ଏହି

ଭାରତରେ ଉତ୍ପାଦିତ ହେଉଛି ୩୪ ପ୍ରକାରର ବାସୁମତି

ଚାଉଳ ଉତ୍ପାଦନ କରାଯାଉଛି। ଏହାର ସ୍ୱାଦ ଓ ସୁଗନ୍ଧ ହେଉଛି ଏହି ଚାଉଳର ସ୍ୱତନ୍ତ୍ରତା। ଭାରତରେ ୩୪ ପ୍ରକାରର ବାସୁମତି ଚାଉଳ ଉତ୍ପାଦନ କରାଯାଇଥାଏ। ଏଥିରେ ବାସୁମତି ୨୧୭, ବାସମତି ୩୭୦, ଟାଇପି-୩(ଡେରାଡୁନୀ ବାସୁମତି), ପଞ୍ଜାବ ବାସୁମତି୧(ବଉନୀ ବାସୁମତି), ପୁସା ବାସୁମତି୧, କସ୍ତୁରି, ହରିୟାଣା ବାସୁମତି ୧, ମାହି ସୁଗନ୍ଧା, ତରୌରି ବାସୁମତି(ଏଚ୍‌ବିସି ୧୯/ କର୍ଣ୍ଣାଲ ଲୋକାଲ), ରଣବୀର ବାସୁମତି, ବାସୁମତି ୨୮୬ ଆଦି ରହିଛି। ଏଗ୍ରିକଲଚରାଲ ଆଣ୍ଡ ପ୍ରୋସେସଡ ଫୁଡ ପ୍ରଡକ୍ଟସ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥୋରିଟି ଏପିଇଡିଏର ସୂଚନା ଅନୁଯାୟୀ, ଭାରତ ହେଉଛି ବିଶ୍ୱର ସବୁଠାରୁ ସର୍ବାଧିକ ବାସୁମତି ଚାଉଳ ରପ୍ତାନକାରୀ ରାଷ୍ଟ୍ର। ଭାରତରୁ ସାଉଦି ଆରବ, ଇରାନ, ଇରାକ, ୟୁନାଇଟେଡ୍ ଆରବ ଏମିରାଟ୍ ଏବଂ ୟେମେନ୍ ରିପବ୍ଲିକ୍‌କୁ ଚାଉଳ ରପ୍ତାନୀ କରାଯାଉଛି।

ପରିତ୍ୟକ୍ତ ବାରିରୁ ଶିଶୁର କଟାମୁଣ୍ଡ ଠାବ

ତନ୍ତ୍ରସାଧନା ପାଇଁ ବଳି ସନ୍ଦେହ

■ **ବ୍ୟାସନଗର/ଶଙ୍ଖଚିଲା, ୧୪।୧(ସମିସ):** ପରିତ୍ୟକ୍ତ ବାରିରୁ ଏକ ଅଜଣା ଶିଶୁର କଟାମୁଣ୍ଡ ଠାବ ହେବା, ପରେ ଉକ୍ତ କଟାମୁଣ୍ଡକୁ କୁକୁର ନେଇଯିବା ଭଳି ଘଟଣା ଯାଜପୁର ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ରସୁଲପୁର ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତର ରାଧାନଗର(ଦସ୍ତୁରୀପାଟଣା) ଗ୍ରାମରେ ଏହି ଘଟଣା ଘଟିଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଯାଜପୁରରୋଡ୍ ପୁଲିସ ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ଡେରା ପକାଇବା ସହ ଯାଞ୍ଚ ଚଳାଇଛନ୍ତି।

- କଟାମୁଣ୍ଡ ଟାଣି ନେଇଗଲା କୁକୁର
- ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ପରୀକ୍ଷା ପାଇଁ ଗଲା ମାଂସ, ରକ୍ତ ନମୁନା

ଉପଖଣ୍ଡ ଅଧିକାରୀ ସଞ୍ଜୟ ପଟ୍ଟନାୟକ ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ସୁଦ୍ଧା, ପୁଲିସ ଉକ୍ତ କଟାମୁଣ୍ଡ ▶ପୃଷ୍ଠା-୧୧

ବାର୍ଷିକ ସମ୍ମିଳନୀ ଓ ଫକୀରମୋହନ ଜୟନ୍ତୀ ପାଳିତ

ବାଲେଶ୍ୱର, ୧୪।୧(ସମିସ): ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ଓ ବ୍ୟାସକବି ନଗର ବିକାଶ ପରିଷଦର ୩୨ତମ ବାର୍ଷିକ ଉତ୍ସବ ସହଦେବଖୁଣ୍ଟା ସ୍ଥିତ ବିଶ୍ୱେଶ୍ୱର ଶିବମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିଷଦର ସଭାପତି ରଞ୍ଜନ କୁମାର ଭୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ନିଜର ମତ ରଖିଥିଲେ। ମୁଖ୍ୟବକ୍ତା କବି କାଳିପଦ ପଣ୍ଡା ଫକୀରମୋହନଙ୍କ ସୃଷ୍ଟି ସମ୍ଭାରରେ ସାଧାରଣ ବର୍ଗର ମଣିଷମାନଙ୍କୁ ନେଇ ଗଳ୍ପ, କବିତା, ଉପନ୍ୟାସ ଓ ଭ୍ରମଣ କାହାଣୀ ଲେଖି ଓଡ଼ିଆ ଭାଷାକୁ ଜନାଦୃତ କରିପାରିଥିଲେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରିଟର ଅଧକ୍ଷ ଆଲୋକ କୁମାର ସାହୁ, ପୌରାଧକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ କିଶୋର ଦାଶ, ପୂର୍ବତନ ଉପନଗରପାଳ ମନୋଜ ରାଉତ, କାଉନସିଲର ଦେବାଶିଷ ସିଂହ ଓ ଶଶିରେଖା ମହାନ୍ତି ଯୋଗ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ଉପାଧ୍ୟାୟ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ନରେନ୍ଦ୍ର କୁମାର ସ୍ୱାଇଁ ବାର୍ଷିକ ବିବରଣୀ ସହ ଆୟବ୍ୟୟର ହିସାବ ଓ ନୂତନ କର୍ମକର୍ତ୍ତାଙ୍କ ନାମ ପାଠ କରିଥିଲେ। ଅଖିଳ କୁମାର ଦାସ, ଭଗବାନ ମହନୀ, ନିରଞ୍ଜନ ପରିଡ଼ା ଓ ଅକ୍ଷୟ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।ଏହି ଅବସରରେ ପରିଷଦର ପାଞ୍ଚ ଜଣ ବରିଷ୍ଠ ସଦସ୍ୟ ଓ ବିଶେଷ ସେବା ପ୍ରଦାନ ପାଇଁ ଦୁଇ ଜଣଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଡମ୍ବରୁଧର ପ୍ରଧାନ, ସଞ୍ଜୟ କୁମାର ଚୌଧୁରୀ, ବିନୋଦ ବିହାରୀ ପଣ୍ଡା, ଅଶୋକ କୁମାର ଦାଶ, ରାଜକିଶୋର ରାଉତ, ସରସ୍ୱତୀ ପଣ୍ଡା, ଅର୍ଚ୍ଚନା ସେନ, ନିହାରିକା ପଟ୍ଟନାୟକ, ମାମିନା ମିଶ୍ର, ସଞ୍ଜୁଲତା ବେହେରା, ରଜତ ପରିଡ଼ା, ସୁବ୍ରତ ଦାଶ, ମୁକୁନ୍ଦ ମୁରାରୀ ଦାସ, ଗୁଣାକର ଦେ, ଆଦିତ୍ୟ ମହାନ୍ତି ଓ ଅରବିନ୍ଦ ବେଜ ପ୍ରମୁଖ ପରିଚାଳନା କରିଥିଲେ।

ବାର୍ଷିକ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ବଲେଶ୍ୱର, ୧୪।୧(ସମିସ): ବଉଳଗଡ଼ିଆ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ ଓ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଛି। ବିବେକାନନ୍ଦ ଆଦର୍ଶରେ ଅନୁପ୍ରାଣିତ ହେଲେ ଛାତ୍ର ଟିଏ ଆଦର୍ଶ ଓ ମହାନ ହୋଇ ଉଠିବ। ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କ ଚରିତ୍ର ଗଠନ ଓ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଶାନ୍ତ କୁମାର ମଲ୍ଲିକ, ପରିଷଦର ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ, ବରିଷ୍ଠ ନୀଳଗିରି ସଂକୁଳ ପ୍ରମୁଖ ନରେନ୍ଦ୍ର ରାଉତ, ଜମିଦାତା ଯୋଗେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁଜୀ ଇଶ୍ୱର ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ବେଳେ ବରିଷ୍ଠ ଗୁରୁଜୀ ସନ୍ତୋଷ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କଣ୍ଡୁରୀ ଚରଣ ରଣା ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଅନୁଷ୍ଠାନ ଗଠନର ଆଭିମୁଖ୍ୟ କହିଥିଲେ। ଏହି ଅବସରରେ ସମଗ୍ର ରାଜ୍ୟ ଓ ବ୍ଲକସ୍ତରରେ ମେଧାବୃତ୍ତି ପରୀକ୍ଷାର ପ୍ରଥମ ଓ ଦ୍ୱିତୀୟ ହୋଇଥିବା ଛାତ୍ରୀ ପ୍ରତିପ୍ରଜ୍ଞକ୍ଷ ରାଜ ଓ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତୀଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ଉତ୍କଳ ପରିଷଦ ତରଫରୁ ବରିଷ୍ଠ ପଥର ଶିଳ୍ପୀ ହେମନ୍ତ ମହାନ୍ତିଙ୍କୁ ଚଳିତ ବର୍ଷ ବିଶୁ ମହାରଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁଜୀ ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୪।୧(ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଚଳିତଶିକ୍ଷା ବର୍ଷ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶ ଅନୁସାରେ ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରଦୀପ କୁମାର ରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଉତ୍ତର ଓଡ଼ିଶା କାଉନସିଲ ଜୋନ୍‌ର ଉପ ସଚିବ ଡ. ଜୟଦେବ ପ୍ରମାଣିକ ଓ ମୁଖ୍ୟ ବକ୍ତା ବିଶିଷ୍ଟ କବି ପ୍ରଶାନ୍ତ ଦାସ ଉପସ୍ଥିତ ଥିଲେ। ଡ. ସନ୍ତୋଷ କୁମାର ରାଉତ, ଜିଲ୍ଲା ସଂଯୋଜକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ନୋଡାଲ ଅଧିକାରୀ ଶୁଭଶ୍ରୀ ସ୍ୱାଇଁ, ଅନୁପମା ବେହେରା ଓ ଅସ୍ମିତା ଗୁରିଆ କାର୍ଯ୍ୟକ୍ରମର ପରିଚାଳନାରେ ପ୍ରମୁଖ ଭୂମିକା ତୁଲାଇ ଥିଲେ। ଅଧ୍ୟାପିକା ବନିତା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଫକୀରମୋହନଙ୍କ ଜୟନ୍ତୀ ଓ ବାର୍ଷିକ ଉତ୍ସବ

'ସାହିତ୍ୟ ବିନା ପୂର୍ଣ୍ଣାଙ୍ଗ ମଣିଷ ନିର୍ମାଣ ହୋଇପାରେ ନାହିଁ'

ବାଲେଶ୍ୱର, ୧୪।୧(ସମିସ):

ସାହିତ୍ୟ ବିନା ଜୀବନ ନିରର୍ଥକ ସଙ୍ଗେ ସମାନ। ଏଣୁ ସାହିତ୍ୟ ନ ଥିଲେ ପୂର୍ଣ୍ଣାଙ୍ଗ ମଣିଷ ନିର୍ମାଣ ହୋଇପାରେ ନାହିଁ ବୋଲି ଆଜି ବ୍ୟାସକବିଙ୍କ ଜୟନ୍ତୀ ଓ ଫକୀରମୋହନ ସାହିତ୍ୟ ପରିଷଦର ୭୭ତମ ବାର୍ଷିକ ଉତ୍ସବ ଶାନ୍ତିକାନନ ପରିସରରେ ଉଦ୍‌ଘାଟନ ଅବସରରେ ଉଦଘାଟକ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସେହ କହିଛନ୍ତି ଯେ, ଯେଉଁଠି ରାଜା ରାଜୁଡ଼ା ଶାସନ ଥିଲା ସେ ସମୟରେ ସାହିତ୍ୟ ଏତେ ଆଦୃତ ନ ଥିଲା। କିନ୍ତୁ ଫକୀରମୋହନଙ୍କ କାଳଯୟୀ ସୃଷ୍ଟି ସାହିତ୍ୟର ମୋଡକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେଇଥିଲେ। ଫକୀରମୋହନଙ୍କ ସାହିତ୍ୟ ଆମକୁ ସବୁବେଳେ ପ୍ରେରଣା ଦେଇଥାଏ। ଭଲ ଲୋକ ସମାଜରେ ସୃଷ୍ଟି ନହେଲେ ସମାଜ ପଙ୍ଗୁ ହୋଇଯିବ। ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯଶସ୍ୱୀ ପ୍ରାବନ୍ଧିକ ଡ. କୈଳାସଚନ୍ଦ୍ର ଦାଶ ଯୋଗଦଇ ନିଜର ମତ ରଖିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ବରିଷ୍ଠ ସାରସ୍ୱତ ସାଧକ ଡ ପ୍ରହ୍ଲାଦ ଚରଣ ମହାନ୍ତି, ଆଲୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି କାର୍ଯ୍ୟନିର୍ବାହୀ ଅଧିକାରୀ ଶରିଶଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଷଦର ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ପରିଷଦର ଯୁଗ୍ମ ସମ୍ପାଦକ ଡ ସାରଙ୍ଗଧର ତ୍ରିପାଠୀ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କଟକସ୍ଥିତ ଉଚ୍ଚ ନ୍ୟାୟଳୟର ଅଧିବକ୍ତା କରୁଣାକର ରଥ ଶେଷକଥା ରଖିଲେ। ଅଶୋକ ମହାନ୍ତିଙ୍କ ସ୍ମୃତିରେ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଶିଳ୍ପୀକବି ଅଶୋକ ମହାନ୍ତିଙ୍କ ସ୍ମୃତିରେ ଫକୀରମୋହନ କବିତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସିନ୍ଧୁଦେବୀଙ୍କ ସ୍ମୃତିରେ ବିଜ୍ଞାନ ଭିତିକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପରିଷଦର କୋଷାଧକ୍ଷ ତପନ ରାୟଙ୍କ ସଂଯୋଜନାରେ ପୁରସ୍କୃତ କରାଯାଇଥିଲା। ଶେଷରେ ଏହି ମଞ୍ଚରେ ନାଟକ 'ସୁଅ'ମଞ୍ଚସ୍ଥ ହୋଇଥିଲା।

ଏନ୍‌ଏସ୍‌ଏସ୍ ରାଷ୍ଟ୍ରୀୟ ସଂହତି ଶିବିର

ଅରୁଣାଚଳ ପ୍ରଦେଶରେ ଓଡ଼ିଶାର ଯୋଗଦାନ

ବାଲେଶ୍ୱର, ୧୪।୧(ସମିସ): ରାଷ୍ଟ୍ରୀୟ ସେବା ଯୋଜନା ଆନୁକୂଲ୍ୟରେ ୭ଦିନ ବ୍ୟାପୀ ରାଷ୍ଟ୍ରୀୟ ସଂହତି ଶିବିର ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ଡେରା ନତୁଙ୍ଗ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ୧୦ ଜଣ ଛାତ୍ରଛାତ୍ରୀ, କରଞ୍ଜିଆ ସ୍ୱୟଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଫିସର ଅଧ୍ୟାପକ ସିପୁନ କୁମାର ଦାସଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ।ଶିବିରରେ ଦେଶର ୧୫ ଟି ରାଜ୍ୟରୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ଏହା ଏକ ରାଷ୍ଟ୍ରୀୟ ଶିବିର ଥିଲା। ଦେଶର ଯୁବବର୍ଗ ମାନଙ୍କ ମଧ୍ୟରେ ଥିବା ସଂକୀର୍ଣ୍ଣ ଆଞ୍ଚଳିକତାମନାକୁ ଦୂରକରି ଏକ ଶ୍ରେଷ୍ଠ ଭାରତ ବର୍ଷ ଗଠନ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା। 'ବିକଶିତ ଯୁବା ବିକଶିତ ଭାରତ' ଏହାର ବାକ୍ୟାଂଶ ଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରଛାତ୍ରୀଙ୍କୁ ଏହି ଜାତୀୟ ଶିବିରରେ ଯୋଗ ଦେଇଥିବା ହେତୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ବିମଳ ମଲ୍ଲିକ, ବିକାଶ ମାଝୀ, ଅଙ୍କିତା ଦାସ, ବର୍ଷା ପ୍ରିୟଦର୍ଶିନୀ ମହାନ୍ତି, ହୃଷିକେଶ ତିଆଡି ଏହି ଶିବିରରେ ଉପସ୍ଥିତ ରହିଥିଲେ। ଏହିପ୍ରକାର ଶିବିରଗୁଡ଼ିକରେ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ତଥା ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଜାତୀୟତାଭାବ ଆସିବା ସହ ନୂତନ ଦିଗଦର୍ଶନର ସଞ୍ଚାର ଓ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି କରି ପାରିଛି ବୋଲି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ବ୍ୟୁରୋ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଜିଲ୍ଲାର ଗୌରାଙ୍ଗ ପଣ୍ଡା ତଥା ଭଦ୍ରକ ଜିଲ୍ଲା ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝାଙ୍କ ସହଯୋଗ ଓ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଏହି ଗସ୍ତ ସଫଳ ହୋଇଅଛି। ଉଭୟ ବିଶ୍ୱବିଦ୍ୟାଳୟ ତରଫରୁ ଏନ୍‌ଏସ୍‌ଏସ୍ ରିଜିଓନାଲ ଡାଇରେକ୍ଟର ସରିତା ପଟେଲ ଓ ରାଜ୍ୟ ନୋଡାଲ ଅଧିକାରୀ ଡ. ରମେଶ ବେହେରାଙ୍କୁ ଧନ୍ୟବାଦ ଦିଆଯାଇଛି।

ନୀରବି ଗଲେ ନବକିଶୋର

ବାଲେଶ୍ୱର, ୧୪।୧(ସମିସ): ଖଇରା ବ୍ଲକ ସାରଡ଼ାଙ୍କ ଗ୍ରାମର ପୂର୍ବତନ ସରପଞ୍ଚ ନବକିଶୋର କରଙ୍କ ୬୮ ବର୍ଷ ବୟସରେ ପରଲୋକ ଘଟିଛି। ଏନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ କର ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା ବ୍ୟକ୍ତି ଭାବେ ପରିଚିତ ଥିଲେ। କିଛିଦିନ ହେବ ରୋଗଶଯ୍ୟାରେ ପାଡ଼ିତ ଥିଲେ। ଶନିବାର ରାତିରେ ଅତ୍ୟଧିକ ଅସୁସ୍ଥ ହେବାରୁ ପରିବାରଲୋକ ତାଙ୍କୁ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ସାରଡ଼ାଙ୍କ ପଞ୍ଚାୟତରେ ଦୁଇଥର ସରପଞ୍ଚ ହେବାସହିତ ବ୍ଲକ କଂଗ୍ରେସ ସଭାପତି ଥିବାବେଳେ ସ୍ଥାନୀୟ ଅଞ୍ଚଳପାଇଁ ଅନେକ ଜନକଲ୍ୟାଣକାରୀ କାମ କରିଛନ୍ତି। ଏହାସହ ସେ ଏକାଧାରରେ ସମାଜସେବୀ ଓ ସାରଡାଙ୍କ ରାଜନୀତିର ଚାଣକ୍ୟ ଥିଲେ। ଏତଦ୍‌ବ୍ୟତୀତ ତାଙ୍କ ବାପା ସ୍ୱର୍ଗତ

ଦମୋଦର କରଙ୍କ ନାମରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ ପୁଅ ଯଯାତି କର, ଉତ୍କଳ କେଶ୍ୱରୀ, ଝିଅ ମମତା, ବୀଣାପାଣି, ଯୋଗମାୟା, ତାଙ୍କ ପତ୍ନୀ ଏବଂ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କର ଶେଷ ଦର୍ଶନ ପାଇଁ ସାରଡାଙ୍କ ପଞ୍ଚାୟତର ସରପଞ୍ଚ ପ୍ରଣତି ବାଳା ମାଝୀ, ସୁରେଶ ମାଝୀ, ରମେଶ ମାଝୀ, ଦିବାକର ବେହେରା, କମଳାକାନ୍ତ ଦାସ, ପୂର୍ବତନ ସରପଞ୍ଚ ସୁଦାମ ଚରଣ ପୃଷ୍ଟି, ହିମାଂଶୁଶେଖର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ଓଡ଼ିଶା ଲଳିତ କଳା ଏକାଡେମିର ଚିତ୍ରକଳା ପ୍ରଦର୍ଶନୀ

ରାଜ୍ୟର ୪୦ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀଙ୍କ ଚିତ୍ର ସ୍ଥାନିତ

ବାଲେଶ୍ୱର, ୧୪।୧(ସମିସ): ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ଲଳିତ କଳା ଏକାଡେମୀ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏକ ସମସାମୟିକ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ଜିଲ୍ଲା ସଂସ୍କୃତି ଭବନଠାରେ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ଏହିଭଳି ସମସାମୟିକ ଚିତ୍ର ପ୍ରଦର୍ଶନୀ ଦ୍ୱାରା ଜିଲ୍ଲାର ବରିଷ୍ଠ ଓ ଯୁବଶିଳ୍ପୀଙ୍କ ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ରାଜ୍ୟର ୪୦ ଜଣ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀ ମାନଙ୍କର ଚିତ୍ର ସ୍ଥାନୀତ ହୋଇଛି। ଏହି ପ୍ରଦର୍ଶନୀରେ ସାମ୍ପ୍ରତିକ ସମାଜର ଘଟଣା, ଐତିହାସିକ, ପୌରାଣିକ, ଆଦିବାସୀ ଚିତ୍ରକଳାମାନ ଆଧୁନିକ ଶୈଳୀରେ ଅଙ୍କାଯାଇଛି। ଯାହା ସାଧାରଣ ଲୋକଙ୍କ ମନକୁ ବେଶ୍ ଛୁଇଁପାରିଛି। ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲ ପ୍ରଦର୍ଶନୀର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତ ଏହି ପ୍ରଦର୍ଶନୀ କଳାର ଓ ନୂତନ କଳାକାରମାନଙ୍କର ଉନ୍ନତି କରିବାରେ ସାହାର୍ଯ୍ୟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରଦର୍ଶନୀ ଅବସରରେ ଅରୁଣ ଜେନା, ନିତ୍ୟାନନ୍ଦ ସାହୁ, ବିଶ୍ୱଜିତ ପ୍ରମାଣିକ, ଅନ୍ତରଯାମି ସାହୁ, ଦୀପାଞ୍ଜଳି ମଲ୍ଲିକ, ନବ ବାରିକ, କବିତା ଦତ୍ତ, କ୍ରୀଷ୍ଣା ଦେବଗୋସ୍ୱାମୀ, ଅବିନାଶ ପ୍ରଧାନ, ଦୀନକୃଷ୍ଣ ଦାସ, ବସନ୍ତ ବେହେରା, ମୋନାଲି ସେନ, ଗୀତାଞ୍ଜଳି ବେହେରା, ଶକୁନ୍ତଳା ସାହୁ ପ୍ରମୁଖ ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡେମୀର ମରୁତ ରାଉତ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀ ଜାନୁଆରୀ ୩୧ ତାରିଖ ପ୍ରତ୍ୟହ ଦିନ ୧୧ଟା ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ।

ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ

'ସାହିତ୍ୟର ପରିସ୍ଫୁଟନ ବଳରେ ଓଡ଼ିଆ ଭାଷା ମଧୁର ହୋଇପାରିଛି'

ବାଲେଶ୍ୱର, ୧୪।୧(ସମିସ):

ବ୍ୟାସକବି ଫକୀରମୋହନ ସେନାପତି ବାଲ୍ୟ ଅବସ୍ଥାରୁ ତାଙ୍କ ଶେଷଜୀବନ ପର୍ଯ୍ୟନ୍ତ ସେ କେବଳ ମହାସଂଗ୍ରାମ କରିଛନ୍ତି। ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇ ସେ କାଳଜୟୀ ପାଲଟିଯାଇ ଛନ୍ତି। ସାହିତ୍ୟ ରଚନା ପ୍ରତି ତାଙ୍କ ସଂଗ୍ରାମ ଅତୁଳନୀୟ ହୋଇଥିବା ବେଳେ ଓଡ଼ିଆ ସାହିତ୍ୟରେ ସେ କଥା ସମ୍ରାଟ ଭାବେ ପରିଚିତ। ଦିନ ଥିଲା ଫକୀରମୋହନ ଯେଉଁ ଲଢ଼େଇ ଲଢୁ ଥିଲେ ପୋଡ

'ଦେବରା'ର
ପ୍ରଥମ ଝଲକ୍

▶ପୃଷ୍ଠା ୧୫ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-201 ◆BHUBANESWAR ◆MONDAY ◆15 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୧ ◆ଭୁବନେଶ୍ୱର ◆ସୋମବାର ◆୧୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

DSPL-543

ODISHA NEW OPPORTUNITIES 5 ଆମ ଓଡ଼ିଶା ନବୀନ ଓଡ଼ିଶା



THANK YOU FOR JOINING THE JUGGERNAUT

"As we begin the new year, we extend our sincere thanks for entrusting us with your industrial pursuits. The Government of Odisha stands committed to provide unwavering support, dedicated to fostering an environment conducive to your enterprise's growth and prosperity."

(Naveen Patnaik)
Chief Minister, Odisha

300+ large Industries have chosen Odisha as their preferred Investment Destination

METAL & METAL DOWNSTREAM: AM/NS INDIA, DANIELI CORUS, SMS group, calderys, TYK, adani

FOOD AND BEVERAGE: Nestlé, VB, IFB AGRO, GADRÉ

RENEWABLE ENERGY: ACME Leading Through Innovation, AVAADA, sembcorp, WAAREE One with the Sun, ReNew, L&T Energy GreenTech

TEXTILES: COLORTONE, epic GROUP, Welspun, MAS, sonal APL

CHEMICAL: Berger, Himadri, PETRONET LNG LIMITED, LUMINOUS, Silox INDIA, Reliance Industries Limited

TOURISM: IHCL THE INDIAN HOTELS COMPANY LIMITED, ClubMahindra, MAYFAIR Hotels & Resorts

OTHERS: MY HOME GROUP, SINTEX BAPL, ANADRONE Anadrone Systems Private Limited, Greenply

OIPR-14005/13/0036/2324

ScarecrowM&CSaatchi/2024/Jan

Email us at: info@investodisha.org
For any queries or inquiries give a missed call on: 01732351348

Please visit http://www.investodisha.gov.in/
Follow us on @investInOdisha /InvestOdisha

ଉଦୟଗିରି ନିବାସଂ ତପ୍ତହିମ ପ୍ରକାଶମ / ତିମିରି ପଙ୍କଳଂହନ୍ତା ସର୍ବଲୌକେକ ଚକ୍ଷୁ
ଗଗନତଳବିହାରୀ ବାନ୍ଧବ ପଦ୍ମିନୀ ନା / ସଦହତୁ ମମ ପାପଂ ଭାସ୍କରଂ ତ୍ୱଂ ନମାମି
-ସୂର୍ଯ୍ୟସ୍ତବ

ସକାଳ
THE SAKALA

ଜାତୀୟ ରାଜନୀତିରେ ଗୁଡ଼ି ଉଡ଼ାଣ

ଆଜି ପବିତ୍ର ମକର ସଂକ୍ରାନ୍ତି । ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଧନୁ ରାଶିରୁ ଆଜି ମକର ରାଶିକୁ ଚଳନ କରନ୍ତି । ଆଜିଠାରୁ ଉତ୍ତରାୟଣ ଆରମ୍ଭ ହୁଏ । ଧୀରେ ଧୀରେ ଦିନ ବଡ଼ ଓ ରାତି ଛୋଟ ହୋଇଆସେ । ମକର ସଂକ୍ରାନ୍ତି ଦିନ ଦେଶର ବିଭିନ୍ନ ଭାଗରେ ପୂଜା, ଅର୍ଚ୍ଚନା ଓ ଉତ୍ସବ ବଡ଼ ଆନନ୍ଦରେ ପାଳିତ ହୁଏ । ଆମ ଶ୍ରୀକ୍ଷେତ୍ରରେ ତ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ବଡ଼ ଗୁରୁତ୍ୱପୂର୍ଣ୍ଣ । କଥାରେ ଅଛି ଆଜିଠାରୁ ହିନ୍ଦୁମାନଙ୍କର ବିବାହ ବ୍ରତ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ଆରମ୍ଭ ପାଇଁ ଅପେକ୍ଷା କରାଯାଇଥାଏ । ଦେଶର ବିଭିନ୍ନ ଭାଗରେ ଆଜି ଦିନରେ ପ୍ରାୟ ସମସ୍ତେ ଜାତି, ଧର୍ମ ନିର୍ବିଶେଷରେ ଗୁଡ଼ି ଉଡ଼ାନ୍ତି । ଅନେକ ସହରରେ ଜାତୀୟ ଓ ଅନ୍ତର୍ଜାତୀୟ ଗୁଡ଼ି ଉଡ଼ା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୁଏ ।

ଏବେ ଆମ ଦେଶରେ ଏହି ଗୁଡ଼ି ଉଡ଼ା ପର୍ବ ଜାତୀୟ ରାଜନୀତିରେ ମଧ୍ୟ ପ୍ରତିଫଳିତ ହେଉଛି । ଅବଶ୍ୟ ଏଠାରେ 'ଗୁଡ଼ି ଉଡ଼ାଇବା' ଶବ୍ଦ ଦୁଇଟିର ଅର୍ଥ ଇଂରାଜୀ ପ୍ରବାଦ 'କାଇଟ୍ ଫ୍ଲାଇଂ' ହିସାବରେ ଧରିବାକୁ ହେବ । ଏହାର ମୋଟାମୋଟି ଅର୍ଥ ହେଲା ଅନାବଶ୍ୟକ କଳ୍ପନା ଜଳ୍ପନା କରିବା କିମ୍ବା ଅନ୍ଧାରରେ ବାଡ଼ି ବୁଲାଇବା ଇତ୍ୟାଦି । ଗତ ଶନିବାର ଏହିଭଳି ଏକ ରାଜନୈତିକ ଗୁଡ଼ି ଉଡ଼ାଣର ଉଦାହରଣ ନଜରକୁ ଆସିଛି । ତାଜା ତାଜା ନିର୍ମିତ 'ଇଣ୍ଡିଆ' ମେଣ୍ଟର ତୁଙ୍ଗ ନେତାମାନେ ଆଭାସୀ ସମ୍ମିଳନୀ ମାଧ୍ୟମରେ ଐତିହାସିକ ଜାତୀୟ କଂଗ୍ରେସ ଦଳର ଅଣଗାନ୍ଧୀ ପରିବାରର ସଭାପତି ଶ୍ରୀମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଏହି ମେଣ୍ଟର ଆବାହକ ତଥା ଅଧ୍ୟକ୍ଷ ରୂପେ ଚୟନ କରାଯାଇଛି । ଏବେ ସୁଦ୍ଧା କଞ୍ଚା ମୂଳଦୁଆ ଥିବା 'ଇଣ୍ଡିଆ' ମେଣ୍ଟ ପାଇଁ ଏହା କମ୍ ଉପଲବ୍ଧି ନୁହେଁ । ଏଥିରେ ଉପରଦେଖାଣିଆ ସର୍ବସହମତି ତ ଅଛି । କଂଗ୍ରେସ ସଭାପତି ଜଣେ ବରିଷ୍ଠ ଓ ଅଭିଜ୍ଞ ରାଜନେତା, ସେ ପୁଣି ଦକ୍ଷିଣ ରାଜ୍ୟ କର୍ଣ୍ଣାଟକର ବାସିନ୍ଦା । ତେବେ ଏହି ଗୁରୁତ୍ୱପୂର୍ଣ୍ଣ ଚୟନ ପ୍ରକ୍ରିୟାରେ ବିହାର ମୁଖ୍ୟମନ୍ତ୍ରୀ ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ଅଘୋଷିତ ଅସନ୍ତୁଷ୍ଟ ହୃଦୟ ବେଶ୍ ପରିଷ୍କାର ଜଣାପଡୁଛି । ସେପଟେ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କର ସଭାରେ ଅନୁପସ୍ଥିତି ତାଙ୍କ ଦଳର ଅସହମତିର ସୂଚନା ଦେଉଛି । ଆଗରୁ ତ ସମାଜବାଦୀ ଦଳର ନେତା ଅଖିଳେଶ ଯାଦବ କଂଗ୍ରେସ ଉପରେ ଖପ୍ପା ଅଛନ୍ତି । ଅବଶ୍ୟ ନିକଟରେ କଂଗ୍ରେସ ଓ ଆପ୍ ଦଳର ଦିଲ୍ଲୀ ଓ ପଞ୍ଜାବ ଲୋକସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟା ଆଲୋଚନା ସଫଳ ହୋଇଛି ବୋଲି ଗଣମାଧ୍ୟମରେ ଚର୍ଚ୍ଚିତ ହେଉଛି । ଏଭଳି ଏକ ଅସ୍ପଷ୍ଟ ଅସହମତିର ଚିତ୍ର ନେଇ ତେଣେ କଂଗ୍ରେସର ଯୁବ ନେତା ଓ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ରାହୁଲ୍ ଗାନ୍ଧୀ ଦ୍ୱିତୀୟ ପର୍ଯ୍ୟାୟ 'ଭାରତ ଯୋଡ଼ ନ୍ୟାୟ ଯାତ୍ରା' ପାଇଁ ବାହାରିଛନ୍ତି । ଏଥର ପୂର୍ବୋତ୍ତରରୁ ଯାତ୍ରା ଆରମ୍ଭ । ରାହୁଲ୍ ଗାନ୍ଧୀ ନିଜେ ଗତ ଲୋକସଭା ନିର୍ବାଚନରେ ଦକ୍ଷିଣାୟନ ଯାତ୍ରା କରିଥିଲେ ମଧ୍ୟ ଏଥର ଉତ୍ତରାୟଣରେ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି । ଖାଲି ମେଣ୍ଟ ଘୋଷଣା ହେଲେ ତ ହୋଇଯିବନି! କିମ୍ବା କାମଚଳା ବିଧାନରେ ଜଣକୁ ନେତା କରିଦେଲେ ହେବନି । ଖାସ୍ କରି ଯେତେବେଳେ ବିଜେପି ନେତୃତ୍ୱରେ ସ୍ପର୍ଦ୍ଧିତ ଓ ଦର୍ପିତ ଏନ୍‌ଡିଏ ମେଣ୍ଟ ଓ ତା'ର ଦିଗ୍‌ବିଜୟୀ ନେତା ନରେନ୍ଦ୍ର ମୋଦୀ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଆହ୍ୱାନକାରୀ ଭାବେ ସାମ୍ନାରେ ଉଭା ହୋଇସାରିଛନ୍ତି । ଏହି ପରିଦୃଶ୍ୟକୁ କେତେକ ରାଜନୈତିକ ସମୀକ୍ଷକ ନିର୍ବାଚନ ଗୁଡ଼ି ଉଡ଼ାଣ ବୋଲି ମଧ୍ୟ କହୁଛନ୍ତି । ତେବେ ଉପଯୁକ୍ତ ହାୱା ଦେଖାଯାଉନାହିଁ କିମ୍ବା ସୁତାରେ ତୀକ୍ଷଣ ମାଞ୍ଜାର ସୂଚନା ଏ ପର୍ଯ୍ୟନ୍ତ ମିଳୁନାହିଁ । ତେଣୁ ଗୁଡ଼ି ଉଡ଼ା ପ୍ରତିଯୋଗିତା ହେବ କ'ଣ ସେ କଥା ଜଣାପଡୁନାହିଁ ।

ଗଣତନ୍ତ୍ରର ଅପ୍ରତ୍ୟକ୍ଷ ଶାସନରେ ରାଜନୈତିକ ଦଳମାନେ ହିଁ ଜନମତର ପ୍ରକୃତ ସଞ୍ଚାଳକ । ଭାରତ ଭଳି ବହୁ ବିବିଧତାରେ ପରିପୂର୍ଣ୍ଣ ଜନସମାଜ ପାଇଁ ବହୁଦଳୀୟ ଗଣତନ୍ତ୍ର କାଗଜପତ୍ରରେ ତ ଠିକ୍ ଦେଖାଯାଉଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ସ୍ଥିତି ଅନ୍ୟ ପ୍ରକାରର । ନିର୍ବାଚନରେ କୌଣସି ଦଳକୁ ବହୁମତ ନ ମିଳିଲେ ଘୋଡ଼ା ବେପାର ଆରମ୍ଭ ହେବା ନିଧାର୍ଯ୍ୟ । ମେଣ୍ଟ ଗଠନ ଅନିବାର୍ଯ୍ୟ । ଆମ ଦେଶର ରାଜନୈତିକ ଦଳଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶବାଦ ବହୁବର୍ଷରୁ ଲିଭିଗଲାଣି । ଏବେ ଖାଲି କ୍ଷମତାବଣ୍ଟନ ପାଇଁ ସର୍ବନିମ୍ନ କାର୍ଯ୍ୟକ୍ରମର ସାଲିସ୍ ପାଇଁ ସହମତି ଆବଶ୍ୟକ । ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ପରଠାରୁ ଆମେ ଏଭଳି ମେଣ୍ଟ ଗଠନ ଦେଖି ଆସୁଛେ । ଷାଠିଏ ଦଶକ ପରେ ଏହାର ଆବଶ୍ୟକତା ବଢ଼ି ଯାଇଛି । କେନ୍ଦ୍ରରେ ମଧ୍ୟ ଏହିଭଳି ମେଣ୍ଟ ସରକାର କେତେ ଦଶନ୍ଧି ଧରି ଆମେ ଦେଖୁଛେ । ଏମିତି ବି ଅବସ୍ଥା ଆସିଛି ଓ ଆସୁଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ ପଦକୁ ଭାଗବଣ୍ଟା କରାଯାଉଛି । ପ୍ରାକ୍ ନିର୍ବାଚନ ମେଣ୍ଟ ଅପେକ୍ଷା ନିର୍ବାଚନ ପରର ମେଣ୍ଟ ଗଠନ ଓ ଆନୁଷଙ୍ଗିକ ଦଳବଦଳ ତଥା ବିଧାୟକମାନଙ୍କୁ ବନ୍ଧକ ରଖିବା ଭଳି ଦୂରରେ ଥିବା ବିଳାସମୟ ପର୍ଯ୍ୟଟନସ୍ଥଳୀକୁ ନେଇ ଆକଟରେ ରଖିବା ଆଦି କେତେ ରାଜନୈତିକ ନାଟକ ମଞ୍ଚସ୍ଥ ହେଉଛି । ମହାରାଷ୍ଟ୍ରର ସାଧାରଣ ନିର୍ବାଚନ ଓ ତା' ପରଠାରୁ ସରକାର ଗଠନ, ଭଙ୍ଗ ଓ ପରିବର୍ତ୍ତନ ଆଦିର ଦୃଶ୍ୟରେ ଏବେ ମଧ୍ୟ ପରଦା ପଡ଼ିନି ।

ତେଣୁ ମଞ୍ଚ କଥାଟି ହେଲା କ୍ଷମତା ବଣ୍ଟନ କୂଟନୀତିରେ କିଏ ଶ୍ରେଷ୍ଠ ଚାଣକ୍ୟ ପ୍ରମାଣିତ ହେବ । ଭୋଟର ତ ଭକୁଆ ହୋଇ ଚାହିଁ ରହିବେ, ଗଣମାଧ୍ୟମ ଏହି ରାଜନୈତିକ ଗୁଡ଼ି ଉଡ଼ାଣର ନାଟକ ଜନତାଙ୍କୁ ପରିବେଷଣ କରି ନିଷ୍ପକ୍ଷ ଓ ପକ୍ଷଭୁକ୍ତ ଆନନ୍ଦ ଲାଭ କରିବେ । ଜନମତ ସର୍ଭେ କମ୍ପାନୀ ମାଲାମାଲ ହେବେ । ଦୁଃଖର କଥା ଭାରତରେ ଦୁଇ ମୁଖ୍ୟ ରାଜନୈତିକ ମଞ୍ଚର ଧ୍ରୁବୀକରଣ ସମ୍ଭବ ହୋଇପାରୁନାହିଁ । ଏବେ ଯେଉଁ ଇଣ୍ଡିଆ ଓ ଭାରତ ମୁହାଁମୁହିଁ ହୋଇଛନ୍ତି ସେଥିରେ ଫଳାଫଳ ଆକଳନର ଆବଶ୍ୟକତା ନାହିଁ । ନାଟକଟି ରହସ୍ୟପୂର୍ଣ୍ଣ ମନେ ହେଲେ ମଧ୍ୟ କୋଉ ପକ୍ଷର ଗୁଡ଼ିଟି କାନି ଖାଇବ ତାହା ସମସ୍ତେ ଜାଣିସାରିବେଣି । ଉତ୍ତରାୟଣ ଓ ଦକ୍ଷିଣାୟନ ଚାଲିଥାଉ ପଛେ ଭାରତର ବିଶ୍ୱାୟନ ବାଧାପ୍ରାପ୍ତ ନ ହେଉ ।

କୃତ୍ରିମ ବୁଦ୍ଧିମତ୍ତା ଓ ସୃଜନ ତତ୍ତ୍ୱ

ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

କୃତ୍ରିମ ବୁଦ୍ଧିମତ୍ତା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'ର ବୃହତ ଭାଷା ଶୃଙ୍ଖଳ 'ଲାର୍ଜ ଲାଙ୍ଗୁଏଜ ମଡେଲ' ଉତ୍ପାଦ 'ଚାଟ-ଜିପିଟି' ୨୦୨୨ ନଭେମ୍ବରରେ ଲୋକାର୍ପିତ ହେବା ପରଠୁ ଏହି ପ୍ରଯୁକ୍ତି କୌଶଳ ପ୍ରସ୍ତୁତିରେ ବିପୁଳ ସଂଖ୍ୟକ ଇଂରାଜୀ ରଚନା ବ୍ୟବହୃତ ହୋଇଥିବା ଏବଂ ଏଥିନିମନ୍ତେ ପ୍ରାୟୋଜକ ଅନୁମତି ହାସଲ କରିନଥିବା ସମସ୍ୟାକୁ ନେଇ ୨୦୨୩ ବର୍ଷବ୍ୟାପୀ ଆଲୋଚନା ଜାରି ରହିଥିଲା । ସୃଜନ ସ୍ୱତ୍ୱ ଉଲଂଘନ ଅଭିଯୋଗରେ କେତେକ ଲେଖକ ଓ ଏକ ଫଟୋ ଏଜେନ୍ସି ମଧ୍ୟ ଅଦାଲତ ଦ୍ୱାରସ୍ଥ ହୋଇଥିଲେ । ତେବେ ୨୭ ଡିସେମ୍ବର ୨୦୨୩ରେ ପ୍ରମୁଖ ମାର୍କିନ ସମ୍ବାଦପତ୍ର 'ଦି ନ୍ୟୁୟର୍କ ଟାଇମ୍ସ' ମାନହଙ୍ଗାନ ପ୍ରାଦେଶିକ ଜିଲ୍ଲା ଅଦାଲତ 'ଫେଡେରାଲ ଡିଷ୍ଟ୍ରିକ୍ଟ କୋର୍ଟ ଅଫ ମାନହଟ୍ଟାନ'ରେ ମାନହାନି ମୋକଦ୍ଦମା ଦାୟର କରିବା ପରେ ଏହି ମାମଲା ଅଧିକ ରୋଚକ ହୋଇଥିଲା ।

ଲାର୍ଜ ଲାଙ୍ଗୁଏଜ ମଡେଲ(ଏଲ୍‌ଏଲ୍‌ଏମ୍)ଗୁଡ଼ିକ ପ୍ରତ୍ୟେକ ଏକ କମ୍ପ୍ୟୁଟର ପ୍ରୋଗ୍ରାମ । ଏହା ମାନବ ବ୍ୟବହୃତ ରଚନା(ଟେକ୍ସଟ) ବୁଝିବା ଓ ଲେଖିବାରେ ସମର୍ଥ । ଅର୍ଥାତ, ଏଲଏଲଏମକୁ କୌଣସି ପ୍ରଶ୍ନ ପଚାରିଲେ ଏହା ଉପଲବ୍ଧ ତଥ୍ୟ ଆଧାରରେ ଉତ୍ତର ଦେଇପାରେ । ଏହି ଦକ୍ଷତା ହାସଲ ନିମନ୍ତେ ଏଲଏଲଏମ ବିପୁଳ ସଂଖ୍ୟକ ପୂର୍ବ ପ୍ରସ୍ତୁତ ରଚନା ଅଧ୍ୟୟନରେ ତାଲିମପ୍ରାପ୍ତ ହୋଇଥାଏ । 'ଦି ନ୍ୟୁୟର୍କ ଟାଇମ୍ସ'ପକ୍ଷରୁ ଦାବି କରାଯାଉଛି ଯେ 'ଚାଟ-ଜିପିଟି' ତାଲିମରେ ସମ୍ବାଦପତ୍ର ପ୍ରସ୍ତୁତି ଓ ଅନଲାଇନରେ ଉପଲବ୍ଧ ଲକ୍ଷ ଲକ୍ଷ ସମ୍ବାଦ ରଚନା ବ୍ୟବହୃତ ହୋଇଛି । 'ଚାଟ-ଜିପିଟି' କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ସମ୍ବାଦପତ୍ରରେ ପ୍ରକାଶିତ ରଚନାର ପ୍ରାୟ ଅବିକଳ ନକଲ ଉତ୍ତର ଦେଉଛି । ଏହି ପରିବେଶ ସୃଜନ ସ୍ୱତ୍ୱ(କପିରାଇଟ)ର ବିରୁଦ୍ଧାଚରଣ କରୁଛି । ସମ୍ବାଦପତ୍ର ନିମନ୍ତେ ସୃଜନ, ସମୟ ଓ ଅର୍ଥ ବ୍ୟୟରେ ପ୍ରସ୍ତୁତ ରଚନାବଳୀ ପରୋକ୍ଷ ଉପଯୋଗରେ ଏଲଏଲଏମଗୁଡ଼ିକ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଛନ୍ତି ।

'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ କୁହାଯାଇଛି ଯେ ସାଧାରଣ ପାଠକ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ବିବରଣୀ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏଲଏଲଏମ ଚାଟବଟଗୁଡ଼ିକ ନିକଟରେ ପହଞ୍ଚୁଛନ୍ତି । ଚାଟବଟ 'ଦି ନ୍ୟୁୟର୍କ ଟାଇମ୍ସ'ଭଳି ସମ୍ବାଦପତ୍ରରୁ ଆହରଣ କରିଥିବା ରଚନା ସନ୍ନିବେଶରେ ଉତ୍ତର ପ୍ରସ୍ତୁତ କରୁଛି । ଉପଭୋକ୍ତାମାନେ 'ଚାଟ-ଜିପିଟି'ର ଉତ୍ତରରେ ସନ୍ତୁଷ୍ଟ ହୋଇ ଅଧିକ ଜାଣିବା ଲାଗି ସମ୍ବାଦପତ୍ର ୱେବ୍‌ସାଇଟକୁ ଆଉ ଯାଉନାହାନ୍ତି । ଫଳରେ ପରିଦର୍ଶକ ଅଭାବରୁ ୱେବସାଇଟର ବିଜ୍ଞାପନ ଓ ଗ୍ରାହକଚାନ୍ଦା ରାଜସ୍ୱ ହାନି ଘଟିବା ଆଶଙ୍କା ଦେଖାଦେଇଛି । ଏକପକ୍ଷରେ ନିଜ ସୃଜନ ସ୍ୱତ୍ୱ ଅନ୍ୟତ୍ର ହରାଇବା ସହ ଅପରପକ୍ଷରେ ବ୍ୟାବସାୟିକ ବିରୋଧାଭାସର ସୂଚନା ମିଳିଛି ।

ଅଦାଲତ ଦରଖାସ୍ତରେ 'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ 'ଓପନ-ଏଆଇ' ଓ 'ମାଇକ୍ରୋସଫଟ' ବିରୋଧରେ ସୃଜନ ସ୍ୱତ୍ୱ ଉଲଂଘନ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ କ୍ଷତିପୂରଣ ଦାବି କରାଯାଇ ନାହିଁ । କିନ୍ତୁ ଏତଦ୍ୱାରା ସମ୍ବାଦପତ୍ରର ବ୍ୟାପକ କ୍ଷତି ଘଟିଥିବା ଏବଂ ଏଥିନିମନ୍ତେ ଏଲଏଲଏମ ପ୍ରୟୋଜକଙ୍କୁ ଦାୟୀ କରାଯାଇଛି । 'ଦି ନ୍ୟୁୟର୍କ ଟାଇମ୍ସ' ରଚନା ବ୍ୟବହାର କରିଥିବା ଏଲଏଲଏମଗୁଡ଼ିକୁ ତୁରନ୍ତ ନଷ୍ଟ କରିଦେବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅଦାଲତଠାରେ ପ୍ରାର୍ଥନା କରାଯାଇଛି । ଏଲଏଲଏମ ତାଲିମରେ ସମ୍ବାଦପତ୍ରରେ ପ୍ରକାଶିତ ରଚନା ବ୍ୟବହାର ବିରୋଧରେ 'ଦି ନ୍ୟୁୟର୍କ ଟାଇମ୍ସ' ଓପନ-ଏଆଇ ଓ ମାଇକ୍ରୋସଫ୍ଟ ସହ ଏପ୍ରିଲ ୨୦୨୩ରୁ ବିଧିବଦ୍ଧ ଆଲୋଚନା ଆରମ୍ଭ ହୋଇଥିଲା । କିନ୍ତୁ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ମାମଲା ଅଦାଲତରେ ପହଞ୍ଚିଛି ।

ଏଆଇ ଏଲଏଲଏମ ଓ ସୃଜନ ସ୍ୱତ୍ୱ ମାମଲା ପ୍ରାଥମିକସ୍ତରରେ ଥିବା ହେତୁ ଆଇନଗତ ଲଢ଼େଇ କେଉଁ ଦିଗରେ ଗତି କରିବ ତାହା ସମୟ କହିବ । ତେବେ ମାର୍କିନ ଆଇନ ବିଶାରଦମାନେ ଟିପ୍ପଣୀ ଦେଉଛନ୍ତି ଯେ ସୃଜନ ସ୍ୱତ୍ ସମ୍ପର୍କିତ ମାମଲା ଦୀର୍ଘଦିନ ଧରି ଚାଲିପାରେ । ବିଚାର, ଅପିଲରେ ସମୟ ଅତିବାହିତ ହୋଇ ସୁପ୍ରିମକୋର୍ଟରେ ପହଞ୍ଚିପାରେ । ଏଭଳି ଘଟଣାକ୍ରମରେ ଦଶ ବର୍ଷ ବିତି ଯିବା ଅସମ୍ଭବ ନୁହେଁ । ସାଧାରଣରେ ସୃଜନ ସ୍ୱତ୍ୱ ମାମଲାଗୁଡ଼ିକ ପାରସ୍ପରିକ ବୁଝାମଣାରେ ତୁଟେ । 'ଓପନ-ଏଆଇ'ପକ୍ଷରୁ 'ଦି ଆସୋସିଏଟେଡ୍ ପ୍ରେସ' ନିଉଜ ଏଜେନ୍ସି ଓ 'ପଲଟିକୋ', 'ବିଜିନେସ ଇନସାଇଡର'ର ପ୍ରକାଶକ ଆଲେକ୍ସ ସ୍ପ୍ରିଙ୍ଗରଙ୍କ ସଙ୍ଗେ ସୃଜନ ସ୍ୱତ୍ୱ ନେଇ ବୁଝାମଣା ସରିଛି । ପ୍ରଶ୍ନ ଉଠେ 'ଦି ନ୍ୟୁୟର୍କ ଟାଇମ୍ସ'ପକ୍ଷରୁ 'ଓପନ-ଏଆଇ' ଓ 'ମାଇକ୍ରୋସଫ୍ଟ' ବିରୋଧରେ ସୃଜନ ସ୍ୱତ୍ୱ ମୋକଦ୍ଦମା ଯଦି ଦଶ ବର୍ଷ ଯାଏଁ ସମ୍ପ୍ରସାରିତ ହୁଏ, ତେବେ ୨୦୨୩ ବାର୍ଷିକ ହିସାବରେ ପ୍ରତି ଛଅ ମାସରେ ଦ୍ୱିଗୁଣିତ ହେଉଥିବା ଏଆଇ ପ୍ରଯୁକ୍ତି କୌଶଳ ହୁଏତ ଏପରି ଏକ ସ୍ତରରେ ପହଞ୍ଚି ସାରିଥିବ, ଯେଉଁଠି ମକଦ୍ଦମାଟି ଅପ୍ରାସଙ୍ଗିକ ହୋଇପଡ଼ିବ ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅଗ୍ରଗତି ବିଶ୍ୱ ଜନଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ମୌଳିକସ୍ତରରେ ଆଲୋଚନା କଲେ ସୃଜନ ସ୍ୱତ୍ୱ ବ୍ରିଟେନରେ ମୁଦ୍ରଣ ଶିଳ୍ପ ପ୍ରସାରିତ ହେବା ଅବସରରେ ବ୍ୟାବସାୟିକ ସୁରକ୍ଷା ନିମନ୍ତେ ୧୭୧୦ରେ ପ୍ରଣୀତ ହୋଇଥିଲା । ମୁଦ୍ରଣ କଳାକୌଶଳ ବିକଶିତ ହେବା ପୂର୍ବରୁ ଠାର, ଭାଷା ଓ ଲିପି ମାଧ୍ୟମରେ ମାନବ ସଭ୍ୟତା ବିନା ସୃଜନ ସ୍ୱତ୍ୱ ସଂରକ୍ଷଣରେ ହଜାର ହଜାର ବର୍ଷ ଅତିବାହିତ କରିଛି । ମାତ୍ର ଚାରି ଶହ ବର୍ଷର ଏକ ଆଇନକୁ କେନ୍ଦ୍ର କରି କ'ଣ ଆମେ ବିଜ୍ଞାନର ସଦ୍ୟତମ ଆବିଷ୍କାର ସୃଜନ କୃତ୍ରିମ ବୁଦ୍ଧିମତ୍ତା ଜନିତ ସୁଯୋଗସୁବିଧାକୁ ଅଣଦେଖା କରିପାରିବା?

ସାଧାରଣରେ ମନୁଷ୍ୟ ଅନ୍ୟମାନଙ୍କୁ ଅନୁକରଣ କରି ଭାଷା ଶିଖେ । ଏଲଏଲଏମ ଯଦି ଅନଲାଇନରେ ଉପଲବ୍ଧ ସାହିତ୍ୟ ଅଧ୍ୟୟନ କରି ମାନବିକ ରଚନା ବୁଝିବା ଓ ଲେଖିବା ଦକ୍ଷତା ହାସଲ କରିପାରୁଛି, ସେଥିରେ ପ୍ରତିବନ୍ଧକ ଆଣିବା ଯୁକ୍ତିଯୁକ୍ତ କି? କୌଣସି ବ୍ୟାବସାୟିକ ବୁଝାମଣାରେ ନୀତି ନିର୍ଦ୍ଧାରଣ କିମ୍ବା ରାଜନୈତିକ ସୀମା-ସରହଦ ପ୍ରାକୃତିକ ନୁହେଁ । ପରିସ୍ଥିତି ସହ ପରିବର୍ତ୍ତନଶୀଳ । 'ଚାଟ-ଜିପିଟି' ଭଳି ଏକ ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳ ବିନା ମୂଲ୍ୟରେ ଲୋକାର୍ପଣ ସାମୂହିକ ସ୍ୱାର୍ଥର ପ୍ରତିନିଧିତ୍ୱ ଦାବି କରିପାରିବ କି? 'ଚାଟ-ଜିପିଟି' ଏକ ପ୍ରଯୁକ୍ତି କୌଶଳ । ଉପଭୋକ୍ତାଙ୍କ ନିର୍ଦ୍ଦେଶମତେ ଏହା ରଚନା ପ୍ରସ୍ତୁତ କରେ ଏବଂ ପ୍ରସ୍ତୁତ ରଚନା ବ୍ୟବହାର ଉପଭୋକ୍ତାଙ୍କ ଇଚ୍ଛାଧୀନ । 'ଚାଟ-ଜିପିଟି'ର ବ୍ୟକ୍ତିଗତ ଅନୁଭୂତି, ଅଭିମତ କିମ୍ବା ଅଭିପ୍ରାୟ ନଥାଏ । ଏତଦ୍ୱାରା ପ୍ରସ୍ତୁତ ରଚନା ବ୍ୟବହାରକାରୀଙ୍କ ଦାୟିତ୍ୱଧୀନ । ଅର୍ଥାତ, ନ୍ୟାୟିକ ଓ ନୈତିକ ଭୂମିକା ବ୍ୟବହାରକାରୀ ନିର୍ବାହ କରିବେ । ଏହା ଏକ ପ୍ରଯୁକ୍ତିକୌଶଳ ହୋଇଥିବା ହେତୁ ଏହାର ନ୍ୟାୟିକ ବ୍ୟକ୍ତିତ୍ୱ ନଥାଏ ବୋଲି 'ଚାଟ-ଜିପିଟି' ସ୍ୱୀକାରଣ ଦିଏ ।

ଅପରପକ୍ଷରେ ଅଦାଲତରେ ମୋକଦ୍ଦମା ଦାୟର ଅବସରରେ 'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ ଦାବି କରାଯାଇଛି ଯେ 'ଚାଟ-ଜିପିଟି' ସ୍ଥଳବିଶେଷରେ ସମ୍ବାଦପତ୍ରରେ ପ୍ରକାଶିତ ରଚନାଗୁଡ଼ିକୁ ପ୍ରାୟତଃ ଅବିକଳ ଉପଭୋକ୍ତାଙ୍କୁ ଯୋଗାଉଛି । ପ୍ରଚଳିତ ଆଇନ ଅନୁଯାୟୀ ଏହା ନକଲ ପର୍ଯ୍ୟାଭୁକ୍ତ । ଏହା ପ୍ରମାଣିତ କରିବା ନିମନ୍ତେ ମକଦ୍ଦମା ଦରଖାସ୍ତ ସହ ଶହେ ସରିକି ଉଦାହରଣ ମଧ୍ୟ ସନ୍ନିବଶିତ କରିଛି । ବିଶେଷଜ୍ଞମାନେ କହୁଛନ୍ତି ଏଲଏଲଏମଗୁଡ଼ିକୁ ତାଲିମ ଦିଆଯାଉଥିବା ଉପାଦାନ ନକଲ କରୁଥିବା କିମ୍ବା ଅତି ସାଧାରଣ ପରିବର୍ତ୍ତନ କରି ଉପସ୍ଥାପିତ କରୁଥିବା ଜଣାଯାଏ । ପ୍ରଶ୍ନ ଉଠେ ଉପଭୋକ୍ତାମାନେ ଏଲଏଲଏମ ମାଧ୍ୟମରେ ପ୍ରସ୍ତୁତ ରଚନାବଳୀ ମୌଳିକ ନା ନକଲ କିପରି ଜାଣିବେ? ଅର୍ଥାତ, ଉନ୍ନତ ପ୍ରଯୁକ୍ତିକୌଶଳ ବ୍ୟବହାର କରି ଅପରାଧିକ ମାମଲାରେ ଛନ୍ଦି ହୋଇଯିବେନି ତ! 'ଓପନ-ଏଆଇ' ଓ 'ମାଇକ୍ରୋସଫଟ' ବିରୁଦ୍ଧରେ 'ଦି ନ୍ୟୁୟର୍କ ଟାଇମ୍ସ'ର ସୃଜନ ସ୍ୱତ୍ୱ ମାମଲା ପ୍ରକାଶନ ଜଗତରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ଆଶା କରାଯାଇପାରେ ।

ଭାରତର ଆର୍ଦ୍ରଭୂମି ନଗରୀ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ଆମ ଦେଶରେ ରହିଛି 'ରାମସାର କ୍ଷେତ୍ର' ବୋଲି କୁହାଯାଉଥିବା ୯୫ଟି 'ଆନ୍ତର୍ଜାତିକ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି' । କିନ୍ତୁ ଖୁବ୍ ନିକଟରେ (ଗତ ତାରିଖରେ) 'ଆର୍ଦ୍ରଭୂମି ନଗରୀ' ରୂପେ ଅନୁମୋଦନ ପ

କାମ କରିବାକୁ ଯାଇ ଫେରିନାହିଁ ସକ୍ ଖୋରବାନ

ବଞ୍ଚିବା ପାଇଁ ସଂଘର୍ଷ କରୁଛି ପରିବାର

ବାଲେଶ୍ୱର ଦକ୍ଷିଣ, ୧୪।୧(ସମିସ):

କାମ କରିବାକୁ ଯାଇ ଘରକୁ ଆଉ ଫେରି ନାହିଁ ବାପା। ବାପାକୁ ଫେରାଇ ଆଣିବାକୁ ପୁଅର ଆକୁଳ ନିବେଦନ। ଏପଟେ ପେଟକୁ ଦାନା ଯୋଗାଉଛି କୋଚିଲା ଫଳ। ମାସେ ହେଲା ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପରିବାର ଲୋକେ। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଟା ଅଞ୍ଚଳରେ। ସେକ୍ ଖୋରବାନ ଦିନମଜୁରିଆ ଭାବେ କାମ କରି ପରିବାର ପୋଷଣ କରନ୍ତି। କେତେବେଳେ କାମ ମିଳିଲେ କରନ୍ତି ତ ଆଉ କେତେ ବେଳେ ଘରେ ବସି ରୁହନ୍ତି। ହଠାତ ତାଙ୍କ ଗ୍ରାମର ଦୁଇ ଜଣ ଯୁବକ ଆସି ଟ୍ରକରେ ହେଲ୍‌ପର ଭାବରେ କାମ କରିବା ପାଇଁ ଖୋରବାନକୁ ତାଙ୍କ ଘରୁ ଡାକି ନେଇଥିଲେ। ଖୋରବାନ ଘରୁ ଯାଇଛନ୍ତି ଯେ ଆଜି ଯାଏଁ ନା ଘରକୁ ଫୋନ କରୁଛନ୍ତି ନା ଘରକୁ ଫେରୁଛନ୍ତି। ମାସେ ବିତିଯାଇଛି ତାଙ୍କ ଫେରିବା ବାଟକୁ ଚାତକ ପରି ଚାହିଁ ବସିଛନ୍ତି ପରିବାର ଲୋକ। ଖୋରବାନଙ୍କୁ ଝୁରୁଛି ପରିବାର। ସ୍ୱାମୀ ନିଖୋଜ ହେବା ପରଠୁ ଘରେ ସ୍ତ୍ରୀ ନିଜର କୁନିକୁନି ପିଲାଙ୍କୁ ନେଇ କଷ୍ଟର ଦିନ କାଟୁଛନ୍ତି। ଖୋରବାନଙ୍କ ପୁଅ କୁଚିଆ ଫଳକୁ ଆଣି ବାଉଁଶରେ ପିଟି ପିଟି ସେଥିରୁ ଫଳ ବାହାର କରୁଛି। ସେହି ଫଳକୁ ବଜାରରେ ବିକ୍ରି କରି ସେଥିରୁ ଯାହା ପଇସା ମିଳୁଛି ସେଥିରେ ପରିବାର ଚଳୁଛି। ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ପଡୁଛି। ଆଶ୍ଚର୍ଯ୍ୟର କଥା ଯେଉଁ ଯୁବକ ଖୋରବାନକୁ ତାଙ୍କ ଘରୁ ଡାକିନେଇଥିଲେ, ସେମାନେ ମଧ୍ୟ ତାହାର କୌଣସି ପତ୍ତା ପାଉନାହାଁନ୍ତି। ଖୋରବାନଙ୍କ ପରିବାର ଲୋକ ସେହି ଯୁବକଙ୍କୁ ତାଙ୍କ ବିଷୟରେ ପଚାରିବାବେଳେକୁ ମଧ୍ୟ ସେମାନଙ୍କ ଠାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ। ପରିବାର ଲୋକ ଅନେକ ଖୋଜା ଖୋଜି କରିବା ପରେ ଖୋରବାନଙ୍କୁ ନପାଇ ସେମାନେ ସିମୁଳିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପାଇ ସିମୁଳିଆ ପୁଲିସ ତଦନ୍ତ କରୁଥିବା ସୂଚନା ମିଳିଛି।

ମାଟିଆପଲ୍ଲା ଛକ ନିକଟରେ ସିରିଜ୍ ଦୁର୍ଘଟଣା

ସୋର, ୧୪।୧(ସମିସ): ସୋର ଥାନା ମାଟିଆପଲ୍ଲା ଛକ ନିକଟରେ ରବିବାର ଅପରାହ୍ନରେ କାର୍, ବସ୍ ଏବଂ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ହେବାଫଳରେ ବସ୍ ଏବଂ କାର୍ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୀର୍ଘ ସମୟ ଧରି ରାସ୍ତା ଜାମ୍ ରହିଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ରାଜପଥ ଉପରେ ଠିକା ସଂସ୍ଥା ପକ୍ଷରୁ ଡାଇଭର୍ସନ ମାନ ନିର୍ମାଣ କରାଯାଉଛି। ମାତ୍ର ଏମିତି କିଛି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ସ୍ଥାନରେ ଏହି ଡାଇଭର୍ସନ ଯୋଗୁଁ ରାସ୍ତା ଜାମ ରହିବା ସହିତ ଦୁର୍ଘଟଣା ଘଟୁଛି। ମାଟିଆପଲ୍ଲା ଛକ ନିକଟରେ ହୋଇଥିବା ଡାଇଭର୍ସନ ଯୋଗୁଁ ଆଜି ଏକ ସିରିଜ ଦୁର୍ଘଟଣା ଘଟିଛି। ଯଦିଓ ଏଥିରେ କାହାର କିଛି କ୍ଷତି ହୋଇନାହିଁ ମାତ୍ର ଦୀର୍ଘ ଦୁଇଘଣ୍ଟା ଧରି ରାସ୍ତା ଜାମ ରହିଥିଲା। ଧାମନଗର ଅଞ୍ଚଳର କିଛି ଶ୍ରଦ୍ଧାଳୁ କାର୍ ଯୋଗେ ପୀରଙ୍କୁ ଦର୍ଶନ କରି ଫେରୁଥିବାବେଳେ ସାମ୍ନାରେ ଯାଉଥିବା ଏକ ଟ୍ରକକୁ ସାଇଡ୍ ମାରିଥିଲା। ଫଳରେ କାର ପଛରେ ଯାଉଥିବା ଏକ କଣ୍ଟେନର ବ୍ରେକ ମାରି ପଛକୁ ଆସିବାରୁ ପଛରେ ଥିବା ବସ୍‌କୁ ଧକ୍କା ଦେଇଥିଲା। ଫଳରେ ବସ୍‌ର ଆଗ କାଚ ଭାଙ୍ଗି ଯାଇଥିଲା।

ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ

ଚୌକି, ୧୪।୧(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯାଇଛି। ସରପଞ୍ଚ ମମତା ସାହୁ ନେତୃତ୍ୱରେ ଏହି ରଥ ପ୍ରଥମେ ମନ୍ଦାରସାହି ପଞ୍ଚାୟତ ଅଫିସ୍ ପାଖରୁ ବାହରି ସମଗ୍ର ପଞ୍ଚାୟତର ପରିକ୍ରମା କରିଥିଲା। ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି ଶୁଭାରମ୍ଭ କରିଥିଲେ। ଖୁଦିରାମ ତୁଡୁ, ସାନ୍ତିବାଲା ସାହୁ, ଲକ୍ଷ୍ମୀନାରାୟଣ ସାହୁ, ସୁଦର୍ଶନ ଗିରି, ସନ୍ତୋଷ କୁମାର ଜେନା, ଶଙ୍କର ଜେନା, ଜନ୍ମେଜୟ କରଣ, କମଳାକାନ୍ତ ସାହୁ, ମଧୁସୂଦନ ମହାନ୍ତି, ସନ୍ତୋଷ ମହାନ୍ତି, ସଞ୍ଜୟ ପ୍ରାମାଣିକ ଉମାକାନ୍ତ ମହାନ୍ତି, ଶଙ୍କର ପ୍ରାମାଣିକ, ଦିଲୀପ ଦାସ, ସୁଭଦ୍ରା ପାତ. ବେବୀ ରାଣୀ ଦାସ, ସରସ୍ୱତୀ ଗିରି, ସବିତା ଜେନା, ରାଧାରାଣୀ ମହାନ୍ତି, ରଶ୍ମୀ ରେଖା ଦାସ, ବାସନ୍ତି ଗିରି, ଆରତୀ ଜେନା, ସୀତାଞ୍ଜଳି ମହାନ୍ତି, ମିନତୀ ମହାନ୍ତି, ସଭାରାଣୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

ରାଧାନାଥ ସାହିତ୍ୟ ଆଧାରିତ ପ୍ରତିଯୋଗିତା

ସୋର, ୧୪।୧(ସମିସ): ସୋର ପୌରପାଳିକା ରାଧାନାଥ ପାଠାଗାର ଆନୁକୂଲ୍ୟରେ ରାଧାନାଥ ସାହିତ୍ୟ ଆଧାରିତ ବିଭିନ୍ନ ବିଭାଗରେ ପିଲାମାନଙ୍କର ପ୍ରତିଯୋଗିତା ରାଧାନାଥ ସ୍ମୃତିମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ବିଧାୟକ ପର୍ଶୁରାମ ଧଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ରାଧାନାଥ ସାହିତ୍ୟର ପ୍ରଚାର ପ୍ରସାର ନିମନ୍ତେ କବିବରଙ୍କ ଲିଖିତ ତିନୋଟି କାବ୍ୟ କେଦାରଗୌରୀ, ଚନ୍ଦ୍ରଭାଗା ଓ ଉଷା ସହିତ କବିଙ୍କ ଜୀବନୀକୁ ନେଇ ପାଠାଗାର ସମ୍ପାଦିତ କବିବର କାବ୍ୟତ୍ରୟୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ପାଠାଗାର ସମ୍ପାଦକ ଦାମୋଦର ଦାଶମହାପାତ୍ର ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ଉନ୍ମୋଚିତ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ରାଧାନାଥ ଶ୍ରାଦ୍ଧୋତ୍ସବ ଓ ସମ୍ମିଳନୀ ପାଳନ ଅବସରରେ ପୁରସ୍କୃତ କରାଯିବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ପାଠାଗାର ଉପସଭାପତି ନବକିଶୋର ଦାସ, ନିରଞ୍ଜନ ପଣ୍ଡା, ଯୁଗ୍ମ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ମନୀନ୍ଦ୍ର କୁମାର ଦୀକ୍ଷିତ, ଚକ୍ରଧର ପାଢ଼ୀ, ପଦ୍ମଲୋଚନ ଦ୍ୱିବେଦୀ, ପଦ୍ମଲୋଚନ ସାହୁ, ଦେବେନ୍ଦ୍ର ପ୍ରଧାନ, ଅଶୋକ କୁମାର ମହାନ୍ତି, ମାୟାଧର ନାୟକ, ମାନସ କୁମାର ପଣ୍ଡା, ଗଙ୍ଗାଧର ପାଢ଼ୀ, କୃତ୍ତିବାସ ବେଜ, ଅଞ୍ଜଳି ମହାପାତ୍ର, ଅନନ୍ତ ପ୍ରସାଦ ବେହେରା, ଶେଖ୍ ଇମତିୟାଜ ମହମ୍ମଦ, ଶେଖ ସାହାଦତ ଅଲ୍ଲୀ, ପ୍ରଦୀପ କୁମାର ବିଶ୍ୱାଳ, ରଶ୍ମୀରାଣୀ ଦାସ, ଜ୍ୟୋତ୍ସ୍ନାରାଣୀ ଜେନା, ଶୈଳବାଳା ପଣ୍ଡା, ନେତ୍ରାନନ୍ଦ ରାଉତ, ଜିତେନ୍ଦ୍ର କୁମାର ବେହେରା, ମିହିର କୁମାର ଦାସ, ଚେମେଇ ଦାସ, ମହେଶ୍ୱର ପଣ୍ଡା, ଡ.ବନମାଳୀ ବେହେରା, ରବୀନ୍ଦ୍ର କୁମାର ଦାସ, ପୁଷ୍ପାରାଣୀ ନାୟକ, କଟଚନ୍ଦ୍ର ବେହେରା, ଶିଖର ବେନାର୍ଜି, ସନ୍ତୋଷ କୁମାର ଦ୍ୱିବେଦୀ, ଲମ୍ବୋଦର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ, ଜଣେ ଗିରଫ

ସୋର, ୧୪।୧(ସମିସ): ସୋର ଆଦର୍ଶ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ପୋଚ ନଷ୍ଟ ସହ ଦେଶୀମଦ ଏବଂ ବିୟର ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁ ଏବଂ ଖଇରା ଅବକାରୀ ଅଧିକାରୀ ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଜଙ୍ଗଲ ଏବଂ ବାଉଁଶପାଳ ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ଦେଶୀମଦ ରନ୍ଧା କାରଖାନା ଉପରେ ଚଢ଼ଉ କରି ୩୦୦୦ ଲିଟର ଗୁଡ଼ ପୋଚନଷ୍ଟ କରିବା ସହିତ ୨୦୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ଉ ହେଇଥିବା ଜାଣିପାରି ଅଭିଯୁକ୍ତମାନେ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିଲେ। ସେହିପରି ସୋର ପୌର ପାଳିକା ଅଧୀନ ମୁଳେଶ୍ୱର ଗ୍ରାମରେ ଚଢ଼ଉ କରି ଲକ୍ଷ୍ମଣ ଜେନାଙ୍କ ନିକଟରୁ ୫.୨୦୦ ଲିଟର ବିୟର ଜବତ କରିବା ସହିତ ଲକ୍ଷ୍ମଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସ୍‌ଆଇ ମିନତୀ ଜେନା, ଦୁଯ୍ୟୋଧନ ବେହେରା, କନଷ୍ଟେବଳ ତପନ ମଲ୍ଲିକ, ଶଶୀକାନ୍ତ ସାହୁ, ଗଣେଶ ସିଂ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

DADLS-77

ଓଡ଼ିଶା ସରକାର

ବ୍ୟାସକବି ଫକୀର ମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୫.୦୧.୨୦୨୪ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଅପରାହ୍ନ - ୩ ଘଟିକା ଜୟଦେବ ଭବନ
ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର

ସନ୍ଧ୍ୟା ଘ.୫.୩୦ମିନିଟ ସାଧାରଣ ସଭା

ସଭାପତି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ, ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ
ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଡ଼ଃ ସଂଘମିତ୍ରା ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକା
ପ୍ରାରମ୍ଭିକ ବକ୍ତବ୍ୟ – ଡ଼ ବିରାଜ ମୋହନ ଦାସ, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଉପସଂହାର ବକ୍ତବ୍ୟ – ଶ୍ରୀଯୁକ୍ତ ଜୀବନ ମହାପାତ୍ର, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ଇଟିକିଲି ମିଟିକିଲି ଅନୁଷ୍ଠାନ ତରଫରୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0250/2324

ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ 'ୱାକାଥନ୍'

ବାଲେଶ୍ୱର, ୧୪।୧(ସମିସ): ଜନସାଧାରଣଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟାଳୟ ପକ୍ଷରୁ ବାଲେଶ୍ୱରରେ ଆର୍ଥିକ ସାକ୍ଷରତା ଓ ସଚେତନତା ଉପରେ ଏକ 'ୱାକାଥନ୍' ଆୟୋଜନ କରଯାଇଥିଲା। ଏହି 'ୱାକାଥନ୍' ବାଲେଶ୍ୱର ସହରସ୍ଥିତ ସିଦ୍ଧି କଲ୍ୟାଣ ମଣ୍ଡପରୁ ଆରମ୍ଭ ହୋଇ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇ ସିଦ୍ଧି କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ଏଥିରେ ବିଭିନ୍ନ ଟାର୍ଗେଟ ଗୋଷ୍ଠୀ ଯଥା ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ, କୃଷକ, ବରିଷ୍ଠ ନାଗରିକ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। 'ୱାକାଥନ୍' ପରେ ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଯେଉଁଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଆର୍ଥିକ ସାକ୍ଷରତା, ସାଇବର ସିକ୍ୟୁରିଟି, ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ବିଭିନ୍ନ ପ୍ରକାରର ଠକେଇ, ଚିରା ଓ ଫଟା ନୋଟ୍ ବିନିମୟ ସୁବିଧା, ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା, ଆରବିଆଇର ଏକୀକୃତ ଲୋକପାଳ ଯୋଜନା ଇତ୍ୟାଦି ଉପରେ ଅଧିବେଶନ ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଅନିତା ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରିୟଦର୍ଶିନୀ ମଲିକ୍, ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟକ ମହା ପ୍ରବନ୍ଧକ ସନ୍ତୋଷ କୁମାର ଲେଙ୍କା, ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଯଶୋବନ୍ତ ଦାଶ, ୟୁକୋ ବ୍ୟାଙ୍କର ସହାୟକ ମହା ପ୍ରବନ୍ଧକ ଲିଙ୍ଗରାଜ ନାୟକ, ଅଗ୍ରଣୀ ଜିଲ୍ଲା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଓ ରଶ୍ମୀରଞ୍ଜନ ସାହୁ, ବିଶ୍ୱଜିତ୍ ଶତପଥୀ ଏବଂ ଡିଡିଏମ୍ ନାବାଡ୍ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ବିକାଶ ପରିଷଦ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ରୂପସା, ୧୪।୧(ସମିସ): ବାଲେଶ୍ୱର ଜିଲ୍ଲା ରୂପସା ରେଳଷ୍ଟେସନର ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ରେଳବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ସମସ୍ୟାର ସମାଧାନ ହେଉନାହିଁ। ରବିବାର ବାଲେଶ୍ୱର ଏମ୍ସ ସାଟେଲାଇଟ ହସ୍ପିଟାଲରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ରୂପସା ଆଞ୍ଚଳିକ ବିକାଶ ପରିଷଦ ଓ ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ରୂପସା ଷ୍ଟେସନରେ ଡାଉନ ଜଗନ୍ନାଥ ଏକ୍ସପ୍ରେସର ରହଣି, ବାରିପଦା-ରୂପସା ପାସେଞ୍ଜର ଟ୍ରେନ ପୂର୍ବଭଳି ବାଲେଶ୍ୱର ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବା, ଷ୍ଟେସନର ଉତ୍ତର କେବିନ ଠାରେ ଖୁବଶୀଘ୍ର ଫ୍ଲାଏ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ, ଦିଲ୍ଲୀ ଯାଉଥିବା କୌଣସି ଟ୍ରେନର ରହଣି ହେବା ଏବଂ ଚାରି ନମ୍ବର ପ୍ଲାଟଫର୍ମରେ ନୂତନ ଟିକଟ ଭେଣ୍ଡିଂ ମେସିନ ସ୍ଥାପନ କରିବା ଆଦି ୫ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦର ସଭାପତି ଭଗବାନ ମହାପାତ୍ର, ଜଗଦୀଶ ପଟ୍ଟନାୟକ, ବାଞ୍ଛାନିଧି ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ଅବିକଳ ନକଲ ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ, ରେଳବାଇ ଜେନେରାଲ ମ୍ୟାନେଜର ଏବଂ ଡିଆରଏମଙ୍କୁ ନିକଟକୁ ପ୍ରେରଣ କରାଯାଇଛି। ଖୁବଶୀଘ୍ର ଦାବି ପୂରଣ ଦିଗରେ ଜନସାଧାରଣଙ୍କ ତରଫରୁ ରେଳମନ୍ତ୍ରୀଙ୍କୁ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି।

ସୋର ଡାକ୍ତରଖାନାରୁ ଚୋରି

ସୋର, ୧୪।୧(ସମିସ): ସୋର ଡାକ୍ତରଖାନା ପରିସରରେ ଥିବା ଶୌଚାଳୟରୁ ଲକ୍ଷାଧିକ ଟଙ୍କାର ସାନିଟାରୀ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ଡାକ୍ତରଖାନାରେ କାମ ଚାଲୁ ରହିଥିବାବେଳେ ନବନିର୍ମିତ ଶୌଚାଳୟରେ ଗତ ଦୁଇଦିନ ତଳେ ନାମୀଦାମୀ କମ୍ପାନୀର ଦାମୀ ସାନିଟାରୀ ସାମଗ୍ରୀ ଲଗାଯାଇଥିଲା। ମାତ୍ର ଆଜି ସକାଳେ ସେଗୁଡ଼ିକ କେହି ଚୋରି କରିନେଇ ଥିବା ଦେଖିବାକୁ ମିଳିଥିଲା। ତେବେ ଚୋରି ହୋଇଥିବା ସାମଗ୍ରୀ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ଏ ବାବଦରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।



ଜୟ ଜଗନ୍ନାଥ

{ ନୀଳାଦ୍ରିନାଥଂ ଜଗତାମଧୀଶଂ/ଚିଦଂଶରୂପଂ ଶରଣୈକନାଥମ୍ ।
ଶ୍ରୀନୀଳଗୋତ୍ରାଧିପତିଂ ବରେଣ୍ୟଂ/ସୁରେନ୍ଦ୍ରବନ୍ଦ୍ୟଂ ପ୍ରଣତୋଽସ୍ମି ନିତ୍ୟମ୍ ।। }
(ପ୍ରଥମ ଅଧ୍ୟାୟ, ପ୍ରଥମ ଶ୍ଳୋକ, ବାମଦେବସଂହିତା)

ଶ୍ରୀଶ୍ରୀ ଜଗନ୍ନାଥାୟ ନମଃ

ଅପରୂପ ଶଙ୍ଖକ୍ଷେତ୍ର

ଦିନ ଦିଇଟା ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ । ପୌଷ ଶୁକ୍ଳ ସପ୍ତମୀ ତିଥିର ଦିବ୍ୟ ମୁହୂର୍ତ୍ତରେ ମଞ୍ଚରେ ପୂର୍ଣ୍ଣାହୁତି ସହ ଲୋକାର୍ପିତ ହେବ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ । ଏଥିପାଇଁ ଶ୍ରୀକ୍ଷେତ୍ରରେ ଏକାଠି ହେବେ ଦେଶ ବିଦେଶର ପ୍ରମୁଖ ବେଦ ପାଠର ପୂଜକ ଓ ମୁଖ୍ୟ କର୍ମକର୍ତ୍ତା । ପୁରୀ ଧର୍ମଗୁରୁ, ସାଧୁସନ୍ଥ, ବିଶିଷ୍ଟ ବ୍ୟକ୍ତି ବି ଯୋଗଦେବେ । ବିତତ ଦିନରେ ସବୁ ଧର୍ମ ଓ ମତବାଦର ବ୍ୟକ୍ତିଙ୍କୁ ଆମଣ୍ଡାଇ ସମଗ୍ର ବିଶ୍ୱକୁ ସଂହତିର ବାର୍ତ୍ତା ଦେଇଥିବା ଶ୍ରୀଜଗନ୍ନାଥଙ୍କ ଧାମ ଏବେ ପୁଣିଥରେ ସମସ୍ତଙ୍କୁ ଆପଣାଛଡ଼ା ଲାଗି ନିଜକୁ ପ୍ରସ୍ତୁତ କରିଛି । ପରିକ୍ରମା ଲୋକାର୍ପଣରେ ଯୋଗଦେବାକୁ ଆସୁଥିବା ଅତିଥିମାନଙ୍କ ଆତିଥେୟତାକୁ ଦେଶ୍ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ସବୁଦିନ ହେଉଛି ଶଙ୍ଖକ୍ଷେତ୍ର । ଏହି ସାଜସଜ୍ଜା ଭିତରେ ସହରର ବିଭିନ୍ନ ପ୍ରମୁଖ କାରାର କାନ୍ଥ, ପ୍ରାଚୀରରେ ଅଙ୍କା ଯାଇଛି ଆକର୍ଷଣୀୟ ଚିତ୍ରକଳା । ଓଡ଼ିଶା ଶିଳ୍ପୀଙ୍କ କଳା, ଚାତୁର୍ଯ୍ୟ ଓ ସୂକ୍ଷ୍ମ କାରୁକାର୍ଯ୍ୟ ଫୁଟିଉଠୁଛି ପ୍ରତିଟି ଚିତ୍ରରେ । ସଜ୍ଜ ନଳିଲେ ଝଲସୁଛି ପୁରୀ ସହର । ରାଜାର ଆଲୋକମାଳାରେ ଝଲମଲ ହେଉଛି କୋଠା ଓ ଗଛ । ଆଲୋକ ଶିଖାରେ ଚାନ୍ଦୁଆର ତମାଳ ବାସ୍ତବିକ ନିଆରା ଲାଗୁଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଯୋଗଦେବାକୁ ଆସୁଥିବା ଅତିଥି ଏବଂ ଲକ୍ଷାଧିକ ଭକ୍ତଙ୍କୁ ଭବ୍ୟ ସ୍ୱାଗତ ପାଇଁ ନିଆରା ଅନୁଭବ ଜେଟିଦେବାକୁ ପ୍ରୟାସ କରିଛନ୍ତି ରାଜ୍ୟ ସରକାର । ବଡଦାଣ୍ଡ ଉଭୟ ପାର୍ଶ୍ୱ କୋଠାବୁଡ଼ିକୁ ପିଚା ଗୋଲାପି ରଙ୍ଗରେ ରଙ୍ଗାଯିବ କରାଯାଇଥିବା ବେଳେ ଶିଳ୍ପୀଙ୍କ ରଙ୍ଗତୁଳୀର ସ୍ପର୍ଶରେ କାନ୍ଥ, ପ୍ରାଚୀର ବଖାଣୁଛି ଜଳୁଛୀୟ କଳା, ସଂସ୍କୃତିର ଗାଥା ।

ଆକର୍ଷଣୀୟ ଜଗନ୍ନାଥବଲ୍ଲଭ

ସବୁଠୁ ଆକର୍ଷଣୀୟ ଭାବେ ସଜେଇ ହେଉଛି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସର । ଶ୍ରୀସେତୁ ହେଇ ଅତିଥିମାନେ ଜଗନ୍ନାଥବଲ୍ଲଭରେ ପହଞ୍ଚିବେ । ସେଣୁ ଏହା ପରିବେଶକୁ ଆଧ୍ୟାତ୍ମିକ ମୟ କରାଯାଉଛି । ଏବେ ଜଗନ୍ନାଥମୟ ହୋଇପଡ଼ିଛି ଜଗନ୍ନାଥ ବଲ୍ଲଭ । ମଠ ପରିସରରେ ଦିଆରି ହୋଇଛି ଜଗନ୍ନାଥ ବଲ୍ଲଭ ପିଲଗ୍ରାମ ସେଣ୍ଟର । ଏହାର ନାମରେ ବି ଜଗନ୍ନାଥଙ୍କ ନାମ ଯୋଡି ହୋଇଗଲାଣି । ସେହିପରି ଏଠାରେ ପୂର୍ବରୁ ଚାଲିଥିବା ଚାରିଦିକିଆ ପାଙ୍କିସ୍ଥଳର ନାମ ଜଗନ୍ନାଥ ବଲ୍ଲଭ ପାଙ୍କିସ୍ଥଳ, ଯାହାକି ଏବେ ବି ଲୋକଙ୍କ ସେବାରେ ଲାଗିଛି । ସେହିପରି ଜଗନ୍ନାଥମୟର ଆଉ ଏକ ଅଂଶ ହେଉଛି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଏହା ପରିସରରେ ଜଗନ୍ନାଥଙ୍କ ୨୫ ବେଶ ପ୍ରଦର୍ଶନ କରାଯିବ । ଜାରିରେ ବେଶସୃଷ୍ଟିକୁ ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରିସାରିଥିବା ବେଳେ କେବଳ ସଜାଇ ରଖାଯିବ । ଅବକାଶ ବେଶ (ଡଫପ ଉତରି ବେଶ), ଜାମାଲାଗି ବେଶ, ନବାଳ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ (ଠିଆଳିଆ), ବାଳଦୂତ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଗୋବଳାଗି ବେଶ, ପଦୁମପୁଷ ବେଶ, ଗଜଉଦ୍ଧାରଣ ବେଶ, ଚାତେଚି ବେଶ, ବଡସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ପୁନାବେଶ), ବନଭୋଜୀ ବେଶ, ଜାଳୀଯଦନକ ବେଶ, ପ୍ରଦ୍ୟୁମ୍ନସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡକିଆ ବେଶ), ନାଗାର୍ଜୁନ ବେଶ, ଶ୍ରୀଶ୍ର ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ ପ୍ରଦର୍ଶନ କରାଯିବ ।

ଭକ୍ତ ଜାଣିବେ ଅଜଣା ତଥ୍ୟ

ସେହିପରି ଜଗନ୍ନାଥ ମହାପ୍ରଭୁଙ୍କର ତିନିରଥ (ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ) ବି ଜଗନ୍ନାଥ ବଲ୍ଲଭ ପରିସରରେ ଦେଖିପାରିବେ ଅଗଣତି ଶ୍ରଦ୍ଧାଳୁ । ଏହି ରଥ ତିନୋଟିର ମଡେଲ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ସରିଛି । ଏଥିରେ ରଥର ପ୍ରତ୍ୟେକ ଅଂଶର ତଥ୍ୟବହି ପ୍ରଦାନ କରାଯିବ । ପଟ୍ଟରେ ଭକ୍ତମାନେ ରଥ ବିଷୟରେ ପ୍ରତ୍ୟକ୍ଷ ତଥ୍ୟ ପାଇବାର ସୁଯୋଗ ପାଇବେ । ଭେବକ ବେଶ କି ତିନିରଥ ନୁହେଁ, ମହାପ୍ରଭୁଙ୍କ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ (ଯାହା ଏବେ ବ୍ୟବହାର କରାଯାଉ ନାହିଁ) ମଧ୍ୟ ପ୍ରଦର୍ଶିତ ହେବ । ଏଥିପାଇଁ ସ୍ୱତନ୍ତ୍ର ଭାବେ ଶେଡ୍ ପ୍ରସ୍ତୁତ କରାଯାଇଥିବା ବେଳେ ସାମଗ୍ରୀଗୁଡ଼ିକୁ ଆଣି ପ୍ରଦର୍ଶନୀ କରାଯିବ । ମହାପ୍ରଭୁଙ୍କ ମହାପ୍ରସାଦ ପ୍ରସ୍ତୁତି ବାସ୍ତବିକ ସବୁଠୁ ନିଆରା । ଏହାର ରହସ୍ୟ ଏବେ ବି ଅନେକଙ୍କ ପାଇଁ ଅଜଣା । ତେବେ ଏହି ମହାପ୍ରସାଦ ପ୍ରସ୍ତୁତ କରାଯାଇଥିବା ହାଣ୍ଡି, କୁଢୁଆ ବିଷୟରେ ମଧ୍ୟ ସୂଚନା ପାଇବେ ଶ୍ରଦ୍ଧାଳୁ । ରୋଷଶାଳାରେ ବ୍ୟବହୃତ ହାଣ୍ଡି, କୁଢୁଆର ପଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯିବ । ଭେଣ୍ଡି କୁଢୁଆର ନାଁ କ'ଣ, ସେହି ନାଁ କାହିଁକି ଦିଆଯାଇଛି, ହାଣ୍ଡିରେ କେତେ ପରିମାଣର ଭୋଗ ଦ୍ରବ୍ୟ ରନ୍ଧନ ହୋଇପାରିବ ସେ ସବୁ ତଥ୍ୟ ରହିବ । ଭାବରଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ । ଯୁଗେ ଯୁଗେ ଭକ୍ତ ପାଇଁ ଭଗବାନର ପ୍ରମାଣ ଦେଇଆସିଛନ୍ତି । ଯେଉଁଥିପାଇଁ ଅନେକ ଭକ୍ତ ଆଜି ଜନମାନସରେ ସ୍ମରଣୀୟ ହୋଇରହିଛନ୍ତି । ସେହି ଭକ୍ତମାନଙ୍କ ଲୀଳାର ସୁନ୍ଦର୍ଯ୍ୟ ଚିତ୍ର ସହିତ କାହାଣୀ ବି ପ୍ରଦର୍ଶୀତ ହେବ । ଶ୍ରୀକରଦେବ, ବଳରାମ ଦାସ, ଶ୍ରୀଚୈତନ୍ୟ, ବନ୍ଧୁ ମହାନ୍ତି, ବାସିଆ ବାଉରୀଙ୍କ କାହାଣୀ ସହିତ ୨୦୨୦ ଐତିହାସିକ ରଥଯାତ୍ରାର ଫଟୋଚିତ୍ର ବିବରଣୀ ମଧ୍ୟ ପ୍ରଦର୍ଶୀତ କରାଯିବ । ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କର ପାରମ୍ପରିକ ଜିନିଷ ମଧ୍ୟ ଦେଖିପାରିବେ ଶ୍ରଦ୍ଧାଳୁ । ଏଣା ସମୟରେ ୫୦ ଲୋକ ବସି ଏହିସବୁ ଦୃଶ୍ୟ ଅବଲୋକନ କରିବାର ସୁବିଧା ମଧ୍ୟ ଉପଲବ୍ଧ ହେବ ।

ହରିବୋଲ ଓ ହୁଳହୁଳିରେ କମ୍ପୁଛି ଶ୍ରୀକ୍ଷେତ୍ର

ଜଗତର ନାଥ ଜଗନ୍ନାଥଙ୍କ ସନ୍ଧ୍ୟା ଆରତୀ ଚାଲିଛି । ଫିଂହ ଦ୍ୱାର ସମ୍ମୁଖ ଭାଗରେ ଥାଇ ଭକ୍ତ ତା ଆଚରଣରେ ଲୀନ ଅଛି । ନା ଜାତି ଅଛି ନା ଧର୍ମ ଅଛି । ଜଗାଣ୍ଡ ଭକ୍ତ ଦେଖୁଛି । ଆଖିରୁ ଲୋତକ ଆସୁଛି । ପ୍ରଭୁ ରିକ୍ଷା ଲାଗି ସେ କରିଛି । ଏଭଳି ଏକ ବର୍ଣ୍ଣାତ୍ମ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀ ମନ୍ଦିର ବା ବଡଦେଉଳ ଚୁଳଘରୀ ଚୁଲଘରୀ ବାଜୁଛି । ଛୋଟ ଛୁଆଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖରେ କେବଳ ଗୋଟିଏ ଶବ୍ଦ ଜଗନ୍ନାଥ ଜଗନ୍ନାଥ । ପୁରୀ ପରିକ୍ରମା ପ୍ରକଳ୍ପକୁ ଆଜି ୨ ଦିନ ଅତୀତରୁ ସନ୍ଧ୍ୟା ସମୟରେ ଫିଂହ ଦ୍ୱାର ଭକ୍ତିରେ ଗଜୁଛି । ଦିନକୁ ଦିନ ଅଧିକ ଭିଡ଼ ମଧ୍ୟ ପରିଲକ୍ଷିତ ହେଉଛି । ଆଜି ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି ବଡଦେଉଳ ଏହି ପୂର୍ବ ଦ୍ୱାରରେ ।



ଶ୍ରୀମନ୍ଦିର ବାହାରେ ରଘୁନାଥ ବେଶ

ମହାପ୍ରଭୁଙ୍କର ବିଭିନ୍ନ ବେଶ ମଧ୍ୟରେ ଦୁଇଟି (ନାଗାର୍ଜୁନ ଓ ରଘୁନାଥ) ବେଶ ଅତ୍ୟନ୍ତ ଦୁର୍ଲଭ ଏବଂ ମନୋମୁଗ୍ଧକର । ପରମ୍ପରା ମୁତାବକ ଚିତ୍ର ଅନୁସାରେ ଶ୍ରୀମନ୍ଦିରରେ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥାଏଁ । କିନ୍ତୁ ମହାପ୍ରଭୁଙ୍କ ଅତ୍ୟନ୍ତ ଆକର୍ଷଣୀୟ ରଘୁନାଥ ବେଶ ହେଉନାହିଁ । ତଥ୍ୟ କହୁଛି ୧୯୮୮ ବର୍ଷ ତଳେ ଶ୍ରୀମନ୍ଦିରରେ ବନ୍ଦ ରହିଛି ଏହି ବେଶ । ରଉଫିହାସନରେ ଭକ୍ତମାନେ ଦାଳୁବିଗ୍ରହଙ୍କ ଏହି ରାମଶୀୟ ବେଶ ଦେଖିପାରୁ ନ ଥିବାବେଳେ ଏବେ ଦର୍ଶନର ସୁଯୋଗ ପାଇବେ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଆଣିଦେଇଛି ଏହି ସୁଯୋଗ । କିନ୍ତୁ ରଉଫିହାସନ ଉପରେ ନୁହେଁ, ବଡ଼ଦେଉଳ ବାହାରେ ଏହି ବିରଳ ରଘୁନାଥ ବେଶର ଅ ନୁ ଭୂ ତି ସାଉଣ୍ଡିରେ ଶ୍ରଦ୍ଧାଳୁ । ଜଗନ୍ନାଥ ବଲ୍ଲଭ ପରିସରରେ ପ୍ରଦର୍ଶିତ ହେବାକୁ ଥିବା ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ରଘୁନାଥ ବେଶ ସାମିଲ ଅଛି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ସୂଚନା ଅନୁସାରେ, ମୋଟ ୯ଥର ରଉଫିହାସନରେ ମହାପ୍ରଭୁ ରଘୁନାଥ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଶେଷଥର ପାଇଁ ୧୯୦୫ ମସିହା ଏପ୍ରିଲ ୨୬ ତାରିଖ ଗୁରୁବାର ଏହି ବେଶ କରାଯାଇଥିଲା । ଏହି ବେଶର ପ୍ରବର୍ତ୍ତକ ରାମାନନ୍ଦାଚାର୍ଯ୍ୟ ବୋଲି କୁହାଯାଏ । ତେବେ ରାମ ଜନ୍ମତିଥି ପୁଷ୍ୟା ନକ୍ଷତ୍ରଯୁକ୍ତ ହୋଇଥିଲେ ମହାପ୍ରଭୁଙ୍କର ଏହି ବେଶ ହୋଇଥାଏ । ସେହିପରି ପରମ୍ପରା ଅନୁସାରେ ବିଶେଷ ମାସର ଶେଷଦିନ ରାମଚନ୍ଦ୍ର ଭେବଙ୍କ ଅଭିଷେକ ଉତ୍ସବ ପଡ଼ିଥାଏ ସେହି ତିଥିରେ ଶ୍ରୀମନ୍ଦିରରେ ରଘୁନାଥ ବେଶ କରାଯାଏ । କିନ୍ତୁ ୧୯୦୫ ପରେ ଅନେକଥର ଏହି ତିଥି ଆସୁଥିଲେ ମଧ୍ୟ କେବେ ନିର୍ଦ୍ଦିଷ୍ଟ କାରଣ ଯୋଗୁ ଏହି ଦୁର୍ଲଭ ବେଶ ଅନୁଷ୍ଠିତ ହୋଇପାରୁ ନାହିଁ । ଏପରି କି ୧୯୩୬ରୁ ୧୯୮୦ ମସିହା ମଧ୍ୟରେ ଏହି ବେଶ କରାଯିବା ପାଇଁ ଶ୍ରୀମନ୍ଦିର ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଇଥିଲେ ଯେଉଁ ତାହା ସମ୍ଭବ ହୋଇପାରି ନ ଥିଲା । ଏହି ବେଶରେ ଶ୍ରୀଜଗନ୍ନାଥ ରାମ ରୂପରେ ହସ୍ତପଦ ଯୁକ୍ତ ହୋଇଥାନ୍ତି । ବାମ ପାଦ ଫିଂହାସନ ଉପରେ ଓ ଦକ୍ଷିଣ ପାଦ ତଳକୁ ଲମ୍ବି ରହିଥାଏ । ଧନୁଶର ଧାରଣ ସହ ଫିଂହାସନରେ ବସିଥାନ୍ତି । ବଡଠାକୁର ବଳଭଦ୍ର ଲମ୍ବିତ ରୂପେ ଧନୁଷାକ ଛନ୍ଦରେ ଦଣ୍ଡାୟମାନ ହୋଇ ହସ୍ତପଦଯୁକ୍ତ ହୋଇଥାନ୍ତି । ଦୁଇ ହସ୍ତରେ ଜଗନ୍ନାଥଙ୍କ ମସ୍ତକକୁ ଜମ୍ପିଯାଇଥିବା ଛତୁକୁ ଧରିଥାନ୍ତି । ସୁଭଦ୍ରା ବିଭିନ୍ନ ଆଭୂଷଣରେ ଶୋଭା ପାଇଥାନ୍ତି ।

ପ୍ରସାରିତ ହେବ ପର୍ଯ୍ୟଟନ

ପୁରୀରୁ ମାତ୍ର ୩୫ କିଲୋମିଟର ଦୂରରେ ବିଶ୍ୱ ଐତିହ୍ୟସ୍ଥଳ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ରହିଛି । ପୁରୀ କୋଣାର୍କ ରାସ୍ତାରେ ରାମଚଣ୍ଡୀ, ଚନ୍ଦ୍ରଭାଗା ବେଳାଭୂମି, ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ଅନୁଭବ । ପୁରୀ ମଧ୍ୟ ବିଲିକା ଏବଂ ଚିତଲକନିକା ଜାତୀୟ ଉଦ୍ୟାନ ପରି ଦୁଇ ବୁଡଟି ରାମସାର୍ ମାନ୍ୟତା ସ୍ଥଳ ସହ ସଂପୃକ୍ତ । ଏହି ଦୁଇଟି ସ୍ଥାନରେ ଆନ୍ତର୍ଜାତିକ ପରିବେଶ ପର୍ଯ୍ୟଟନ ପାଇଁ ଭରପୂର ସୁଯୋଗ ରହିଛି । ପର୍ଯ୍ୟଟକମାନଙ୍କୁ ପୁରୀ ବେଳାଭୂମିରେ ଏକ ଅନନ୍ୟ ଅନୁଭୂତି ଦେବା ପାଇଁ ବ୍ଲୁ ଫ୍ଲାଗ୍ ବିଚ୍ ଭାବେ ବିକଶିତ କରାଯାଇଛି । ସେହିପରି ଧଳରି, ରତ୍ନଗିରି, ଉଦୟଗିରି ପରି ପ୍ରସିଦ୍ଧ ଐତିହ୍ୟସ୍ଥଳ ମଧ୍ୟ ପୁରୀର ଅତି ନିକଟରେ ରହିଛି । ଏଠାକୁ ସାରା ବିଶ୍ୱକୁ ବୌଦ୍ଧ ପର୍ଯ୍ୟଟକମାନେ ଆସିଥାନ୍ତି । ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ପର୍ଯ୍ୟଟନ ତଥା ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର ଭାବରେ ପୁରୀରେ ଥିବା ବିପୁଳ ସୁବିଧାର ଉପଯୋଗ ପାଇଁ ଏହି ବିମାନବନ୍ଦର ବିକଶିତ ସହାୟକ ହେବ । ଶ୍ରୀମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳର ସୌନ୍ଦର୍ଯ୍ୟୀକରଣ ଓ ଉନ୍ନତମାନର ଭିତ୍ତିଭୂମି ପୁରୀ ସହରକୁ ଏକ ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳୁଛି ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୨୦୨୪ ମସିହାରେ ଚିଠି ଲେଖିଥିଲେ । ଏଥିସହ ଗତ ମେ' ମାସରେ ପ୍ରଧାନମନ୍ତ୍ରୀଙ୍କୁ ଦିଲ୍ଲୀରେ ଭେଟି ଆଲୋଚନା କରିଥିଲେ । ଏତେଳେ ଜମି ଚିହ୍ନଟ ଓ ଅଧିଗ୍ରହଣ କାମ ଆରମ୍ଭ ହୋଇଛି । ପ୍ରସ୍ତାବିତ ଏହି ବିମାନବନ୍ଦର ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ସହ ଓଡ଼ିଶାର ଭାବମୂର୍ତ୍ତି ବଦଳାଇପାରିବ । ମୁଖ୍ୟମନ୍ତ୍ରୀ ଉକ୍ତ ଚିଠିରେ ଦର୍ଶାଇଥିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୁରୀ ସମେତ ବିଶ୍ୱର ୧୯୨ଟି ଦେଶରେ ପାଳନ ହେଉଛି । ଜଗନ୍ନାଥ ସଂସ୍କୃତି ପ୍ରତି ବିଶ୍ୱବାସୀଙ୍କ କେତେ ଆକର୍ଷଣ ରହିଛି, ଏଥିରୁ ତାହା ସ୍ପଷ୍ଟ ଜଣାପଡୁଛି । ସେଣୁ ସମଗ୍ର ବିଶ୍ୱକୁ ଜଗନ୍ନାଥ ସଂସ୍କୃତିର ପ୍ରାଣକେନ୍ଦ୍ର ପୁରୀ ସହ ଯୋଡ଼ିବା ଅତିଜରୁରୀ । କେବଳ ସେତିକି ନୁହେଁ, ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ପରିବେଶ ପର୍ଯ୍ୟଟନ, ବୌଦ୍ଧ ଐତିହ୍ୟସ୍ଥଳ, ଉତ୍କଳର ରାଜଧାନୀ, ଦୁଇ ଦୁଇଟି ବନ୍ଦର ସଂଲଗ୍ନ କାରଣରୁ ପୁରୀର ଗୁରୁତ୍ୱ ଯଥେଷ୍ଟ ବଢ଼ିଯାଇଛି । ପୁରୀ ହିନ୍ଦୁମାନଙ୍କର ପବିତ୍ର ଚାରିଧାମ ମଧ୍ୟରୁ ଅନ୍ୟତମ । ସାରା ବିଶ୍ୱର କୋଣେଅନୁକୋଣରୁ ଯାତ୍ରୀମାନେ ଏଠାକୁ ପ୍ରତ୍ୟହ ଆସିଥାନ୍ତି । ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମସ୍ତଙ୍କର ଆକର୍ଷଣର କେନ୍ଦ୍ର । ଦେଶ ବିଦେଶରୁ ଯାତ୍ରୀମାନେ ଆସି ରଥଯାତ୍ରା ପାଇଁ ପୁରୀରେ ସମବେତ ହୋଇଥାନ୍ତି । ସେଣୁ ପୁରୀରେ ଆନ୍ତର୍ଜାତିକ ବିମାନବନ୍ଦର ସ୍ଥାପନ କରାଗଲେ, ବିଦେଶରୁ ଯାତ୍ରୀମାନେ ସୁବିଧାରେ ପହଞ୍ଚିପାରିବେ ଏବଂ ଏହାସହ ପୁରୀ ବିଶ୍ୱରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ଘଟିବ ।

ଶ୍ରୀକ୍ଷେତ୍ର ସହ ଯୋଡ଼ିହେବ ସାରା ବିଶ୍ୱ

ସଂସ୍କୃତି, ପର୍ଯ୍ୟଟନ ଓ ଅର୍ଥନୀତିରେ ହେବ ଦ୍ରୁତ ବିକାଶ

ଜଗନ୍ନାଥଧାମ ବା ଶ୍ରୀକ୍ଷେତ୍ର ସହ ଯୋଡ଼ି ହେବ ସାରା ଜଗତ । ସମଗ୍ର ବିଶ୍ୱକୁ ଜଗନ୍ନାଥ ସଂସ୍କୃତିର ହେବ ସଂପ୍ରସାରଣ । ଦେଖିବାଦେଖିବାରୁ ପର୍ଯ୍ୟଟକ ସିଧାସଳକ୍ଷ ପୁରୀ ଆସିବେ । ଓଡ଼ିଶାର ସଂସ୍କୃତି, ପର୍ଯ୍ୟଟନ ଓ ଅର୍ଥନୀତିରେ ଦ୍ରୁତ ବିକାଶ ହେବ । ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରାଇବାକୁ ପୁରୀରେ ହେବାକୁ ଯାଉଛି 'ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର' । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ୨୦୨୪ ମସିହାରୁ ଏହି ପ୍ରକଳ୍ପର କାମ ଆରମ୍ଭ ହୋଇ ଆସେଲେ ଚାଲିଛି । ଆଉ କିଛି ବର୍ଷ ମଧ୍ୟରେ ଏହା ବାସ୍ତବ ରୂପ ନେବାକୁ ଯାଉଛି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ସଂପ୍ରସାରଣର ସୁଯୋଗ ନାହିଁ । ଅନ୍ୟପକ୍ଷେ ଭୁବନେଶ୍ୱରରୁ ପୁରୀ ଦିନ୍ତି ଚାଲିଥିବା ଟ୍ରାପିଜ୍ ପର୍ଯ୍ୟଟକଙ୍କୁ ଅନେକ ସମୟରେ ସମସ୍ୟାରେ ପକାଉଛି ।

ଲେଜର୍ ଶୋ'ରେ କାଞ୍ଚି ଅଭିଯାନ

ବଡ଼ଦାଣ୍ଡରେ ଶୁଭିବ ଗୋଡା ଟାପୁର ଶବ୍ଦ । କଳା, ଧଳା ଗୋଡା ଚଢି ଯୁଦ୍ଧ କରିବାକୁ ଯିବେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର । ପୁଣି ମାଣିକପାଟଶାରେ ମାଣିକ ଗଉଡ଼ଶାଠୁ ଖାଇବେ ଦହି । ପଇସା ନ ଥିବାରୁ ଗଉଡ଼ଶୀଙ୍କୁ ସୁନା ମୁଦି ଦେବେ ଠାକୁର । କାଞ୍ଚି ଅଭିଯାନର ଏହି ଭାବଭକ୍ତିର ଦୃଶ୍ୟକୁ ଅତି ପାଖରୁ ସାଉଣିବେ ଶ୍ରଦ୍ଧାଳୁ । ପରିକ୍ରମା ଲୋକାର୍ପଣ ଉତ୍ସବ ଅବସରରେ ବଡ଼ଦାଣ୍ଡସ୍ଥିତ ମାର୍କେଟ କମ୍ପ୍ଲେକ୍ସ କୋଠରେ କାଞ୍ଚି ଅଭିଯାନର କାହାଣୀ ଦୃଶ୍ୟମାନ ହେବ । ଲେଜର ଶୋ' ମାଧ୍ୟମରେ କାଞ୍ଚି ରାଜ୍ୟର ରୂପସୀ ରାଜକନ୍ୟା ପଦ୍

ବିଭିନ୍ନ ସ୍ଥାନରେ ଫକୀରମୋହନଙ୍କ ଜୟନ୍ତୀ ପାଳିତ

ନାଟକ 'ପେଟେଣ୍ଟ ମେଡିସିନ୍' ପରିବେଷିତ

ଭୋଗରାଇ, ୧୪।୧(ସମିସ):

ଅଲ୍‌ଇଣ୍ଡିଆ ଶିକ୍ଷା ବଞ୍ଚାଅ କମିଟି, ଅଲ୍‌ଇଣ୍ଡିଆ ଡିଏସଓ, ଅଲ ଇଣ୍ଡିଆ ଡିୱାଇଓ ଓ ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ମିଳିତ ଆନୁକୂଲ୍ୟରେ ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଫକୀରମୋହନ ଗୋଲେଇ ଠାରେ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଏହି ସମସ୍ତ ସଂଗଠନର ନେତୃବୃନ୍ଦମାନେ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏସୟୁସିଆଇ ଭୋଗରାଇ ଆଞ୍ଚଳିକ କମିଟି ସମ୍ପାଦିକା କ୍ରାନ୍ତାରାଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ଅଲ୍‌ଇଣ୍ଡିଆ ଶିକ୍ଷା ବଞ୍ଚାଅ କମିଟିର

ଭୋଗରାଇ: ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଥାନାଛକ ଫକୀରମୋହନ ଗୋଲେଇ ଠାରେ ଭୋଗରାଇ ରୁରାଲ ସ୍ପୋର୍ଟସ ଆଣ୍ଡ କାଲଚାର ପକ୍ଷରୁ ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ରମାକାନ୍ତ କରଣ ଅଧ୍ୟକ୍ଷତା କରିଥିଲେ। ସଂଗଠନ ସମ୍ପାଦକ ତାପସ ଚନ୍ଦ୍ର, କାର୍ଯ୍ୟକାରୀ ସଭାପତି ଅମଳେନ୍ଦୁ ଶେଖର ଦାସ, ସଭାପତି ନିଶେଷ ଦେବ, କାର୍ଯ୍ୟକର୍ତ୍ତା ସୁରେଶ ଦାସ, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ବିକାଶ ପାତ୍ର, ଭୋଗରାଇ ପ୍ରେସ୍‌କ୍ଲବ ସଭାପତି ଅମର ମହାନ୍ତି, ସମ୍ପାଦକ ବିଶ୍ୱମ୍ଭର ଦାସ, ହାଇସ୍କୁଲ ଶିକ୍ଷକ ରାଜକିଶୋର ମହାନ୍ତି, ଶିକ୍ଷକ ଅରୁଣ କୁମାର ଦାସ, ସମାଜସେବୀ ବିଜୟ କୁମାର ମହାନ୍ତି, ଶିକ୍ଷକ ରଞ୍ଜନ କୁମାର ଦତ୍ତ, ପୂର୍ଣ୍ଣଚନ୍ଦ୍ର ହାତୀ, ଅବସରପ୍ରାପ୍ତ ଶିକ୍ଷକ ସୀତାରାମ ପ୍ରଧାନ, ସମାଜସେବୀ ଶିଶିର ମହାପାତ୍ର, କ୍ରୀଡା ଶିକ୍ଷକ ହିମାଂଶୁ ଶେଖର ଦାସ ଓ ମନ୍ମଥ କୁମାର ବେହେରା, ସମାଜସେବୀ ସୁବଳ ଭୋଗରାଇ ବ୍ଲକ ଶାଖା ସଭାପତି ଶିକ୍ଷାବିତ ଶ୍ରୀପତି ଚରଣ ସଁ, ଏଆଇଡିୱାଇଓ ପୂର୍ବତନ ରାଜ୍ୟ ସଭାପତି ନିରାକାର ପାଣ୍ଡବ, ଅଲ ଇଣ୍ଡିଆ ଡିଏସଓ ଜିଲ୍ଲା ସଭାପତି ହରେକୃଷ୍ଣ ଦାସ, ଉପ ସଭାପତି ମନୋଜ ପାତ୍ର, ଶିକ୍ଷାବିତ ରାମଚନ୍ଦ୍ର ବେହେରା, ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ମନୋଜ କୁମାର ମହାନ୍ତିଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଜଳେଶ୍ୱର ବ୍ଲକ ପରିସରରେ ଥିବା ବ୍ୟାସକବିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମାଲ୍ୟାର୍ପଣ ପୂର୍ବକ ଓମ୍ କଲ୍ୟାଣମଣ୍ଡପ ହାଟପଦା ଠାରେ ବ୍ୟାସ କବିଙ୍କ ଜୟନ୍ତୀ ପାଳିତ ହୋଇଛି। ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ, ଅଶୋକ ଦାସ, ମନୋରଞ୍ଜନ ଦାସ, ଅଜିତ ମହାନ୍ତି, ଶରତ ଚନ୍ଦ୍ର ପରିଡ଼ା, ବିପିନ ବିହାରୀ ବିଶ୍ୱାଳ, ଦିଲୀପ ଗିରି, ଭାସ୍କର ମିଶ୍ର, ରବୀନ୍ଦ୍ର ବାରିକ, ନ୍ୟୁଫ୍ରେଣ୍ଡସ୍ କ୍ଲବ୍‌ର ସଭାପତି ଉତ୍ତମ କୁମାର ପ୍ରଧାନ, ବିମଳ ଦାସ, ଅନନ୍ତ ଘୋଷ, ଦୁର୍ଗା ଶଙ୍କର ଗିରି, ବଜେନ୍ଦ୍ରନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନ୍ୟୁ ଫ୍ରେଣ୍ଡସ୍ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ନ୍ୟୁଫ୍ରେଣ୍ଡସ୍ କ୍ଲବର ସମ୍ପାଦକ ରାଜେଶ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଜଳେଶ୍ୱର : ସଂକ୍ରାନ୍ତି ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ଓ ନ୍ୟୁ ଫ୍ରେଣ୍ଡସ୍ କ୍ଲବ୍ ଗୋବରଘାଟା ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦାସ, ଭୋଗରାଇ ପ୍ରେସ୍ କ୍ଲବ ସଭାପତି ଅମର ମହାନ୍ତି, ସମାଜସେବୀ ବିଜୟ କୁମାର ମହାନ୍ତି, ସମାଜସେବୀ ସୁବଳ କୁମାର ଜେନା, ଅଲ୍‌ଓଡ଼ିଶା ମହିଳା ସାଂସ୍କୃତିକ ସଂଗଠନ ଭୋଗରାଇ ବ୍ଲକ ଶାଖା ସଭାନେତ୍ରୀ ସରୋଜିନୀ ମହାନ୍ତି, ସମ୍ପାଦିକା ପିଙ୍କି ମଲ୍ଲିକ, ସସ୍ମିତା ମହାନ୍ତି, କିଶୋର ସଙ୍ଗଠନ କନସମୋଲ ସଦସ୍ୟା ରାଜଲକ୍ଷ୍ମୀ ବେହେରା, ତାପସ ଚନ୍ଦ୍ର ପ୍ରମୁଖ ଯୋଗ ଦେଇ ଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଫକୀରମୋହନ ସେନାପତିଙ୍କ ସର୍ବକାଳୀନ ସାହିତ୍ୟ କୃତି 'ପେଟେଣ୍ଟ ମେଡିସିନ' ନାଟକ ପରିବେଷିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଆକର୍ଷଣୀୟ ନାଟକ ପରିବେଷଣରେ ଶହ ଶହ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ।

ଫକୀର ମୋହନଙ୍କ ଜୟନ୍ତୀ ଓ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯତିନ୍ଦ୍ର ସ୍ୱାଇଁଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। କବି ବିପିନ ବିହାରୀ ବାରିକଙ୍କ ସଭାପତିତ୍ୱରେ ଅତିଥି ମାନେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ଟାଉନ୍ ହାଇସ୍କୁଲ୍ ବିନୋଦ ବିହାରୀ ପଣ୍ଡା, ମୁଖ୍ୟବକ୍ତା ଭାବରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସ୍ୱତନ୍ତ୍ର ଅତିଥିଭାବେ ଅନୁସୂଚିତ ଜାତି ଓ ଜନଜାତିର ସମ୍ପାଦକ ଶରତ ଦାସ ଓ ସମ୍ମାନିତ ଅତିଥି ଭାବେ ସୁଭାଷିନୀ ଜୀ ଯୋଗଦେଇ ଥିଲେ। ଅବିନାଶ ବେହେରା ବେଦ ପାଠ ଓ ମଳୟ ରଞ୍ଜନପଣ୍ଡା, ନିତିନ ବିଶ୍ୱାଳ, ବିକାଶ ଜେନା ପ୍ରମୁଖ ମଙ୍ଗଳାଷ୍ଟକ ଗାନ କରିଥିଲେ। ସଂଯୋଜନା କରିଥିଲେ ବ୍ୟଙ୍ଗକବି ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରତ୍ନାକର ଟାଉନ୍ ହାଇସ୍କୁଲର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

ନୀଳଗିରି : ବ୍ୟାସକବି ସାହିତ୍ୟ ସଂସଦ, ଗୋଡ଼ିଶୂଳ ଆନୁକୂଲ୍ୟରେ ଅନୁଷ୍ଠାନର ଚତୁର୍ଥ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ୟାସକବି

ବିଜ୍ଞାନ ମେଳାରେ ୮୪ ପ୍ରକଳ୍ପ ପ୍ରଦର୍ଶିତ

ସିମୁଳିଆ, ୧୪।୧(ସମିସ): ମାର୍କୋଣା ରିୟାସ୍ଥିତ ଏକ୍ସଟି ଜାଭିୟର ହାଇସ୍କୁଲ ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ହାଇସ୍କୁଲର ପ୍ରିନ୍ସିପାଲ ଉତ୍କଳିକା ଖିଲାରଙ୍କ ସଭାପତିତ୍ୱରେ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ ଜିତେନ୍ଦ୍ର କୁମାର ବାରିକ ଓ ସମ୍ପାଦକ ଗଦାଧର ଜେନା ଯୋଗଦେଇ ସମାଜରେ ବିଜ୍ଞାନର ଉପାଦେୟ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ମେଳାରେ କୁପୁରା ୟୁଜିଏମଇ ସ୍କୁଲର ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର କୁମାର ସାହୁ ଓ ସିମୁଳିଆ ଆଦର୍ଶ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ବିବେକାନନ୍ଦ ପାଣିଗ୍ରାହୀ ବିଚାରକ ଭାବେ ଯୋଗଦାନ କରିଥିଲେ। ଏହି ବିଜ୍ଞାନ ମେଳାରେ ଜୁନିୟର ବିଭାଗରେ ୪୦ଟି ଓ ସିନିୟର ବିଭାଗରେ ୪୪ଟି ସମୂଦାୟ ୮୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ସହଯୋଗ କରିଥିଲେ।

ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଖଇରା, ୧୪।୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସାରଡ଼ାଙ୍କ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ଥାନା ଆଇଆଇସି ଗୟାଧର ବେହେରା ମୁଖ୍ୟଅତିଥି, ଖଇରା ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବନମାଳି ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଜୟନ୍ତ ମାଝୀ ବିବରଣୀ ପାଠ ଓ ସମ୍ପାଦକ ଉମାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆଲୋକ ପଣ୍ଡା ଧନ୍ୟବାଦ ଅର୍ପଣ ଓ ଦୁଷ୍ମନ୍ତ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଶିଶୁ କଳାକାର ମାନଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ କୋଣାର୍କର ପ୍ରତ୍ୟେକ ଚରିତ୍ର ଦର୍ଶକଙ୍କ ମନକୁ ଛୁଇଁଥିଲା।

ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ପ୍ରସ୍ତୁତି ବୈଠକ

ଖଇରା, ୧୪।୧(ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୁପାରିସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ଉପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ଗଗନ ବିହାରୀ ରାଉତ ସଭାପତିତ୍ୱ କରିଥିଲେ। ନୋଡାଲ ଅଧିକାରୀ ଭାବେ +୩ ବିଭାଗର ମାଳତିଲତା ହାତୀ ଓ +୨ ବିଭାଗର ଡ ଆଭାରାଣୀ ବଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଲିଙ୍ଗରାଜ କର ଓ ଭକ୍ତବନ୍ଧୁ ସାହୁ, ଅଧ୍ୟାପିକା ରଶ୍ମିତା ବିଶ୍ୱାଳ, କସ୍ତୁରୀ ବେହେରା ଓ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଗୟାସୁର ସରକାରୀ ସ୍କୁଲର ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୧୪।୧(ସମିସ): ଜଳେଶ୍ୱରରେ ଗୟାସୁର ସରକାରୀ ଉ:ପ୍ରା ବିଦ୍ୟାଳୟ ଜଳେଶ୍ୱରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସଭାପତି ମାନସ କୁମାର ଦାସ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମେରୀ ହେମ୍ବ୍ରମ ସଭାପତିତ୍ୱ କରିଥିଲେ। 'ବାର୍ଷିକ ଉତ୍ସବ ଦିବ୍ୟ ଚେତନା ର ଏକ ଅଘୋଷିତ ଉତ୍ତରଣ ମାତ୍ର'। ଶିକ୍ଷା ଦାନରେ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ସୁଗମ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ନଗରପାଳ ପ୍ରତୀପ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଦୀନକୃଷ୍ଣ ମହାବିଦ୍ୟାଳୟର କେଦାର ନାଥ ମହାନ୍ତି, ବରେଣ୍ୟ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଜେନା ଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଅନ୍ୟତମ ବରେଣ୍ୟ ଅତିଥି ଭାବରେ ଓଷ୍ଟା ଜଳେଶ୍ୱରର ସମ୍ପାଦକ ତଥା ଖୁଲୁତା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ଅଜିତ କୁମାର ମହାନ୍ତି ଉପସ୍ଥିତ ଥିଲେ। ଲଲାଟେନ୍ଦୁ କେଶରୀ ଜେନା, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ରାଉଳ, ପ୍ରଦୀପ କୁମାର ପରିଡ଼ା, ହରେକୃଷ୍ଣ ଜେନା, ମାଖନ ଲାଲ ବେରା, ଦିଲୀପ କୁମାର ପରିଡ଼ା, କାଉନସିଲର ଉମା ହେମ୍ବ୍ରମ, ଆରତୀ ବାଳା କର ସହଯୋଗ ଓ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସ୍ପନ୍ଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଆଧୁନିକତା ଛାପରେ ହଜିଗଲାଣି ପରମ୍ପରା

ବସ୍ତାବ୍ଲକ, ୧୪।୧(ସମିସ): ମକର ସଂକ୍ରାନ୍ତିର ସ୍ୱତନ୍ତ୍ରତା ଅନ୍ୟତମ। ପୂର୍ବେ ମକର ସଂକ୍ରାନ୍ତି ଏକ ଭାଇଚାରାର ପର୍ବ ଭାବେ ପାଳିତ ହୋଇ ଆସୁଥିବା ବେଳେ ଆଜିର ଦିନରେ ଲୋକଙ୍କ ମନରେ ଆଗଭଳି ସରାଗ ନାହିଁକି ପରମ୍ପରା ଦେଖିବାକୁ ମିଳୁନାହିଁ। ବାଲେଶ୍ୱର ଜିଲ୍ଲାରେ ମକର ଧୁମ ଧାମ୍‌ରେ ମଧ୍ୟ ପାଳିତ ହେଉଥିବାବେଳେ ଏବେ ଏହା ଫିକା ପଡ଼ିଲାଣି। ତିଥି ଅନୁସାରେ ମକର ସଂକ୍ରାନ୍ତି ଠାରୁ ସୂର୍ଯ୍ୟ ଉତ୍ତରାୟଣ ଗତି କରେ। ଚାଷୀମକର ସଂକ୍ରାନ୍ତି ପୂର୍ବ ଦିନ ଧାନ ଖଳାରେ ପୂଜାକରେ। ମକର ସଂକ୍ରାନ୍ତିରେ ପୁରୋହିତ ଘରେ ଘରେ ମକର ଭୋଗ ବାଣ୍ଟି ପରିବାରରେ ଖୁସି ଓ ଶୁଭ ମନାସି ଥାନ୍ତି। ଏଭଳି ପରମ୍ପରା ଏବେ ପ୍ରାୟ ହଜିବାକୁ ବସିଲାଣି।

ବ୍ୟସ୍ତବହୁଳ ଜୀବନରେ ଘରକୁ ଝିଅ ଜ୍ୟାଇଁ ଙ୍କୁ ମକର ନିମନ୍ତ୍ରଣ ଆଉ ସେତେଟା ଦେଖିବାକୁ ମିଳୁନହିଁ। ଘରେ ଘରେ ଆରିଶା ପିଠା ର ବାସ୍ନା ଆଉ ନାହିଁ। ମକର ସଂକ୍ରାନ୍ତି ରେ ଚିନି ଓ ଗୁଡ଼ ରେ ପ୍ରସ୍ତୁତ ତିଲାଉ ସହ ଚୁଡ଼ା ଉଖୁଡା ର ଝିଅ ଘରକୁ ଭାର ଦେବା ଓ ତାକୁ ଝିଅ ର ଶାଶୁ ଘର ଲୋକ ପଡୋଶୀ ଙ୍କୁ ବଣ୍ଟାଯିବା ପ୍ରଥା ବି ଦେଖିବାକୁ ମିଳୁ ନାହିଁ। ଧୀରେ ଧୀରେ ଆଧୁନିକତା ଛାପ ରେ ପ୍ରଥା ପରମ୍ପରା ଲିଭାଇବାକୁ ବସିଲାଣି। ଧାନ ଏବେ ଖଳାକୁ ଆସୁନି। ଘରେ ଆଉ ନା ଅଛି ବଳଦ ନା ଅଛି ହଳ। ଖଳା ରେ ଆଉ ମେଇଁ ଖୁଣ୍ଟ ବସୁନି। ପିଠା ପଣା ପରିବର୍ତେ ଏବେ ଲୋକେ ଅଧିକ ଆମିଷ ପ୍ରିୟ ହେଲେଣି। ଚୁଡ଼ା ତିଳଉ ଆଉ ଏତେଟା ଲୋକଙ୍କ ଦ୍ୱାରା ଆଦୃତ ହେଉନି। ମକର ରେ ବଢୁଛି କୁକୁଡ଼ା ଲଢେଇ। କୁକୁଡ଼ା ଙ୍କ ଜୀବନ ରେ ବଜି ଲାଗୁଛି ଲକ୍ଷ ଲକ୍ଷ ଟଙ୍କା। ବଢୁଛି ମଦ ବିକ୍ରୀ। ଯେଉଁ ଭଳି ଭାବେ ସମାଜ ଗତି କରୁଛି ଆଗାମୀ ଦିନ ରେ ଓଡ଼ିଶା ର ସଂସ୍କୃତି ଲୋପ ପାଇଯିବ ବୋଲି ବୁଦ୍ଧିଜୀବି ମହଲ ରେ ଆଲୋଚନା ହେଉଛି।

ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ବଳରାମପୁର, ୧୪।୧(ସମିସ): ଲଙ୍ଗଳେଶ୍ୱରସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଆଜି ପୂର୍ବାହ୍ନରେ ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ଙ୍ଗ ମନମୋହନ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବୀରମାଧବ ଦାସ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ଅତିଥି ଭାବରେ ଡା. ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀ ରାଉଳ, ସତ୍‌ସଙ୍ଗ ବିହାରର ଆବାହକ ଚକ୍ରଧର ଜେନା, କବି ସନ୍ୟାସୀ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ମଞ୍ଚର ସଦସ୍ୟ ସୁଧାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନିତ୍ୟାନନ୍ଦ ଦାସ, ସୁଶାନ୍ତ ବେହେରା, ଭୈରବ ବେହେରା, ପଞ୍ଚାନନ ଜେନା, ବଂଶୀଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ଗାଧୋଇବାବେଳେ ବୁଡ଼ିଯାଇ ଯୁବକଙ୍କ ମୃତ୍ୟୁ

ରାଜବରହମପୁର, ୧୪।୧(ସମିସ): ସାଙ୍ଗ ମାନଙ୍କ ସହିତ ଗାଧୋଉଥିବାବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅନ୍ତର୍ଗତ ତେଲିପାଲ ପଞ୍ଚାୟତ ଗୋହିରା ଗ୍ରାମରେ। ବାବୁଲା ପ୍ରଧାନଙ୍କ ପୁଅ ଜିତୁ ପ୍ରଧାନ (୨୧)ଆଜି ନିକଟ ନର୍ସରୀ ପୋଖରୀକୁ ସାଙ୍ଗସାଥୀଙ୍କ ସହିତ ଗାଧୋଇବା ବେଳେ ପହଁରି ପହଁରି ପୋଖରୀ ମଝିକୁ ଚାଲି ଯାଇଥିଲେ। ଅତ୍ୟଧିକ ପଙ୍କ ହେତୁ ଗୋଡ ପଙ୍କରେ ପୋତି ଯାଇ ପାଣିରେ ବୁଡି ଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପରିବାର ଲୋକ ଏବଂ ଗ୍ରାମବାସୀ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଡାକ୍ତର ଖାନାକୁ ଅଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବରହମପୁର ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଆସନ୍ତା ସୋମବାର ବ୍ୟବଚ୍ଛେଦ କରାଯିବ।

'କୋଶମ୍ବ-୨୦୨୪'ର ଚତୁର୍ଥ ସନ୍ଧ୍ୟା

'ବିପର୍ଯ୍ୟୟ ପରିଚାଳନାରେ ନାଗରିକ ସହଭାଗିତା ବଡ଼ ଅସ୍ତ୍ର'

ବାଲେଶ୍ୱର, ୧୪।୧(ସମିସ):

ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪ ଏହାର ଚତୁର୍ଥ ସନ୍ଧ୍ୟାରେ 'ବିପର୍ଯ୍ୟୟ ପରିଚାଳନା-ବାହାନଗା'କୁ କେନ୍ଦ୍ରକରି ଉଦ୍‌ଘାଟିତ ହୋଇଯାଇଛି।ଏଥିରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସଭାପତିତ୍ୱ କରିଥିଲେ। ଆଜିମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, କେନ୍ଦ୍ରାଞ୍ଚଳ ଆରଡିସି ଡ. ସୁରେଶ ଚନ୍ଦ୍ର ଦଳାଇ, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିର

ଦର୍ଶନଗୁରୁ ଗୌରାଙ୍ଗ ଚରଣ ନାୟକ: ଆଞ୍ଜୁଲାଏ ସ୍ମୃତି

ଧନରତ୍ନ, ପ୍ରତିପତ୍ତି ଅ-ବିଳାସୀ ଓ ଜ୍ଞାନସିଦ୍ଧି, ବିଦ୍‌ବତ୍ତାରେ ଯଶାଭିଳାଷୀ ଗୌରାଙ୍ଗ ଚରଣ ନାୟକଙ୍କର ଜଣେ ଶ୍ରେଷ୍ଠ ଶିକ୍ଷାବିତ୍ ହେବାର ସଂଗୁପ୍ତ ଆକାଂକ୍ଷା ଥିଲା । ୧୯୫୦ ମସିହାରେ କଟକ ପ୍ୟାରୀମୋହନ ଏକାଡେମୀରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲେ ଓ ୧୯୫୪ ମସିହାରେ ସଂସ୍କୃତ (ସମ୍ମାନ) ରେ ଡିଷ୍ଟିଙ୍କସନ ସହିତ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ସ୍ନାତକ ଭାବେ ଉତ୍ତୀର୍ଣ୍ଣ ହୋଇ ଉତ୍ତବର୍ଣ୍ଣ ପୁରସ୍କାର ଏବଂ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବାରୁ ଜଗନ୍ନାଥ ମିଶ୍ର ସ୍ମାରକୀ ପୁରସ୍କାର ଲାଭ କରିଥିଲେ । ତା'ପରେ ସେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷାବୃତ୍ତି ଲାଭ କରି ପ୍ରାଚ୍ୟର ଅକ୍ସଫୋର୍ଡ ଭାବେ ପରିଚିତ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ ଓ ସେଠାରେ ସେ ୧୯୫୬ ମସିହାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ନନ୍ଦରାଣୀ ପଦକ ବିଜେତା ହେଲେ ।

ଉତ୍ତରପ୍ରଦେଶ ଅଗ୍ରବାଲ ଡିଗ୍ରୀ ମହାବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ଭାବରେ ସେ ଚାକିରି ଆରମ୍ଭ କରିଥିଲେ ହେଁ ପରବର୍ତ୍ତୀ ସମୟରେ ରେଭେନ୍ସା ମହାବିଦ୍ୟାଳୟରେ ଅସ୍ଥାୟୀ ଅଧ୍ୟାପକ ଓ ୧୯୫୮ ମସିହା ଜୁଲାଇ ମାସରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ । କମନୱେଲଥ ବୃତ୍ତି ଲାଭ କରି ଅଧ୍ୟାପକ ନାୟକ ୧୯୬୧ ମସିହାରେ ଇଂଲଣ୍ଡ ଯାତ୍ରା କଲେ ଓ ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଷ୍ଟିଫେନ କର୍ନରଙ୍କ ତତ୍ତ୍ୱାବଧାନରେ 'ଅଶୁଭ ସମସ୍ୟା' ('Problem of Evil') ବିଷୟରେ ଗବେଷଣା କରି ପିଏଚ. ଡି. ଡିଗ୍ରୀ ଲାଭ କଲେ । ଇଂଲଣ୍ଡରେ ତାଙ୍କୁ ଅଧ୍ୟାପକ ପଦ ପ୍ରାପ୍ତିର ସୁଯୋଗ ଥିଲେ ମଧ୍ୟ ସେ ୧୯୬୫ ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରି ଆସିଲେ । ୧୯୬୮ ରୁ ୧୯୭୦ ପର୍ଯ୍ୟନ୍ତ ତାଙ୍କ ଛାତ୍ର ହେବାର ସୁଯୋଗ ମତେ ମିଳିଥିଲା । ୧୯୭୯ରେ ସେ ମୁଖ୍ୟ ଅଧ୍ୟାପକ ପଦକୁ ଉନ୍ନୀତ ହୋଇ ୧୯୮୯ ପର୍ଯ୍ୟନ୍ତ ସେହି ଦାୟିତ୍ୱରେ ରହିଲେ । ତାଙ୍କ ସମୟରେ ବିଭାଗର ଅନେକ ଉନ୍ନତି ହୋଇଛି ଓ ଖ୍ୟାତି ବଢିଛି । ୧୯୮୯ ରୁ ୧୯୯୨ ପର୍ଯ୍ୟନ୍ତ ସେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରହିଲେ । ଅବଧି ଶେଷ ହେବା ପୂର୍ବରୁ ସେ ଇସ୍ତଫା ଦେଇ ଆନ୍ଧ୍ରସ୍ଥିତ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ୧୯୯୨ରୁ ୧୯୯୪ ଯାଏ ଭିଜିଟିଙ୍ଗ୍ ପ୍ରଫେସର ଭାବେ ରହିଲେ । ୧୯୯୫ ଫେବୃଆରୀରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରି କାନାଡ଼ାର ସାସ୍କଟଚେବାନ ବିଶ୍ୱବିଦ୍ୟାଳୟରେ ଭିଜିଟିଙ୍ଗ ପ୍ରଫେସର ହେଲେ ଏବଂ ତା' ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦର ସିନିଅର ଫେଲୋ ଓ ୨୦୦୧ରେ ସିମଳାସ୍ଥିତ ଭାରତୀୟ ଉନ୍ନତ ଗବେଷଣା ପ୍ରତିଷ୍ଠାନ (IIAS) ର ଫେଲୋ ଭାବରେ ଗବେଷଣା କାର୍ଯ୍ୟରେ ନିୟୋଜିତ ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ ଚାକିରି କାଳରେ ସେ ଭାରତ ସରକାରଙ୍କ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ବୁଲ୍‌ଗେରିଆ ଓ ଫୁଲ୍‌ବ୍ରାଇଟ୍ ଫେଲୋ ଭାବରେ ଆମେରିକାର ବିଶ୍ୱବିଦ୍ୟାଳୟମାନଙ୍କରେ ମତ ବିନିମୟ ଓ ଗବେଷଣା କରିଥିଲେ ।

ପ୍ରଫେସର ନାୟକ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଦ୍ୱିଶତାଧିକ ଦାର୍ଶନିକ ସମ୍ମିଳନୀ ଓ ସମ୍ମାନରେ ଯୋଗଦେବା ସହିତ ଅନେକ ସ୍ମାରକୀ ବକ୍ତୃତା ପ୍ରଦାନ କରିଛନ୍ତି । ତାଙ୍କର କୃତି ଓ କୃତିତ୍ୱ ପାଇଁ ସେ ବହୁ ସମ୍ବର୍ଦ୍ଧନା ଓ ପୁରସ୍କାର ଲାଭ କରିଛନ୍ତି । ଭାରତୀୟ ଦର୍ଶନ କଂଗ୍ରେସ, ଅଖିଳ ଭାରତୀୟ ଦର୍ଶନ ପରିଷଦ, ନିଖିଳ ଉତ୍କଳ ଦର୍ଶନ ପରିଷଦର ଅଧିବେଶନମାନଙ୍କରେ ସେ ସଭାପତି ଆସନ ଅଳଙ୍କୃତ କରିଛନ୍ତି । ଜୀବନବ୍ୟାପୀ ସାଧନା ନିମିତ୍ତ ଆଇସିପିଆର ତାଙ୍କୁ ପୁରସ୍କୃତ କରିଛି । ଇଂରାଜୀରେ ତାଙ୍କର ନଅ ଗୋଟି ପୁସ୍ତକ ଓ ଓଡ଼ିଆରେ 'ଭାରତୀୟ ଦର୍ଶନ' ଓ 'ଉପନିଷଦ ଦର୍ଶନ' ସମେତ ସେ ଆଠ ଗୋଟି ପୁସ୍ତକ ପ୍ରକାଶିତ ହୋଇଛି । ତାଙ୍କର କେତେକ ଇଂରାଜୀ ଏବଂ ଓଡ଼ିଆ ପୁସ୍ତକ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦିତ ହୋଇଛି । ଏକାଧାରରେ ଭାରତୀୟ ଦର୍ଶନ, ବିଶେଷକରି ଶଙ୍କର ବେଦାନ୍ତ, ମାଧ୍ୟମିକ ବୌଦ୍ଧ ଦର୍ଶନ, ଧର୍ମୀୟ ଦର୍ଶନ ତଥା ବିଶ୍ଳେଷଣାତ୍ମକ ଦର୍ଶନରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା । ଏହି ଯଶସ୍ୱୀ ଓ ତପସ୍ୱୀ ସାଧକ ଗତ ୫ ତାରିରେ ଇହଧାମ ତ୍ୟାଗ କରିଥିଲେ । ପ୍ରଫେସର ନାୟକଙ୍କ ପରି ଜଣେ ବିଦ୍ୱାନ ସାରା ଭାରତରେ ବିରଳ । ଓଡିଶାର ଯୋଗଜନ୍ମା ଏହି ବିଶିଷ୍ଟ ଅଧ୍ୟାପକ, ପ୍ରଶାସକ, ଗବେଷକ, ପ୍ରାବନ୍ଧିକ, ସ୍ତମ୍ଭକାର ତଥା ଅନେକାନେକ କୃତି ଏବଂ କୀର୍ତ୍ତିସମ୍ପନ୍ନ ବ୍ୟକ୍ତି ଦର୍ଶନ ଓ ସଂସ୍କୃତର ଛାତ୍ର, ଗବେଷକ ଓ ଶିକ୍ଷକଙ୍କ ବୌଦ୍ଧିକ ଆକାଶରେ ଚିରଭାସ୍ୱର ହୋଇ ରହିବେ । ■

ପ୍ରଫେସର ଗଣେଶ ପ୍ରସାଦ ଦାସ
'ରତାୟନୀ', ୩୯୬, ପାଇକନଗର,
ଭୁବନେଶ୍ୱର-୩,

ବାଲେଶ୍ୱରରୁ ଲଢ଼ିବାକୁ ଅଶ୍ୱିନୀ ଅରାଜି

ଭୁବନେଶ୍ୱର, ୧୪।୧(ସମିସ): ବାଲେଶ୍ୱର ଲୋକସଭା ଆସନରୁ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱିତା ନେଇ ଚାଲିଛିବା ଚର୍ଚ୍ଚାରେ ଯବନିକା ଟାଣିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ବାଲେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ସ୍ପଷ୍ଟ ଭାବରେ ବାଲେଶ୍ୱରରୁ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଉଲ୍ଲେଖ କରି 'ନନା' ଅର୍ଥାତ୍ ବର୍ତ୍ତମାନର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଅଛନ୍ତି ବୋଲି କହିଛନ୍ତି । ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଅପ୍ରେଲ ମାସରେ ଶେଷ ହେଉଛି । କେନ୍ଦ୍ରରେ ମନ୍ତ୍ରୀ ପଦରେ ରହିବା ନିମନ୍ତେ ତାଙ୍କୁ ଏହି ଅବଧି ମଧ୍ୟରେ ତାଙ୍କୁ ସଂସଦକୁ ନିର୍ବାଚିତ ହେବାର ଆବଶ୍ୟକତା ରହିଛି । ମାତ୍ର ଏହା ପୂର୍ବରୁ ଲୋକସଭା ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାରୁ ଶ୍ରୀ ବୈଷ୍ଣବ ଓଡ଼ିଶାରୁ କୌଣସି ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୈତିକ ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଚାଲିଛି । ଏହିକ୍ରମରେ ଅଶ୍ୱିନୀ ବାଲେଶ୍ୱର ଓ କଟକ ଲୋକସଭା ଆସନ ମଧ୍ୟରୁ ଗୋଟିଏ ସ୍ଥାନରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଦଳୀୟ ମହଲରେ ମଧ୍ୟ ଚର୍ଚ୍ଚା ହେଉଛି । ଏପରିକି ବାଲେଶ୍ୱର ବିଜେପିର ଗୋଟିଏ ଗୋଷ୍ଠୀ ଅଶ୍ୱିନୀ ପ୍ରାର୍ଥୀ ହେବେ ବୋଲି ପ୍ରଚାର ମଧ୍ୟ ଚଳାଇଛନ୍ତି । ଏହିକ୍ରମରେ ଅଶ୍ୱିନୀ ବାଲେଶ୍ୱରରୁ ଲୋକସଭା ନିର୍ବାଚନ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିବା ଅନେକଙ୍କୁ ସନ୍ଦେହରେ ପକାଇ ଦେଇଛି ।

ଅଟୋରୁ ଖସି ମହିଳା ମୃତ

ସୁନାବେଡ଼ା,୧୪।୧(ସମିସ): ରବିବାର ସଂଧ୍ୟାରେ ସେମିଳିଗୁଡା ନୂଆ ହାଟ ନିକଟରେ ଅଟୋରୁ ଖସି ଜଣେ ମହିଳା ମୃତ୍ୟୁ ବରଣ କରିଛନ୍ତି । ମୃତ ମହିଳା ଜଣକ ସୁନାବେଡ଼ା ପୌର ପରିଷଦ ଚିକାପାର ଗ୍ରାମର ଫୁଲମୋତୀ ଖିଲୋ (୪୫) ବୋଲି ଜଣାପଡ଼ିଛି । ଫୁଲମୋତୀ ରବିବାର ସଂଧ୍ୟାରେ ସାପ୍ତାହିକ ହାଟରୁ ଅଟୋରିକ୍ସା ସମ୍ମୁଖ ସିଟରେ ବସି ଫେରୁଥିବା ବେଳେ ଅଚାନକ ଖସି ପଡ଼ିଥିଲେ ।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

ପେସାରେ ଅଧ୍ୟାପକ; ନିଶା ଠକେଇ

ପୁଣି ଧରାପଡ଼ିଲା କୁଖ୍ୟାତ ଠକ ମନୋଜ ମାଝି

ଭୁବନେଶ୍ୱର, ୧୪।୧(ସମିସ): ପେସାରେ ଅଧ୍ୟାପକ, କିନ୍ତୁ ନିଶା ଠକେଇ । ମନସ୍ତତ୍ତ୍ୱବିଦ୍ ଉପରେ ଅଧ୍ୟାପନା କରିଥିବାରୁ ଲୋକଙ୍କୁ କେମିତି ପ୍ରଭାବିତ କରିହେବ, ସେ କଳା ବେଶ୍ ଭଲ ଭାବେ ମାଲୁମ୍ ଥିଲା । ତେଣୁ ଲୋକଙ୍କୁ ଠକିବା ତା' ପକ୍ଷେ ସହଜ ଥିଲା । ଏମିତି ଜଣେ ଧୂର୍ତ୍ତକୁ ଆଜି ଭୁବନେଶ୍ୱର ସାଇବର୍ ଥାନା ପୁଲିସ ଗିରଫ କରିଛି । ସେ ହେଲା, ପୁରୀ ଜିଲ୍ଲା

- **ଠିକାଦାରଙ୍କଠାରୁ ସାଢ଼େ ୭ ଲକ୍ଷ ଚଳୁ**
- **ଭିଜିଲାନ୍ସ ଏସପି ପରିଚୟ ଦେଇ ଠକୁଥିବା ଅଧ୍ୟାପକ ଗିରଫ**

କୃଷ୍ଣପ୍ରସାଦର ମନୋଜ କୁମାର ମାଝି(୩୪) । ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ଜଣେ ଠିକାଦାରଙ୍କଠାରୁ ୭ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ପୁଲିସ ତାକୁ ଗିରଫ କରିଛି । ମନୋଜଠାରୁ ପୁଲିସ ନଗଦ ୨ ଲକ୍ଷ ୬୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ, ୬ଟି ଏଟିଏମ୍ କାର୍ଡ ଜବତ କରିଛି । ପୂର୍ବରୁ ମଧ୍ୟ ବିଭିନ୍ନ ଘଟଣାରେ ମନୋଜ ଗିରଫ ହୋଇ ଜେଲ୍ ଯାଇଛି । ତେବେ ମନୋଜ ଆଉ କିଛି ଲୋକଙ୍କୁ ମଧ୍ୟ ଠକିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି । ତେଣୁ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଏସିପି ଗୌତମ କିଶାନ୍ ସୂଚନା ଦେଇଛନ୍ତି ।

● ବିଶ୍ୱାସ ବଢ଼ାଇଥିଲା ଟ୍ରୁ'କଲର ଆପ୍

ଅଭିଯୁକ୍ତ ମନୋଜ ନିଜକୁ ଭିଜିଲାନ୍ସ ଏସ୍‌ପି ପ୍ରକାଶ ବୋଲି ପରିଚୟ ଦେଇ ଠିକାଦାର ମନୋଜ କୁମାର ଚୌଧୁରୀଙ୍କୁ ଫୋନ୍ କରିଥିଲା । ଭିଜିଲାନ୍ସର ବିଭିନ୍ନ

ସ୍ଥାନରେ କୋଠା କାମ ଆରମ୍ଭ ହେବାକୁ ଥିବାରୁ ସେ ତାଙ୍କୁ ଫୋନ୍ କରିଥିବା କହିଥିଲା । ଏହି କାମ କରିବାକୁ ଇଚ୍ଛୁକ ଅଛନ୍ତି କି ନାହିଁ ପଚାରିଥିଲା । ଏପରିକି ବିଶ୍ୱାସ ଜନ୍ମାଇବା ଲାଗି ଟ୍ରୁ'କଲର୍ ଆପ୍‌ରେ ନିଜ ନମ୍ବରକୁ ଏସ୍‌ପି ପ୍ରକାଶ ବୋଲି ଦର୍ଶାଇଥିଲା । ଠକର ଚକ୍ରବ୍ୟୂହରେ ଠିକାଦାର ଫସିଯାଇଥିଲେ । ଠିକାଦାର ଶ୍ରୀ ଚୌଧୁରୀଙ୍କଠାରୁ ମନୋଜ ଦୁଇଟି ପର୍ଯ୍ୟାୟରେ ଆଗ୍ରୀମ ୭ ଲକ୍ଷ ୬୦ହଜାର ଟଙ୍କା ନେଇ ଯାଇଥିଲା । କିନ୍ତୁ ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଇନଥିଲା । ମୋବାଇଲ ସ୍ୱିଚ୍-ଅଫ୍ କରି ଫେରାର୍ ହୋଇଯାଇଥିଲା । ଏନେଇ ଗତବର୍ଷ ମେ' ୩୧ ତାରିଖରେ ରାୟଗଡ଼ାର ଠିକାଦାର ମନୋଜ ସାଇବର ଥାନାରେ ଅଭିଯୋଗ କରିଥିଲେ । ଆଜି ବିଶେଷସୂତ୍ରରୁ ଖବରପାଇ ପୁରୀର କୃଷ୍ଣପ୍ରସାଦରୁ ମନୋଜକୁ ଗିରଫ କରିଥିଲା ସାଇବର ଥାନା ପୁଲିସ ।

● ୨୦୧୮ ରୁ ଚଳାଇଥିଲା ଠକେଇ ସାମ୍ରାଜ୍ୟ...

ଅଭିଯୁକ୍ତ ମନୋଜ ମୟୂରଭଞ୍ଜ ଉଦଳା ଝାଡେଶ୍ୱରୀ କଲେଜରେ ମନସ୍ତତ୍ତ୍ୱବିତ୍ ବିଭାଗର ଅଧ୍ୟାପକ । ଅଧ୍ୟାପକ ଥିବା ସମୟରେ ଠକେଇର ଯୋଜନା ରଚିଥିଲେ ମନୋଜ । ପେସା ଶିକ୍ଷାଦାନ ହୋଇଥିବା ବେଳେ ଅଧ୍ୟାପକଙ୍କ କାମ ଥିଲା ଅନ୍ୟଙ୍କୁ ଚୂନ ଲଗାଇ ସେମାନଙ୍କ ପାଖରୁ ଟଙ୍କା ଲୁଟିବା । ମନୋଜ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କେମିଷ୍ଟ୍ରିରେ ସ୍ନାତକୋତ୍ତର ତା' ପରେ ପିଏଚ୍‌ଡି ହାସଲ କରିଛି । ମନୋଜଙ୍କ କଥାର ଶୈଳୀ ଓ ଆଶ୍ୱାସନାରେ ଲୋକେ ଭାସି ଯାଉଥିଲେ । ଅଭିଯୁକ୍ତ ନାଁରେ ଟଙ୍କା ଠକେଇ ନେଇ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ସହ ୫ଟି ମାମଲା ରହିଛି । ୨୦୧୮ରୁ ଗଞ୍ଜାମ, ପୁରୀ, ମୟୂରଭଞ୍ଜ ଜିଲ୍ଲାରେ ଠକେଇ ସାମ୍ରାଜ୍ୟ ଚଳାଇଥିଲେ । ଏହି ମାମଲାଗୁଡିକରେ ବି ଦୁଇରୁ ୩ଥର ଗିରଫ ହୋଇ ଜେଲ ଯାଇଛି । ନିକଟରେ ଏସ୍‌ଟିଏଫ୍ ମାମଲାରୁ ଜେଲରୁ ମୁକୁଳି ପୁଣି ଠକେଇ ଜାଲ ବିଛାଇ ସଫଳ ହୋଇଛି ।

● ଗତବର୍ଷ ଗିରଫ କରିଥିଲା ଏସ୍‌ଟିଏଫ୍

ଭିଜିଲାନ୍ସର ଚଡ଼ଉ ଧମକ ଦେଇ ପିଡବ୍ୟୁଡି ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଜିତ କୁମାର ମହାପାତ୍ରଙ୍କଠାରୁ କୋଟିଏ ଟଙ୍କାର ଲାଞ୍ଚ ମନୋଜ ମାଗିଥିଲା । ଏଥିରେ ସନ୍ଦେହ ହେବାରୁ ମୁଖ୍ୟଯନ୍ତ୍ରୀ ନିଜେ ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟି ଏ ବିଷୟରେ ପରାରିଥିଲେ । ପରେ ଫୋନ୍ ନମ୍ବରକୁ ଟ୍ରାକିଂ କରି ମନୋଜକୁ ଗିରଫ କରିଥିଲା ସ୍ପେସାଲ ଟାସ୍କଫୋର୍ସ । ସେଇ ସମୟରେ ଏସ୍‌ଟିଏଫ୍ ଖୋଳତାଡ଼ କରିବା ପରେ ମନୋଜର କଳାକାରନାମା ପଦାକୁ ଆସିଥିଲା । ଆଶାୟୀଙ୍କୁ ଏଏସ୍‌ଓ ଚାକିରି କରାଇ ଦେବାକୁ କହି ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ କରିଥିଲା ମନୋଜ । ଏମିତିକି ଆଉ ଜଣେ ଠିକାଦାର ବିବେକାନନ୍ଦ ପ୍ରଧାନଙ୍କ ଠାରୁ ୬ଲକ୍ଷ ଟଙ୍କା ଆତ୍ମସାତ୍ କରିଥିଲା ଠକେଇରେ ଡକ୍ଟରେଟ୍ କରିଥିବା ମନୋଜ ।

ଅବଶିଷ୍ଟାଂଶ...

ଆଜିଠୁ ଶ୍ରୀମନ୍ଦିର...

ଶିଳାନ୍ୟାସ ଫଳକର ଦକ୍ଷିଣ ପାର୍ଶ୍ୱରେ ରହିଛି ଏହି ଲୋକାର୍ପଣ ପଥର ଫଳକ ।

ଅପରପକ୍ଷେ ସକାଳେ 'ୟ-ଟି' ଓ 'ନବୀନ ଓଡ଼ିଶା ଅଧ୍ୟକ୍ଷ' କାର୍ତ୍ତିକ ପାଣ୍ଡିଆନ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ପୁରୀ ଆସି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ଲୋକାର୍ପଣ ଉତ୍ସବ ପାଇଁ ସବୁ ପ୍ରସ୍ତୁତି ସରିଛି । ୯୦୦ ଅତିଥିଙ୍କ ବସିବା, ରହିବା ତଥା ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଅବଗତ ହେବା ପାଇଁ ସବୁ ବ୍ୟବସ୍ଥା କରାଯାଇଛି । ଯଜ୍ଞ ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି । ଶ୍ରୀମାର୍ଗ, ଶ୍ରୀ ସେତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି । ସୋମବାର ଏଥିରେ ଟ୍ରାଏଲ ରନ୍ ହେବ । ୧୭ ତାରିଖ ଲୋକାର୍ପଣ ପରେ ଶ୍ରଦ୍ଧାଳୁ ପରିକ୍ରମା ମାର୍ଗ ବୁଲିପାରିବେ । ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲ୍ଲାପାଳ ଶ୍ରୀ ବର୍ମା କହିଛନ୍ତି ।

ପ୍ରସ୍ତୁତି ତଦାରଖ...

ବୁଲି ସମସ୍ତ କାର୍ଯ୍ୟ ଦେଖିଥିଲେ । ଜେବିପିସିରେ ହୋଇଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରି ଶ୍ରୀସେତୁରେ ଯାଇଥିଲେ । ଶ୍ରୀସେତୁର ଉଭୟ ପାର୍ଶ୍ୱର୍ ରାସ୍ତାରେ ହୋଇଥିବା ସାଜସଜ୍ଜା ଦେଖିବା ସହ ନିଜେ ମଧ୍ୟ ଫଟୋ ଉଠାଇଥିଲେ । ସେହିପରି ସ୍ୱତନ୍ତ୍ର ଭାବେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍ ଏବଂ ନୂଆକରି ନିର୍ମାଣ କରାଯାଇଥିବା ସମଙ୍ଗ ପାର୍କିଂସ୍ଥଳ ବୁଲିଥିଲେ । ଯେ ହେତୁ ସମଙ୍ଗ ପାର୍କିଂରେ ବଡ଼ ବଡ଼ ଗାଡି ପାର୍କିଂ ହୋଇ ସେହିଠାରୁ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବେ ତେଣୁ ସେଠାକାର ବ୍ୟବସ୍ଥାକୁ ଭଲ ଭାବେ ଅନୁଧ୍ୟାନ କରିଥିଲେ । ଏହି ଅନୁଧ୍ୟାନ ସମୟରେ ସାଥୀରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି 'ୟ-ଟି' ଅଧ୍ୟକ୍ଷଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ଏହି ଅବସରରେ ବରିଷ୍ଠ ସେବାୟତ ଦାମୋଦର ମହାସୁଆର 'ୟ-ଟି' ଅଧ୍ୟକ୍ଷଙ୍କୁ ଭେଟି ପଦ୍ମକଢିରେ ପ୍ରସ୍ତୁତ ମାଳ ପ୍ରଦାନ କରିବା ସହ ଶ୍ରୀମନ୍ଦିରର ବିକାଶ ପାଇଁ କରାଯାଇଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

'ଗଜ ସାଥୀ' ଢାଞ୍ଚାରେ...

ମହାନଦୀ କୂଳରେ ଥିବା ଗ୍ରାମର କିଛି ସ୍ୱେଚ୍ଛାସେବୀ ଓ ମତ୍ସ୍ୟଜୀବୀଙ୍କୁ 'କୁମ୍ଭୀର ବନ୍ଧୁ' ଭାବରେ ବ୍ୟବହାର କରାଯିବ । ଏମାନେ ଘଡ଼ିଆଳଙ୍କ ସୁରକ୍ଷିତ ବିଚରଣ ଓ ଜାଲରେ ଘଡ଼ିଆଳ କୁମ୍ଭୀର ପଡ଼ିଲେ ସେମାନଙ୍କୁ ଉଦ୍ଧାର କରି ନଦୀରେ ପୁନର୍ବାର ଛାଡ଼ିବା ଲାଗି କାମ କରିବେ । ଦେଶରେ ବର୍ତ୍ତମାନ ଘଡ଼ିଆଳଙ୍କ ସଂଖ୍ୟା ବହୁ କମ୍ ରହିଯାଇଥିବା ବେଳେ ଓଡ଼ିଶାରେ ହାତଗଣତି ଘଡ଼ିଆଳ କୁମ୍ଭୀର ଦେଖାଯାଉଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶା ପରି ଅନ୍ୟ ରାଜ୍ୟରେ ୩ ପ୍ରକାର କୁମ୍ଭୀର ଦେଖାଯାଆନ୍ତି ନାହିଁ । ରାଜ୍ୟରେ ଘଡ଼ିଆଳ କୁମ୍ଭୀରଙ୍କ ବଂଶ ବିସ୍ତାର ପାଇଁ ମହାନଦୀରେ ଘଡ଼ିଆଳ ସଂରକ୍ଷଣ ନେଇ ପଦକ୍ଷେପ ନିଆଯାଇଥିଲା । ମହାନଦୀରେ ଘଡ଼ିଆଳଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୨୦୧୯ରେ ପାଖାପାଖି ୨୦ ଟି ଘଡ଼ିଆଳଙ୍କୁ ଟିକରପଡ଼ାଠାରେ ଛଡ଼ାଯାଇଥିଲା । ନନ୍ଦନକାନନ କର

ଗାଁ ଗାଁରେ ବୁଲୁଛି ଅର୍ପଣ ରଥ

ଆନନ୍ଦପୁର, ୧୪।୧(ସମିସ)

ଆନନ୍ଦପୁର ପୌରାଞ୍ଚଳ ୧୫ନଂ ୱାର୍ଡରେ ଅର୍ପଣ ରଥ ଅକ୍ଷତ ସଂଗ୍ରହ ପାଇଁ ବିଭିନ୍ନ ସାହି ବସ୍ତିରେ ପରିକ୍ରମା କରିଛି । ପୌର ନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ପୋଡ଼ାଖମଣସ୍ଥିତ ଶ୍ରୀନୀଳମାଧବଜିଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ପରିକ୍ରମା ରଥକୁ ଉଦ୍‌ଘାଟନ କରିଥିଲେ । ଯୁବନେତା ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମ, ପୌରାଧକ୍ଷା ରଜନୀରାଣୀ ଖଟୁଆ, ଉପାଧକ୍ଷ ଦୁର୍ଗା ଚରଣ ଦଳେଇ, କାଉନସିଲର ଉର୍ବସୀ ସାହୁ, କାଉନସିଲର ନିବେଦିତା ବେହେରା, କାଉନସିଲର ରଶ୍ମିତା ବାରି, କାଉନସିଲର ସୁପ୍ରିୟା ମିଶ୍ର, ଯୁବ ବିଜେଡି ସଭାପତି ଦେବଦତ୍ତ ନାୟକ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ରଥ ୧୫ନଂ ୱାର୍ଡର ପୋଡ଼ାଖମଣ, ମୁରାବାଲି ଓ ଘସିପୁରାର ବିଭିନ୍ନ ସାହିବସ୍ତିରେ ପରିଭ୍ରମଣ କରିଥିଲା । ଏହି ରଥର ପରିକ୍ରମାରେ ପୋଡାଖମଣ ସଂକୀର୍ତ୍ତନ ଦଳର ଗୌର ଭକ୍ତମାନେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ ଆଞ୍ଚଳିକ ଯୁବ ଗୋଷ୍ଠୀ ପକ୍ଷରୁ ତୋଫାନ ସାହୁ, ବୁଲୁ ପଟ୍ଟନାୟକ, ମୃତ୍ୟୁଞ୍ଜୟ ସାହୁ, ଜ୍ଞାନରଞ୍ଜନ ସାହୁ, ବିଜୟ ସାହୁ, ରଜତ ଖଟୁଆ, ସରୋଜ ସାହୁ, ଲକ୍ଷ୍ମଣ ସାହୁ, ନୀଳାମ୍ବର ଖଟୁଆ, ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ଘସିପୁରା: ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ପଞ୍ଚାୟତରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ଆଜି ପରିକ୍ରମା ଆରମ୍ଭ କରିଛି । ସରପଞ୍ଚ ମୀରାରାଣୀ ନାୟକଙ୍କ ନେତୃତ୍ୱରେ ପ୍ରତ୍ୟେକଙ୍କ ଘରୁ ଗୁଆ ଚାଉଳ ସଂଗ୍ରହ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ପଞ୍ଚାୟତରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ପୂର୍ବତନ ସରପଞ୍ଚ ବିଭାସଚନ୍ଦ୍ର ନାୟକ, ପିଇଓ ହରମୋହନ ନାୟକ, ଗ୍ରାମରୋଜଗାର ସେବକ ନିର୍ମଳା ଶର୍ମା ସମେତ ଶହଶହ ସଂଖ୍ୟାରେ ମହିଳା ପୁରୁଷ ଏବଂ ସଂକୀର୍ତ୍ତନ ଦଳ ହରିନାମ ଧରି ଅର୍ପଣ ରଥ ସହ ଗ୍ରାମ ପରିକ୍ରମା କରିଥିଲେ । ପ୍ରତ୍ୟେକ ଘର ସମ୍ମୁଖରେ ଝୋଟି ଚିତା ସହ କଳସ ସ୍ଥାପନ କରାଯାଇ ସଙ୍କଳ୍ପ ରଥକୁ ଶଙ୍ଖ, ହୁଳହୁଳି ଧ୍ୱନିରେ ସ୍ୱାଗତ କରାଯାଇଥିଲା ।

ହାଟଡିହି/ଛେନାପଦି: ଜୟ ଜଗନ୍ନାଥ ଅର୍ପଣ ରଥକୁ ହାଟଡିହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଶଙ୍ଖ ହୁଳହୁଳି, ଘଣ୍ଟ ଓ ଭଜନ କୀର୍ତ୍ତନ ମାଧ୍ୟମରେ ଭବ୍ୟ ସ୍ୱାଗତ କରାଯାଇଛି । ଆଜି ବାଙ୍ଗୋର, ଧନୁର୍ଜୟପୁର, ସୁଲଣ, ସୋସୋ, କେ.ବାଳିପାଳ ଆଦି ବିଭିନ୍ନ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି । ବାଙ୍ଗୋର ପଞ୍ଚାୟତରେ ଥିବା ଜଗନ୍ନାଥ ମନ୍ଦିରରେ ଅର୍ପଣ ରଥକୁ ପୂଜାର୍ଚ୍ଚନା କରିବା ପରେ ପ୍ରତି ଗ୍ରାମରେ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ବାଙ୍ଗୋର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ କୁମାର ସେଠୀ, ସରପଞ୍ଚ ଅଙ୍କିତା ପଢ଼ିଆରୀ ଏବଂ ପୂର୍ବତନ ସରପଞ୍ଚ ବସନ୍ତ ପଢ଼ିଆରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା । ସେହିପରି ଧନୁର୍ଜୟପୁର ପଞ୍ଚାୟତରେ ପରିକ୍ରମା ପୂର୍ବରୁ ଅର୍ପଣ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ନୂଆରଗୁଡ଼ି, ଧନୁର୍ଜୟପୁର, କୁଶଟିକିରି ଆଦି ଗ୍ରାମର ପ୍ରତିଟି ୱାର୍ଡ଼ରେ ଅର୍ପଣ ରଥ ପରିକ୍ରମା କରିଥିଲା । ଅର୍ପଣ ରଥର ପରିକ୍ରମା ଦାୟିତ୍ୱରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିୟ କୁମାର ମାଝୀ, ଜିଆର୍‌ଏସ ବିନୟ କୁମାର ମଲ୍ଲିକ ଓ ସରପଞ୍ଚ ସର୍ଦ୍ଦାର ହୋ ଦାୟିତ୍ୱ ବହନ କରିଥିଲେ ।

ସେହିପରି ସୁଲଣ ପଞ୍ଚାୟତର ସରପଞ୍ଚ ମନୀଷାରାଣୀ ସା, ପିଇଓ, ଜିଆର୍‌ଏସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଭଜନ ଦଳଙ୍କ ସହ ଅର୍ପଣ ରଥକୁ ଗ୍ରାମ ପରିକ୍ରମା କରାଯାଇଥିଲା । ସୋସୋ ପଞ୍ଚାୟତରେ ସରପଞ୍ଚ ରାଜକିଶୋର ଦାସ, ସମିତି ସଭ୍ୟା ଅରୁନ୍ଧତୀ ସେଣ, ପୂର୍ବତନ ସରପଞ୍ଚ ବୈଲୋଚନ ନାୟକ, ପିଇଓ, ଜିଆରଏସ ପ୍ରମଖ ସାମିଲ ହୋଇଥିଲେ ।

ଆଙ୍ଗୁଳିଆ ଗାଁରେ ନିମନ୍ତ୍ରଣପତ୍ର ବଣ୍ଟନ

ନାରଦପୁର, ୧୪।୧ (ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମପଞ୍ଚାୟତ ଆଙ୍ଗୁଳିଆ ଗ୍ରାମରେ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠା ପାଇଁ ଆଜି ଅକ୍ଷତ, ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ନାରଦପୁର ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଚମକପୁର ବିସ୍ଥାପିତ କଲୋନୀର ଝିଅ ସଂକୀର୍ତ୍ତନ ଦଳ ପକ୍ଷରୁ ସଂକୀର୍ତ୍ତନ ସହ ଘରକୁ ଘର ବୁଲି ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ । ଏଥିରେ ଟଙ୍କଧର ବାରିକ, ସରସ୍ୱତୀ ନାଏକ, ଦେବସ୍ମିତା ବାରିକ, ନିବେଦିତା ବାରିକ, କୁନମୁନ ବାରିକ, ମଧୁମିତା ନାଏକ, ମିନତୀ ନାଏକ, ମୀନତି କାଣ୍ଡି, ଅର୍ପିତା ମହାରଣା, ଲିପି ମୁଣ୍ଡାଙ୍କ ସମେତ ପ୍ରଭାକର ମହାନ୍ତ, ମାୟାଧର ବେହେରା, ପ୍ରଭାକର ନାଏକ, ରବି ନାଏକ, ବିପିନ ପାତ୍ର, ବେରେଲ ମୁଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

ବଳଭଦ୍ର ନାରାୟଣ ହାଇସ୍କୁଲରେ ବନ୍ଧୁମିଳନ

ଆନନ୍ଦପୁର, ୧୪।୧ (ସମିସ): ଆନନ୍ଦପୁରସ୍ଥ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୦ ମସିହା ମାଟ୍ରିକ୍ ବ୍ୟାଚ ପୁରାତନ ଛାତ୍ରମାନଙ୍କର ସମ୍ମିଳନୀ ଶ୍ରୀଧର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ପୁରାତନ ଛାତ୍ରମାନେ ଏକତ୍ରୀତ ହୋଇ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲେ । ପୂର୍ବତନ ଶିକ୍ଷକ ସାରଙ୍ଗଧର ଷେଣ୍ଢଙ୍କୁ ତାଙ୍କ ବାସଭବନରେ ସମସ୍ତ ପୂର୍ବତନ ଛାତ୍ର ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା କେନ୍ଦୁଝର ରାଜା ବଳଭଦ୍ର ନାରାୟଣ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ସଭାରେ ପୁରାତନ ଛାତ୍ର ପ୍ରମୋଦ ହାତୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା, ମୁଖ୍ୟବକ୍ତା କମଳ ବିଶ୍ୱାଳ, ଭୋଗରାଇ ବିଇଓ ମୁଖ୍ୟ ଆବାହକ ଶ୍ରୀଧର ସାହୁ, ଦିଲିପ ସିଂ, ଅସିତ୍ ନାୟକ ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ରଞ୍ଜନ ଧଳ, ଏକାଦଶୀ ସାହୁ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଜଗନ୍ନାଥ ସାହୁ, ଅଶୋକ ରାଉତ, ସମର ସିଂ, ରମେଶ ମିଶ୍ର, ରମେଶ ଖୁଣ୍ଟିଆ, ପ୍ରଦୀପ ଦାସ, ସନାତନ ସାହୁ, ନରହରି ବେହେରା, ଗୋବିନ୍ଦ ମହାପାତ୍ର, ଆନନ୍ଦ ମିଶ୍ର, ଅରବିନ୍ଦ ମିଶ୍ର, ଶୁରେଶ ପତି, ନିଳକଣ୍ଠ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ଆନନ୍ଦପୁରରେ ବିଜେଡିର ସାଂଗଠନିକ ବୈଠକ

ଆନନ୍ଦପୁର, ୧୪।୧(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଆହ୍ୱାନରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ସାଂଗଠନିକ ବୈଠକ ଆଜି ଆନନ୍ଦପୁର ପୂର୍ତ୍ତ ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ କେନ୍ଦୁଝର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମଙ୍କ ସଂଯୋଜନାରେ ଜିଲ୍ଲା ସହପର୍ଯ୍ୟବେକ୍ଷକ ସୁବ୍ରତ କୁମାର ଛାଟୋଇ ଯୋଗ ଦେଇ ଦଳୀୟ ସଂଗଠନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଦଳର ଭୋଟ ହାର ବଢ଼ାଇବା ପାଇଁ ବୁଥ୍‌ସ୍ତରରେ ଦାୟିତ୍ୱରେ ଥିବା ଛାମୁଆ ସଂଗଠନର କର୍ମକର୍ତ୍ତାମାନେ ପ୍ରତ୍ୟେକ ପରିବାରର ସମସ୍ୟା ସହିତ ଯୋଡ଼ି ହୋଇ ରହିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗ ଦେଇ ପଞ୍ଚାୟତ ଓ ପୌରାଞ୍ଚଳର ନିର୍ବାଚିତ ପ୍ରତିନିଧିମାନେ ବିଜୁ ଜନତା ଦଳର ମାର୍ଗଦର୍ଶିକାକୁ ଅନୁକରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଯୁବ ବିଜେଡି ନେତା ଦେବପ୍ରିୟ ପାତ୍ର, ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଆନନ୍ଦପୁର ପୌରାଧକ୍ଷା ରଜନୀରାଣୀ ଖଟୁଆ, ଉପାଧକ୍ଷ ଦୁର୍ଗାଚରଣ ଦଳେଇ, ଆନନ୍ଦପୁର ବ୍ଲକ ଅଧକ୍ଷା ଅଞ୍ଜନା ବାରିକ, ହାଟଡିହି ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ ଓ ଆନନ୍ଦପୁର ପୌରପରିଷଦର ସମସ୍ତ ବିଜେଡି କାଉନସିଲରମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ସମସ୍ୟାର ସମାଧାନ ଦିଗରେ ଦଳୀୟ ପଦକ୍ଷେପ ନେବାକୁ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶୀଲ ହୋତା, ଜିତେନ୍ଦ୍ର ସାମଲ, ବିଜେଡି ଯୁବ ସଭାପତି ଦେବଦତ୍ତ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ, ବିଜୁ ଛାତ୍ର ସଭାପତି ଶୁଭ୍ରଜିତ ରାମ, ଅମରେନ୍ଦ୍ର ଧଳ, ରମାକାନ୍ତ ବେହେରା, ରାମଚନ୍ଦ୍ର ପଲେଇ, ଅଜୟ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, କୁନିଆ ନାହକ, ଚିନ୍ମୟ ନାୟକ, ଅଭିମନ୍ୟୁ ସେଠୀ, ତୋଫାନ ସାହୁ, ବୁଲୁ ପଟ୍ଟନାୟକ, ତୋଫାନ ସ୍ୱାଇଁ, ମାନସ ବାରିକ, ମନୋଜ ପାତ୍ର, ବିଟୁ ଧଳ, ପ୍ରଦୀପ ସାହୁ, ମହିଳା ନେତ୍ରୀ ମମତା ରାଣୀ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

ଏସିବି ଫାଉଣ୍ଡେସନର ସମ୍ବର୍ଦ୍ଧନା ଉତ୍ସବ

ହାଟଡିହି, ୧୪।୧(ସମିସ)

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଏସିବି ଫାଉଣ୍ଡେସନ କାହାଳିଆଗଡ଼ିଆର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁରଥ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ ସୋମନାଥ ଦାସ, ଅତିଥି ଅବସରପ୍ରାପ୍ତ ଅଧକ୍ଷ ଚିନ୍ତାମଣି ପାଣିଗ୍ରାହୀ, କନକମଞ୍ଜରୀ ବାଳ ଶିକ୍ଷା ସଂସ୍ଥାନ ଆନନ୍ଦପୁର ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ମହାରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରମୋହନ ପଣ୍ଡା, ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ ଚତୁର୍ଭୁଜ ପହି, ସାମ୍ବାଦିକ ରାଜେନ୍ଦ୍ର କୁମାର ଜେନା, ଇଂ. ଅମୂଲ୍ୟ କୁମାର ରାଉତ, ସାହିତ୍ୟିକ ଜଗନ୍ନାଥ ପାତ୍ର, ଅବସରପ୍ରାପ୍ତ ଅଧକ୍ଷ ସୁଭେନ୍ଦ୍ର କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ସାହୁ, ଅବସରପ୍ରାପ୍ତ ଖେଳ ଶିକ୍ଷକ ବୃନ୍ଦାବନ କିଶୋର ରାଉତ, କୀର୍ତ୍ତନ ବିହାରୀ ନାୟକ, ସାହିତ୍ୟିକ ଜଇନୁଲ୍ ଆବେଦିନ୍ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଏସିବି ଫାଉଣ୍ଡେସନର ପ୍ରତିଷ୍ଠାତା ଅଲେଖ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ । ମୁଖ୍ୟଅତିଥି ପତାକା ଉତ୍ତୋଳନ କରିବା ସହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୋହନ କୁମାର ମହାନ୍ତିଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବରେ ବରିଷ୍ଠ ନାଗରିକ ସମ୍ମାନ, ଅବସରକାଳୀନ ସମ୍ବର୍ଦ୍ଧନା, ପ୍ରତିଭାଧାରୀମାନଙ୍କ ସମ୍ବର୍ଦ୍ଧନା, ମେଧାଛାତ୍ର ସମ୍ମାନ, ଶିକ୍ଷକ ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଗୋପାଳକୃଷ୍ଣ ରାଉତ, ରବିନାରାୟଣ ରାଜ୍ ଓ ସତ୍ୟରଞ୍ଜନ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସାମ୍ବାଦିକ ହେମନ୍ତ କୁମାର ସିଂ, ପ୍ରଧାନ ଶିକ୍ଷକ ଓ ସାହିତ୍ୟିକ ମୋହନ କୁମାର ମହାନ୍ତି, ଶିକ୍ଷକ ସତ୍ୟନାରାୟଣ ଜେନା, ସାହିତ୍ୟିକ ସ୍ତମ୍ଭକାର ସୁବୋଧ କୁମାର ସାହୁ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ । ଏସିବି ଫାଉଣ୍ଡେସନର ସଦସ୍ୟ ଓ ଗ୍ରାମର ବହୁ ଯୁବକ ସାମିଲ ହୋଇ ସହଯୋଗ କରିଥିଲେ ।

ତେଲକୋଇ ଉଚ୍ଚ ବିଦ୍ୟାଳୟର ବନ୍ଧୁମିଳନ

ତେଲକୋଇ, ୧୪।୧ (ସମିସ)

ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୬ ମ୍ୟାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ ହାଟପଦା ଠାରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ର ବନ୍ଧୁ ସୁଜିତ କୁମାର ବିଶ୍ୱାଳ, ସୁନିଲ କୁମାର ପ୍ରଧାନ ଓ ମାନସ କୁମାର ବେହେରାଙ୍କ ଉଦ୍ୟମ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଜର ବ୍ୟସ୍ତ ବହୁଳ କର୍ମଜଞ୍ଜାଳରୁ ବାହାରି ଏକାଠି ହୋଇ ସ୍କୁଲ ଜୀବନର ସ୍ମୃତିକୁ ମନେ ପକାଇଥିଲେ । ଛାତ୍ରବନ୍ଧୁଙ୍କ ପକ୍ଷରୁ ରଞ୍ଜନ ପ୍ରଧାନ, ଅଜୟ କୁମାର ବେହେରା, ଅଞ୍ଜନ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ, ଲୁଲୁ ବେହେରା, ବସନ୍ତ ମହାନ୍ତ, କବି ସାହୁ, ନିଶି ବେହେରା, ସଞ୍ଜୟ ବେହେରା, ଜଗବନ୍ଧୁ ବିଶ୍ୱାଳ, ପ୍ରଭାସ କୁମାର ରାଉତ, ସନ୍ତୋଷ କୁମାର ପ୍ରଧାନ, ହେମନ୍ତ କୁମାର ବିଶ୍ୱାଳ, ପତିତପାବନ ବେହେରାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ବନ୍ଧୁ ସହିତ ପରିବାର ମିଳନ କାର୍ଯ୍ୟକ୍ରମ ସାମିଲ ହୋଇଥିଲେ ।

ଶାଳବଣିରେ ବିବେକ ବାପି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଆନନ୍ଦପୁର, ୧୪।୧(ସମିସ)

ଆନନ୍ଦପୁର ବ୍ଲକର ଶାଳବଣି ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ବିବେକ ବାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଆଜିର ମ୍ୟାଚରେ କେନ୍ଦୁଝର ୟୁନିକ୍ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୧.୧ ଓଭରରେ ସମସ୍ତ ୱିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲେ । ଯବାବରେ ବରହମପୁରର ଆଲ୍‌ଫା କ୍ରିକେଟ କ୍ଲବ ୧୦.୧ ଓଭରରେ ୩ ୱିକେଟ ହରାଇ ୧୨୩ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା । ବରହମପୁରର ଖେଳାଳୀ ରାଜ ସିଂ ସର୍ବାଧିକ ୫୦ ରନ୍ କରି ମ୍ୟାନ୍ ଅଫ ଦ ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ଖେଳକୁ ଅମ୍ପାୟାର ପ୍ରାଣନାଥ ଜେନା, ଆଶୁତୋଷ ପାଣି, ବିଜୟ କୁମାର ଜେନା ଓ ଧାରାବିବରଣୀ ବୁବୁ ସିହ୍ନା, ସିଲୁ ନାଥ, ସ୍କୋରର ଭାବେ ସୁବ୍ରତ ପଣ୍ଡା, ସ୍ପୁରଲ ସାହୁ ସହ ଯୋଗ କରିଥିଲେ । ପରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଯୁବନେତା ଦେବପ୍ରିୟ ପାତ୍ର, ଶାଳବଣୀ ମହାବିଦ୍ୟାଳୟ ଅଧକ୍ଷ ପଦ୍ମନାଭ ମିଶ୍ର, ସରପଞ୍ଚ ଶୁଭାସିନୀ ମିଶ୍ର, ନାରୀନେତ୍ରୀ ବାସନ୍ତୀ ବେହେରା, ସମାଜସେବୀ ଟଙ୍କଧର ବେହେରା ଓ କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇ ଫାର୍ମ ବଏଜ ଓ ଟୁର୍ଣ୍ଣାମେନ୍ଟ ଆୟୋଜକ କମିଟିର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ ।

ଫେରାଇ ଦେଲା ଡାକ୍ତରଖାନା | ରାତିଅଧରେ ପ୍ରସୂତିଙ୍କୁ ଡାକ୍ତରଖାନା ଆଣିଲା ପୁଲିସ୍

ଚମ୍ପୁଆ, ୧୪।୧(ସମିସ)

ଚମ୍ପୁଆ ଡାକ୍ତରଖାନାର ଆନୁସାଙ୍ଗିକ ଉନ୍ନତି ବଢ଼ିବାରେ ଲାଗିଥିବା ବେଳ ସମସ୍ୟା କିନ୍ତୁ ପିଛା ଛାଡୁନାହିଁ । ସ୍ୱାସ୍ଥ୍ୟସେବାରେ ସ୍ଥାନୀୟ ଅଞ୍ଚଳ ସମେତ ଝାଡଖଣ୍ଡ ଓ ମୟୂରଭଞ୍ଜ ଅଞ୍ଚଳର ରୋଗୀଙ୍କୁ ସେବା ଯୋଗାଇ ନିଜର ଅସ୍ତିତ୍ୱ ଜାହିର କରୁଥିବା ଏହି ଚିକିତ୍ସାଳୟରେ ଦେଖିବାକୁ ମିଳିଛି ଏକ ଅଭାବନିୟ ଘଟଣା । ରାତିଅଧରେ ଫେରିଯାଉଥିବା ଜଣେ ପ୍ରସୂତିକୁ ପୁଲିସ ପାଟ୍ରୋଲିଂ ଗାଡ଼ି ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଛି । ପ୍ରସୂତି ସୁନିଆ ନାଏକଙ୍କ କହିବା ଅନୁସାରେ ଯୋଡ଼ା ବାଂଶପାଣି ଅଞ୍ଚଳରୁ ଗର୍ଭବେଦନା ହେବାରୁ ତାଙ୍କୁ ଚମ୍ପୁଆ ଡାକ୍ତରଖାନା ଅଣାଯାଇଥିଲା । ସେଠାରେ ଆଉଟଡୋରରେ ଚିଠା କରିବା ପରେ ତାକୁ ପ୍ରସୂତି ବିଭାଗରେ ଛାଡିଦିଆଯାଇଥିଲା । ସେଠାରେ ଉପସ୍ଥିତ କର୍ମଚାରୀ ସୁନିଆଙ୍କର କାଗଜପତ୍ର ଚେକ କରିବା ପରେ ଟେଷ୍ଟ ରିପୋର୍ଟ ମାଗିଥିଲେ ମଧ୍ୟ ସୁନିଆ ତାହା ଆଣିନଥିବା କହିଥିଲେ । ମାତ୍ର କର୍ମଚାରୀ ଜଣକ

ଗୁରୁକୁଳ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ସତ୍‌ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଂସ୍କାରୀ ଓ ଚରିତ୍ରବାନ୍ କରେ

ଭୋଗରାଇ, ୧୪।୧(ସମିସ):

ଅନ୍ଧାରରୂପୀ ଅଜ୍ଞାନରୁ ଆଲୋକ ଆଡ଼କୁ ଉତ୍ତରଣ ହେଉଛି ଶିକ୍ଷା। ବିଦେଶୀ ଚାକଚକ୍ୟକୁ ଅନୁକରଣ କରି ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ସହିତ ବର୍ତ୍ତମାନର ସମାଜ ଅପସଂସ୍କୃତିର ଶିକାର ହେଉଛି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସତ୍‌ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଂସ୍କାରୀ ଓ ଚରିତ୍ରବାନ କରିପାରିବ ବୋଲି ଭୋଗରାଇ ବ୍ଲକ ନିମାତପୁର ପଞ୍ଚାୟତ ତାରାପୁର ଗ୍ରାମର ଗୁରୁକୂଳ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୩ତମ ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଛି। ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀହରି ଚରଣ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ଉତ୍ସବ କୁମାର କର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ରବାନ ଓ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପରିଡ଼ା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ପଞ୍ଚାୟତ ସମିତି ସଦସ୍ୟ ଭଗବାନ ରଣା, ସମାଜସେବୀ ଦିଲୀପ ପ୍ରଧାନ ଓ ଧନଞ୍ଜୟ ପରିଡ଼ା, ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ବ୍ରଜଗୋପାଳ ସାହୁ, ମହେଶ୍ୱର ମଣ୍ଡଳ, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀପତି ସଁ, ହେମନ୍ତ ମଣ୍ଡଳ, ଅନନ୍ତ ମହାପାତ୍ର, କୁଶଧ୍ୱଜ ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଗୁରୁମା ସୁମିତ୍ରା ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲାବେଳେ ଶିକ୍ଷୟିତ୍ରୀ ରୀତାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷାକେନ୍ଦ୍ରର କୃତୀ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ସଭାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ 'ଧର୍ମପଦ' ପରିବେଷିତ ହୋଇଥିଲା।

ସିଂଲା ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଲୋକାର୍ପିତ

ଲଙ୍ଗଳେଶ୍ୱର/ରାଜଘାଟ, ୧୪।୧(ସମିସ): ବସ୍ତା ବ୍ଲକ ସିଂଲାସ୍ଥିତ ସିଂଲା ଉଚ୍ଚ ବିଦ୍ୟାଳୟର ଚତୁର୍ଥ ପର୍ଯ୍ୟାୟରେ ୫-ଟି ରୂପାନ୍ତରଣ କାର୍ଯ୍ୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିବାବେଳେ ମୁଖ ଅତିଥି ଭାବରେ ବସ୍ତା ବ୍ଲକ ଅଧ୍ୟକ୍ଷ ଅଞ୍ଜଳି ଦାସ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ବସ୍ତା ବ୍ଲକ ସହକାରୀ ଯନ୍ତ୍ରୀ କୋଇଲି ଟୁଡୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ପ୍ରଧାନଶିକ୍ଷକ ଭଗବାନ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ସିଂ ଯୋଗଦେଇ ଥିଲେ। ଏହି ଅବସରରେ ବିଦ୍‌ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟି ର ସଭାପତି ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

'ନୂଆ-ଓ' କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ

ଜଳେଶ୍ୱର ବ୍ଲକ, ୧୪।୧(ସମିସ): ଜାନୁଆରୀ ୧୨ ତାରିଖ ଜଳେଶ୍ୱର ଦେଉଳି ପଞ୍ଚୁଘଣ୍ଟାରେ ଅବସ୍ଥିତ ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ (ଯୁବ ଓଡ଼ିଶା-ନବୀନ ଓଡ଼ିଶା) କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ମାମି ରାଣୀ ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଓଡ଼ିଆ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା ମଞ୍ଚ ଆହ୍ୱାନ, ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିବା ପରେ ଅଧ୍ୟାପକଙ୍କ ଦ୍ୱାରା ବିବରଣୀ ପାଠ କରାଯାଇ ଥିଲା। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ସୁଦାମଚରଣ ଜେନ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷା ରାଜେଶ୍ୱରୀ ପାଣିଗ୍ରାହୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି ଯୋଗଦେଇ ଥିଲେ। ଏ ଅବସରରେ ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଅଧ୍ୟକ୍ଷା ସମ୍ମାନିତ କରିଥିଲେ। ସୁରତି ଦେ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱରୂପାନନ୍ଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର(ଉତ୍ତର)/ଚୌକି, ୧୪।୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୋପୀନାଥପୁର ସ୍ଥିତ ସ୍ୱାମୀ ସ୍ୱରୂପାନନ୍ଦ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରିମଳ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳଲୋଚନ ବିଶ୍ୱାଳ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ମୋ ସ୍କୁଲ କମିଟିର ସଭାପତି ପଙ୍କଜାକ୍ଷ ପଣ୍ଡା, ବିଶିଷ୍ଟ ବକ୍ତା ଭାବେ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଅଧିକାରୀ ଡାକ୍ତର ରାଜୀବ କୁମାର ଘୋଷ, ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ଭର ଦାସ, ସରପଞ୍ଚ ରାଜୀବ କୁମାର ଘୋଷ, ଅବସରପ୍ରାପ୍ତ ଶିକ୍ଷକ ଉଦୟହରି ଗିରି, ହରିହର ଦାସ, ଶ୍ରୀପତି ସଁ, ସିଆରସିସି ବଂଶୀଧର ମାଝୀ, ସମାଜସେବୀ ସାଧବଚନ୍ଦ୍ର ପ୍ରଧାନ, ହୀରାଚାନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅର୍ଚ୍ଚନା ସିଟ୍ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାହ୍ନୁ ଚରଣ ଜେନା, ଶିକ୍ଷକ କ୍ଷିତିଶ ମାଝୀ, ରବୀନ୍ଦ୍ର କୁମାର ଗିରି, ଅରୁଣ ଜେନା, ଶିକ୍ଷୟତ୍ରୀ ମାମୁନି ମାଝୀ, ସୁସ୍ମିତା ଦିଣ୍ଡା, ସୂଚନା ସିଂ ପ୍ରମୁଖ ପରିଚାଳନା କରିଥିଲେ।

ଆମ ସଂକଳ୍ପ ବିକଶିତ ଭାରତ ରଥର ପରିକ୍ରମା

ଜଳେଶ୍ୱର ବ୍ଲକ, ୧୪।୧(ସମିସ): ଆଜି ଭାରତ ସରକାରଙ୍କ ବିକଶିତ ଭାରତ ସଂକଳ୍ପ ଯାତ୍ରାର ମୋଦୀ ସରକାରଙ୍କ ଗ୍ୟାରେଣ୍ଟି ରଥ ଜଳେଶ୍ୱରରେ ପହଞ୍ଚିଛି। ବଡବଜାରସ୍ଥିତ ବାସନ୍ତିପଡ଼ିଆଠାରେ ବିଭିନ୍ନ ସରକାରୀ କର୍ମଚାରୀ ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର ଉଦ୍ଦେଶ୍ୟ ଓ ସଂକଳ୍ପ ସମ୍ପର୍କରେ ସୂଚନା ଓ ସଚେତନ କରିଛନ୍ତି। ଏହି ସଂକଳ୍ପ ସଚେତନ ରଥଯାତ୍ରାରେ ପୌର ଅଧିକାରୀ ଅଜୟ କୁମାର ମହାପାତ୍ର ସଂଯୋଜନା କରିଥିଲେ। ଏଥିରେ ଫାଲଗୁନୀ ପାଣିଗ୍ରାହୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୀର ପାତ୍ର, କାଉନ୍‌ସିଲର ଚନ୍ଦନ ଦାସ, ଶିବନାରାୟଣ ମହାପାତ୍ର, ସିଦ୍ଧାର୍ଥ ପାଳ, ତପନ ବିଶ୍ୱାଳ ପ୍ରମୁଖ ବିଜେପିର କର୍ମୀମାନେ ଯୋଗ ଦେଇଥିଲେ।

ଅଭିଭାବକ-ଶିକ୍ଷକ ସଂଘର ବୈଠକ

ଚନ୍ଦନେଶ୍ୱର, ୧୪।୧(ସମିସ): ଭୋଗରାଇର ଟୁକୁରାହାଜିରା ପଞ୍ଚାୟତ ଅଧୀନ ଫୁଲବଣୀ ସରକାରୀ ଉଚ୍ଚବିଦ୍ୟାଳୟରେ ଆଜି ଚତୁର୍ଥ ଅଭିଭାବକ ଓ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମହେଶ୍ୱର ଗିରି ଉକ୍ତ ବୈଠକର ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ଦତ୍ତ, ପରିଚାଳନା କମିଟିର ସଭାପତି ଭବଏଶ ଚନ୍ଦ୍ର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଅଭିବୃଦ୍ଧି, ସମାପ୍ତି ସୂଚକ ଆକଳନ-୧ର ଉପଲବ୍ଧିକୁ ଉପସ୍ଥାପନ ଓ ସମାପ୍ତି ସୂଚକ ଆକଳନ-୨(ବାର୍ଷିକ ପରୀକ୍ଷା) ୨୦୨୪ ପାଇଁ ପ୍ରସ୍ତୁତିରେ ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ଭୂମିକା ପିଲାମାନଙ୍କର ମାନସିକ ଚାପ ଓ ଏହାର ଦୂରୀକରଣ କ୍ୟାରିୟର ମାର୍ଗଦର୍ଶନ ଉପରେ ପିତାମାତାଙ୍କ ଭୂମିକା, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବା, ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ୍ ୨୦୧୨ ସମ୍ବନ୍ଧୀୟ ସଚେତନତା, ବିଦ୍ୟାଳୟ ସୁରକ୍ଷା ନିୟମାବଳୀ-୨୦୧୬ ଅଭିଭାବକମାନଙ୍କ ଠାରୁ ବିଦ୍ୟାଳୟ ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଶିଶିର କୁମାର ପ୍ରଧାନ, ପଦ୍ମଲୋଚନ ମାଝୀ, ସମାଜସେବୀ ଦୀପକ ମଣ୍ଡଳ, ରଣଜିତ ସାସମଲ, ଲକ୍ଷ୍ମୀପ୍ରିୟା ସାସମଲ, ମାଳତୀ ମଣ୍ଡଳ ପ୍ରମୁଖ ମତାମତ ପ୍ରଦାନ କରିଥିବାବେଳେ ଶିକ୍ଷକ ସୁଦର୍ଶନ ଜେନା, କାହ୍ନୁଚରଣ ସାହୁ, ଅନୁପମା ମାହାନା, ରାସମଣୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସୁନୀଲ କୁମାର ଦତ୍ତଙ୍କ ଅଧ୍ୟକ୍ଷତାରେ ଶଙ୍ଖାରୀ ମଧୁସୂଦନ ସରକାରୀ ଉଚ୍ଚବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଧ୍ରୁବ ଚରଣ ପ୍ରଧାନ, ଦୀପକ କୁମାର ଦିଣ୍ଡା, କ୍ୟାରିୟର ମାର୍ଗଦର୍ଶନ ଉପରେ ପିତାମାତାଙ୍କୁ କିଛି ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ୍ତ କଟୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

ଭୂପାଳ ଚନ୍ଦ୍ର ମହାପାତ୍ର ସ୍କୁଲର ବାର୍ଷିକ କ୍ରୀଡ଼ା

ରାଜଘାଟ, ୧୪।୧(ସମିସ): ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତସ୍ଥିତ ଭୂପାଳ ଚନ୍ଦ୍ର ମହାପାତ୍ର ବିଦ୍ୟାଳୟରେ ଚତୁର୍ଥ ପର୍ଯ୍ୟାୟ ୫-ଟି ଉଦଘାଟନୀ ଓ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହରିବାସ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଞ୍ଜଳି ଦାସ, ମୁଖ୍ୟବକ୍ତା ଭାବେ ବିଡିଓ ମୋହିନୀ କୁମାର ନାୟକ, ଅନ୍ୟତମ ଅତିଥି ଭାବେ ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ବାସନ୍ତୀ ପୁଷ୍ଟି, ସମ୍ମାନିତ ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ ପରିଚାଳନା କମିଟି ସଭାପତି ପ୍ରଭାତ ବେହେରା, ବରୁଣଗଡ଼ିଆ ସରପଞ୍ଚ କରୁଣାକର ମଲ୍ଲିକ, ପୂର୍ବତନ ସରପଞ୍ଚ ଲିପିକା ରାଉଳ, ବରୁଣଗଡ଼ିଆ ସିଆରସିସି ଅରବିନ୍ଦ ପାଣିଗ୍ରାହୀ, ସମିତିସଭ୍ୟ ରମାକାନ୍ତ ସେଠୀ, ପୂର୍ବତନ ଉପଦେଷ୍ଟା କମିଟିର ସଦସ୍ୟ ପ୍ରିୟବ୍ରତ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ କୁଇଲି ଟୁଡୁ, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅତିଥି ପରିଚୟ ଓ ବେଦ ପାଠ କରିଥିଲେ ସିଆରସିସି ଅରବିନ୍ଦ ପାଣିଗ୍ରାହୀ। ଅତିଥିମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦଘାଟନ କରିବା ପରେ ବିଦ୍ୟାଳୟ ଛାତ୍ରୀ ଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ସନ୍ତୋଷ କୁମାର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

ଆଦର୍ଶ ଯୁବ ପରିଷଦର ବାର୍ଷିକ ମହୋତ୍ସବ

ସୋର, ୧୪।୧(ସମିସ): ସୋର ପୌରପାଳିକା ଉତ୍ତରେଶ୍ୱର ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଆଦର୍ଶ ଯୁବ ପରିଷଦର ବାର୍ଷିକ ଅନୁଷ୍ଠିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୋର ଆଇଆଇସି ପ୍ରଭାଂଶୁ ମିଶ୍ର ଯୋଗଦେଇ କହିଲେ ଯେ ସମାଜସେବା କ୍ଷେତ୍ରରେ ଆଦର୍ଶ ଯୁବକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଜେନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସେଣ୍ଟ୍ ଜାଭିଅର ହାଇସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଯୋଗଦେଇ ଥିଲେ। ପରିଷଦର ସଭାପତି ପୃଥିବୀ ରଞ୍ଜନ ବେହେରା ସଭାପତିତ୍ୱ କରିଥିବା ବେଳେ ବାର୍ଷିକ ବିବରଣୀ ପରିଷଦର ସମ୍ପାଦକ ସଞ୍ଜୟ କୁମାର ନାୟକ ବିବରଣୀ ପାଠ କରିଥିଲେ। ସୋର ଅଞ୍ଚଳର ଏବଂ ବାଲେଶ୍ୱର ଜିଲାର ନିଷ୍ଠାପର କର୍ତ୍ତବ୍ୟ ସମ୍ପାଦନ କରୁଥିବା ବରିଷ୍ଠ ସାମ୍ବାଦିକ ଚନ୍ଦ୍ରମୋହନ ମହାପାତ୍ରଙ୍କୁ 'ଆଦର୍ଶ ସାରସ୍ୱତ ଓ ସାମ୍ବାଦିକ ସେବା ସମ୍ମାନ' ଏବଂ ସାମ୍ବାଦିକ ନନ୍ଦକିଶୋର ସାହୁ, ସୁଶାନ୍ତ ବେହେରା, ଜୀବନଜ୍ୟୋତି ନାୟକ, ଅଭୟ ପତ୍ରୀ, ପ୍ରମୋଦ ଦାସ, ଗୟାଧର ସାହୁ, ନିରଞ୍ଜନ ବେହେରା, ଶ୍ରୀଲେଖା ସାହୁ, ଅଜିତ ନାୟକ, ଉମାକାନ୍ତ ସେଠୀ, ବିଶ୍ୱରଜଂନ ବେହେରା ପ୍ରଭୃତିଙ୍କୁ 'ଆଦର୍ଶ ସାମ୍ବାଦିକ ସେବା ସମ୍ମାନ' ଏବଂ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ପରିଷଦର ସଦସ୍ୟ ସୁବ୍ରତ ମହାନ୍ତି, ଗଣେଶ ଦାସ, ବିକ୍ରମ ଅଗ୍ରୱାଲଙ୍କୁ ନିଷ୍ଠାପର ସେବା ପାଇଁ 'ଆଦର୍ଶ ସଦସ୍ୟ ସାମାଜିକ ସେବା ସମ୍ମାନ'ରେ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତାପସ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ମା' ତାରିଣୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୧୪।୧(ସମିସ): ବାଲିଆପାଳ ବ୍ଲକ କୁୟାରୀ ପଞ୍ଚାୟତ ଅଧୀନସ୍ଥ ଝଲଝଲିଆ ଗ୍ରାମର ମା' ତାରିଣୀ ଫୁଟବଲ ଫିଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଶନିବାର ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଭୂମିକନ୍ୟା ସୁବାସିନୀ ଜେନା ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠନେତା ଭଗୀରଥ ଗିରି, ଅଦୈତ୍ୟ ଦାସ ଅଧିକାରୀ, ଯୁବନେତା ଲକ୍ଷ୍ମୀଧର ସେଠୀ, ଯୁବ ସଭାପତି ସନ୍ତୋଷ ଦାସ, ମହିଳା ସଭାପତି ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ସରୋଜ ଦାସ, ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ରାଜେଶ ଜେନା, ଶଙ୍କର ମାଝୀ, ଲମ୍ବୋଦର ମାଝୀ, ଚଗଲା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଶନିବାର ପ୍ରଥମ ଦିବସରେ ୮ଟି ଫୁଟବଲ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଝଲଝଲିଆ ମା' ତାରିଣୀ ଫୁଟବଲ ଫିଟିଙ୍ଗ କ୍ଲବ୍ ବାବୁ ମୁର୍ମୁ, ରାଜେଶ ମାଝୀ, ଜୟ ଟୁଡୁ, ବଳରାମ ମୁର୍ମୁ, ଚନ୍ଦନ ମୁର୍ମୁ, ଚିକୁ ମାଝୀ, ପାତ୍ର ମାରାଣ୍ଡି, ନାଥ ମୁର୍ମୁ, ବିଜୟ ହାଁସଦା, ଡାକ୍ତର ମୁର୍ମୁ, କାଇନ କିସ୍କୁ, କାର୍ତ୍ତିକ ମୁର୍ମୁ, ରତ୍ନାକର ମାଝୀ ପ୍ରମୁଖ ସହଯୋଗ କରିଥିଲେ।

ସାରସ୍ୱତ ମହାବିଦ୍ୟାଳୟରେ 'ନୂଆ -ଓ'

ସୋର, ୧୪।୧(ସମିସ): ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତି ପ୍ରଚାର ଓ ପ୍ରସାର ପରିପେକ୍ଷୀରେ ନୂଆ-ଓ ଯୋଜନା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଡମ୍ବରୁଧର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ଡ. ଅଭୟ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ମଞ୍ଚରେ ବିଶ୍ୱ ଓଡ଼

କୃଷି ଓଡ଼ିଶା-୨୦୨୪ ଉଦ୍‌ଯାପିତ

'ମହିଳାଙ୍କ ଯୋଗଦାନ ବିନା କୌଣସି ଦେଶର ବିକାଶ ସମ୍ଭବ ନୁହେଁ'

ଭୁବନେଶ୍ୱର,୧୪।୧(ସମିସ): ମହିଳା ଚାଷୀମାନେ ଆଧୁନିକ ଯନ୍ତ୍ରପାତି, ଜ୍ଞାନକୌଶଳ ବ୍ୟବହାର କରି ନିଜ ଉତ୍ପାଦର ପ୍ୟାକେଜିଂ ଓ ମାର୍କେଟିଂ କରିବା ଉପରେ ଧ୍ୟାନ ଦେବା ଜରୁରୀ। ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମା'ମାନେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଗ୍ରାମୀଣ କ୍ଷେତ୍ରର ବିକାଶ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ଏବଂ ୨୦୪୭

ବ୍ଲକ୍‌ସ୍ତରରେ ହେବ କୃଷି ଯନ୍ତ୍ରପାତି ମେଳା

ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ। କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଜନତା ମଇଦାନରେ ଆୟୋଜିତ କୃଷି ଓଡ଼ିଶା ୨୦୨୪ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ଆଜି ଏହା କହିଛନ୍ତି।

ଶ୍ରୀ ଦାସ ଆହୁରି କହିଛନ୍ତି ଯେ, ମହିଳାଙ୍କ ଯୋଗଦାନ ବିନା କୌଣସି ଦେଶର ବିକାଶ ସମ୍ଭବ ନୁହେଁ। ଆମ ଦେଶର ମହିଳାମାନଙ୍କ ଅବଦାନ ସାରା ବିଶ୍ୱରେ ଅତୁଳନୀୟ। ଚାଷ, ପଶୁପାଳନ, ମତ୍ସ୍ୟଚାଷ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ମହିଳା ଚାଷୀ ନିୟୋଜିତ ହୋଇଛନ୍ତି। କୃଷି କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଉତ୍ପାଦକତା ବଢ଼ିଛି। ସେଥିପାଇଁ ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଏହା ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି।

ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, କୃଷି ଯନ୍ତ୍ରପାତି ମେଳାକୁ ଆଗାମୀ ଦିନରେ ବ୍ଲକ୍‌ସ୍ତରରେ ଆୟୋଜନ କରାଯିବ। ପୂର୍ବରୁ ସବଡିଭିଜନ୍ ସ୍ତରରେ ଆୟୋଜନ କରାଯାଇଥିବା ମେଳା ବେଶ ସଫଳ ହୋଇଛି। ପ୍ରାୟ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି କାରବାର ହୋଇଥିବା ବେଳେ ୫୦୦ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଛି। ଚାଷୀଙ୍କ ହାତକୁ ଟଙ୍କା ଦେବା, ରୋଜଗାର ସୃଷ୍ଟି କରିବା ଓ ଉତ୍ପାଦନ ବଢ଼ାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ଜଳ ବିନା ଚାଷ କାମ ହୋଇପାରିବନି। ତେଣୁ ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ମହିଳାମାନଙ୍କ ଉନ୍ନତିକୁ ପ୍ରାଥମିକତା ଦେଉଥିବା ବେଳେ ସେମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି।

ବିଭାଗୀୟ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଲେ, କୃଷି କ୍ଷେତ୍ରର ନିରନ୍ତର ରୂପାନ୍ତରୀକରଣ ପାଇଁ ମହିଳାମାନଙ୍କ ଯୋଗଦାନ ନିତାନ୍ତ ଆବଶ୍ୟକ। ସେମାନଙ୍କ ଯୋଗଦାନ ବିନା ଏହି କ୍ଷେତ୍ରର ପ୍ରଗତି ଅସମ୍ଭବ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

'କୃଷି କ୍ଷେତ୍ରରେ ମହିଳାଙ୍କ ସଫଳତା ପାଳନ' ଶୀର୍ଷକ ଉପରେ ଆୟୋଜିତ କୃଷି ଓଡ଼ିଶା ୨୦୨୪ ଗତ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ସାରା ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୫ହଜାର ମହିଳା ଚାଷୀ, ୨ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କୃଷି ଉଦ୍ୟୋଗୀ, କୃଷି ବିଶେଷଜ୍ଞ ଓ ଅନ୍ୟ ଅଂଶୀଦାରମାନେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, କେନ୍ଦ୍ର ସରକାର, ଆଇସିଏଆର ଅନୁଷ୍ଠାନ, ସିଜିଆଇଏଆର ଅନୁଷ୍ଠାନ, ବେସରକାରୀ ସଂଗଠନ, କୃଷକ-ବୈଜ୍ଞାନିକ ଆଲୋଚନା, ସେମିନାର, କୃଷକ ସୁବିଧା କେନ୍ଦ୍ର, ଅଭିଜ୍ଞତା-ଶିକ୍ଷଣ କେନ୍ଦ୍ର, କୃଷି ଯନ୍ତ୍ରପାତି ପ୍ରଦର୍ଶନ, କୃଷି ଜାତ ଦ୍ରବ୍ୟ ଉପରେ ପ୍ରଦର୍ଶନୀ ଷ୍ଟଲ, ମହିଳା କୃଷକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହଯୋଗରେ ୧୭ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କୃଷି ଓଡ଼ିଶା ୨୦୨୪କୁ ଆହୁରି ଆକର୍ଷଣୀୟ କୁଇଜ୍ ଓ ବକ୍ତୃତାରେ ପରିଣତ କରିବା ପାଇଁ ପରୀକ୍ଷାମୂଳକ ଜଳକ୍ରୀଡ଼ା, ସ୍ଥାନୀୟ କୃଷକ ଗୀତ, କାହାଣୀ, ପୋଷ୍ଟକାର୍ଡ ବିନିମୟ, କୃଷକ ସୁବିଧା କେନ୍ଦ୍ର ଓ ଏକ ପରୀକ୍ଷାମୂଳକ ଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା।

ପାରାଦୀପ ବନ୍ଦରରୁ କୋକେନ୍ ଜବତ ଘଟଣା

ହାତ କାଟି ସମୁଦ୍ରକୁ ଡେଇଁଲେ କ୍ରିଉ ସଦସ୍ୟ

ଭୁବନେଶ୍ୱର,୧୪।୧(ସମିସ): ୨୨୦ କୋଟିର କୋକେନ୍ ଜବତ ହୋଇଥିବା ଦେବୀ ଜାହାଜର ଜଣେ ସଦସ୍ୟ ଆଜି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆଜି ସକାଳେ ସେ ନିଜ ହାତ କାଟିବା ସହ ସେ ସମୁଦ୍ରକୁ ଡେଇଁ ଜୀବନ ହାରିବାକୁ ଚେଷ୍ଟା କରିଥିଲେ। ତେବେ ଠିକ୍ ସମୟରେ ତାଙ୍କ ସହଯୋଗୀମାନେ ଏହା ଦେଖି ପାଟି କରିବାରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ସେ ହେଲେ, ବୁଇ କଂ ହୁ। ବୁଇଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାରାଦୀପ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି। ସୀମାଶୁଳ୍କ ବିଭାଗ ଜବତ ଜାହାଜକୁ ଆଙ୍କରେଜ୍ ଏରିଆରେ ଅଟକ ରଖିଛି। ତେବେ ସୁରକ୍ଷା ସତ୍ତ୍ୱେ ଜାହାଜର ଏହି କ୍ରିଉ-ମେମ୍ବର୍ କିଭଳି ନିଜ ହାତ କାଟିଲେ ଓ ସମୁଦ୍ର ଭିତରକୁ ଡେଇଁଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସନ୍ଦେହ କରାଯାଉଛି ଯେ ଜାହାଜରୁ ଜବତ ହୋଇଥିବା କୋକେନ୍ ସମ୍ପର୍କରେ କ୍ରିଉ-ମେମ୍ବର ବୁଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା କେହି ତାଙ୍କୁ ହତ୍ୟା କରିବାକୁ ଯୋଜନା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ପଣ୍ୟ ନେବା ପାଇଁ ପାରାଦୀପ ବନ୍ଦରକୁ ଆସିଥିବା ବେଳେ ସେଥିରୁ ୨୨୦ କୋଟି ଟଙ୍କାର କେକେନ୍ ଜବତ ହୋଇଥିଲା। ସୀମାଶୁଳ୍କ ବିଭାଗ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ୧୦ ଜଣଙ୍କୁ ସ୍କାନର୍‌ରେ ରଖିଛି। ସେମାନଙ୍କ ମଧ୍ୟରେ ୩ଜଣ ଜାହାଜର କ୍ରିଉ-ମେମ୍ବର୍ ଥିବା ବେଳେ ୬ଜଣ କ୍ରେନ୍ ଅପରେଟର୍ ଓ ଜଣେ ଷ୍ଟିଭଡରିଂର ବରିଷ୍ଠ ସଦସ୍ୟ ରହିଛନ୍ତି। ଆଜି ଏମାନଙ୍କୁ ସାମ୍ନାସାମ୍ନି ବସାଇ ତଦନ୍ତକାରୀ ସଂସ୍ଥା ପଚରାଉଚରା କରାଯାଇଛି। ଜାହାଜ ଭିତରକୁ କିଏ, କେଉଁ ସମୟରେ, କେଉଁଠାରୁ କୋକେନ୍ ଚଢାଇଲା, ତା'ର ଖିଅ ତଦନ୍ତକାରୀ ସଂସ୍ଥା ଖୋଜୁଥିବା ଜଣାପଡ଼ିଛି।

ଗୁରୁତର ଅବସ୍ଥାରେ ରାଜଧାନୀର ଘରୋଇ ହସ୍ପିଟାଲରେ ଭର୍ତ୍ତି

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଛାତ୍ରବୃତ୍ତି ଆବେଦନ ଆରମ୍ଭ

ଆବେଦନର ଶେଷ ତାରିଖ ମେ' ୩୧

ଭୁବନେଶ୍ୱର, ୧୪।୧(ସମିସ): ଓଡ଼ିଶା ଗୃହ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ରବୃତ୍ତି ଆବେଦନ ଆରମ୍ଭ ହୋଇଛି। ଅନ୍ୟୂନ ଏକ ବର୍ଷ ଏହି ପରିଷଦ ଅଧୀନରେ ପଞ୍ଜିକୃତ ଶ୍ରମିକଙ୍କ ପିଲାମାନେ ଏଥିପାଇଁ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ମେ' ୩୧ ରହିଛି ବୋଲି ପରିଷଦ ପକ୍ଷରୁ ଦର୍ଶାଯାଇଛି।

ସୂଚନା ଅନୁଯାୟୀ, ଷଷ୍ଠରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ପଢୁଥିବା ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ। ଗୋଟିଏ ପରିବାରର ଦୁଇଜଣ ପିଲା ଏକାବେଳେ ଏଥିରେ ଲାଭାନ୍ୱିତ ହୋଇପାରିବେ। ଷଷ୍ଠ ଓ ସପ୍ତମ ପାଇଁ କେବଳ ଛାତ୍ରୀମାନଙ୍କୁ ସାମିଲ କରାଯାଇଥିବା ବେଳେ ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ଉଭୟ ଛାତ୍ର ଓ ଛାତ୍ରୀଙ୍କୁସାମିଲ କରାଯାଇଛି। ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ଝିଅ ପଢୁଥିଲେ, ଅଧିକ ୨୦% ସହାୟତା ମିଳିବ। ରାଜ୍ୟ ସ୍କଲାରସିପ୍ ପୋର୍ଟାଲ scholarship.odisha.gov.inରେ ଆବେଦନ କରିବାକୁ କୁହାଯାଇଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ସମସ୍ତ ଛାତ୍ରବୃତ୍ତି ଆବେଦନ ଅବଧି ବୃଦ୍ଧି ପାଇଛି। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବ୍ୟାସକବି ଫକିରମୋହନ ଭାଷାବୃତ୍ତି, ସ୍ନାତକ ଓ ସ୍ନାତକୋତ୍ତର ଇ-ମେଧାବୃତ୍ତି, ବୈଷୟିକ ଓ ବୃତ୍ତିଗତ ଇ-ମେଧାବୃତ୍ତି ପାଇଁ ଜାନୁଆରୀ ୨୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଏହା ଶେଷ ସୁଯୋଗ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆବେଦନ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବେଙ୍ଗାଲୁରୁରେ ଓଡ଼ିଆ ଝିଅକୁ ବୀଭତ୍ସ ହତ୍ୟା

ଭୁବନେଶ୍ୱର/ଜଗତସିଂହପୁର, ୧୪।୧(ସମିସ): ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଝିଅକୁ ବୀଭତ୍ସ ହତ୍ୟା କରାଯାଇଛି। ହତ୍ୟାର ଶିକାର ନାବାଳିକାଜଣଙ୍କ ହେଲା, ଜଗତସିଂହପୁର ବଡ଼ବାଗ ଗାଁର ଶୁଭସ୍ମିତା ବେହେରା। ଗତକାଲି ସକାଳେ ରାସ୍ତାକଡ଼ରୁ ଶୁଭସ୍ମିତାର ଶବ ମିଳିଥିଲା। ରାଜନାଙ୍କୁଟେ ଥାନା ଏହାର ତଦନ୍ତ କରିବା ସହ ୩ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ହତ୍ୟାକାଣ୍ଡ ପଛରେ ଶୁଭସ୍ମିତାର ସାବତ ବାପାଙ୍କ ହାତ ଥିବା ପୁଲିସ ସନ୍ଦେହ କରୁଛି। ଅପରପକ୍ଷେ ଏହି ଖବର ଆଜି ଗାଁରେ ପହଞ୍ଚିବା ପରେ ବଡ଼ବାଗରେ ଶୋକ ପ୍ରକାଶ ପାଇଛି। ଶୁଭସ୍ମିତା ବୃନ୍ଦାବନ ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲା। ୮ ମାସ ତଳେ ନିଜ ମା' ସସ୍ମିତା ସହ ବେଙ୍ଗାଲୁରୁରେ ରହୁଥିଲା।

- ସାବତ ବାପା ହତ୍ୟା କରିଥିବା ପୁଲିସର ସନ୍ଦେହ
- ଶୋଇଥିବା ବେଳେ ଘରୁ ଟେକି ନେଇ ହତ୍ୟା

ସୂଚନା ମୁତାବକ, ବଡ଼ବାଗ ଗାଁର ବାବୁଲି ବେହେରାଙ୍କ ଝିଅ ସସ୍ମିତା ବେହେରା ୧୪ ବର୍ଷ ତଳେ ନୟାଗଡ଼ ଦଶପଲ୍ଲା ଅଞ୍ଚଳରେ ବିବାହ କରିଥିଲେ। ଦୁଇ ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ସ୍ୱାମୀର ମୃତ୍ୟୁ ହୋଇଯାଇଥିଲା। ପରେ ସସ୍ମିତା ଝିଅ ଖୁସି ଓ ଛୋଟ ପୁଅକୁ ନେଇ ଆସି ବଡ଼ବାଗସ୍ଥିତ ବାପଘରେ ରହୁଥିଲା। ବର୍ଷେ ତଳେ ସସ୍ମିତା ଭଦ୍ରକର ଏକ ଯୁବକଙ୍କୁ ଦ୍ୱିତୀୟ ବିବାହ କରିବା ପରେ ସପରିବାର ବେଙ୍ଗାଲୁର ଚାଲି ଯାଇଥିଲେ। ସେଠାରେ ଦୁହେଁ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ରାତିରେ ପରିବାର ଲୋକେ ସମସ୍ତେ ଖାଇପିଇ ଶୋଇଥିଲେ। ଭୋର ସମୟରେ କିନ୍ତୁ ଶୁଭସ୍ମିତା ଘରେ ନଥିବା ଦେଖି ପରିବାର ଲୋକେ ଏଣେ ତେଣେ ଖୋଜିଥିଲେ। ଘରଠାରୁ କିଛି ଦୂରରେ ଶୁଭସ୍ମିତାଙ୍କୁ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଛି। ମୁହଁରେ ହାତ ଦାଗ ରହିଥିବା ବେଳେ ମୁଣ୍ଡରୁ ଗଭୀର କ୍ଷତଚିହ୍ନ ରହିଛି। ଶୋଇଥିବା ବେଳେ ଶୁଭସ୍ମିତାକୁ କେହି ଉଠାଇ ନେଇ ଘର ବାହାରେ ହତ୍ୟା କରିଛି ବୋଲି ସନ୍ଦେହ କରାଯାଉଛି। ତେଣୁ ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି।

ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୪।୧(ସମିସ): ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ଜିଲ୍ଲାରେ ଚାଲିଥିବା ନକ୍ସଲବିରୋଧୀ ଅଭିଯାନରେ ପୁଲିସକୁ ଆଉ ଏକ ସଫଳତା ମିଳିଛି। ସଂଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଉଦ୍ଦେଶ୍ୟରେ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଦନ୍ତେୱାଡା ଜିଲ୍ଲାର କଟେକଲ୍ୟାଣ ମାଓବାଦୀ କମିଟିରେ ସକ୍ରିୟ ଏଲଓଏସ୍ କମାଣ୍ଡର ଗଙ୍ଗା ମୁଚାକି, ଡିକେଏମଏସ ସଦସ୍ୟ ମୁଚାକି ମୁଦା, ସିଏନଏମ୍ ସଦସ୍ୟ ଆଇତା କୁହୁଦମ। ଏହି ୩ଜଣ ଯାକ ଆଜି ଜିଲ୍ଲା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓ ସଙ୍ଗଠନ ନିଜର ନୀତି ଆଦର୍ଶରୁ ଓହରି ଯାଉଥିବା ସହ ଦୁର୍ବଳ ହେଉଥିବା ବେଳେ ସରକାରଙ୍କ ପୁନର୍ବାସ ଯୋଜନାରେ ଆକର୍ଷିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ୩ଜଣ ଯାକ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ କାର୍ଯ୍ୟ କରୁଥିବା ବେଳେ ବହୁ ବଡ଼ ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆତ୍ମସମର୍ପଣ ପରେ ସେମାନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ସହ ଆଗାମୀ ଦିନରେ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ ବୋଲି ପୁଲିସ୍ ଅଧୀକ୍ଷକ କହିଛନ୍ତି।

CBSE BOARD EXAMINATION (2023-24)
PROBABLE QUESTION PAPER
CLASS-X, SUB- ODIA

ବିଭାଗ-କ

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ଇଂରେଜୀ ଭାଷା ସପକ୍ଷରେ ଯେଉଁମାନେ ମତ ପ୍ରକାଶ କରନ୍ତି ସେମାନେ ନିଜର ନିଜତ୍ୱକୁ ବିସର୍ଜନ କରି ଦେଇଛନ୍ତି ବୋଲି କୁହାଯାଇପାରେ । ସେମାନେ ଯେବେ ଗଭୀର ଭାବରେ ଚିନ୍ତା କରିବେ , ତେବେ ଦେଖିପାରିବେ ଯେ ଇଂରେଜୀ ଭାଷା ପ୍ରକୃତରେ ଆମର ଲାଭ ନ କରି କ୍ଷତି ହିଁ କରିଅଛି । ଇଂରେଜ ଶାସନ ପ୍ରବର୍ତ୍ତନ ପରେ ଭାରତରେ ଯେତେବେଳେ ଇଂରେଜୀ ଭାଷା ଶିକ୍ଷା ଦିଆଗଲା , ସେତେବେଳେ ଭାରତରେ ଶିକ୍ଷାନୀତିକୁ ବହୁ ଅଂଶରେ ଇଂଲଣ୍ଡରେ ପ୍ରବର୍ତ୍ତିତ ଶିକ୍ଷାନୀତିର ଅନୁରୂପ କରାଯିବାକୁ ଚେଷ୍ଟା କରାଗଲା । ସ୍କୁଲ ଓ କଲେଜରେ ଶିକ୍ଷାର ମାଧ୍ୟମ ହେଲା ଇଂରାଜୀ । ଆମ ଦେଶର ଛାତ୍ରମାନେ ସେମାନଙ୍କ ଜୀବନର ଅର୍ଦ୍ଧେକ ସମୟ ବିନିଯୋଗ କରି ଗୋଟିଏ ବିଦେଶୀ ଭାଷାକୁ ଶିକ୍ଷା କରିବାକୁ ଯେତେ ଚେଷ୍ଟା କଲେ ହେଁ ତାହାକୁ ଠିକ୍ ଭାବରେ ଶିକ୍ଷାକରି ପାରିଲେ ନାହିଁ । ପୁଣି ଏହା ଫଳରେ ନିଜର ମାତୃଭାଷାକୁ ମଧ୍ୟ ଅବହେଳା କରି ତହିଁରେ ଜ୍ଞାନ ଲାଭ କରିପାରିଲେ ନାହିଁ । ଆମ ଦେଶର ଶିକ୍ଷିତ ଯୁବକ ଏହିପରି ଏକ ତ୍ରିଶଙ୍କୁ ଅବସ୍ଥାରେ ବାରମ୍ବାର ପଡ଼ିଆସିଛି । ଇଂରେଜୀ ଭାଷା ବା ତା 'ର ମାତୃଭାଷା କୌଣସିଟିରେ ତା'ର ଯଥାର୍ଥ ଜ୍ଞାନ ନଥିଲା ବା ନାହିଁ । ଯେଉଁମାନେ ଇଂରେଜୀ ଭାଷାରେ ପାଣ୍ଡିତ୍ୟ ଲାଭ କରିଥିବାର ଛଳନା କରନ୍ତି ସେମାନଙ୍କୁ ଥରେ ଆମ ଦେଶର ଜଣେ ଭାଷାବିତ୍ ଆକ୍ଷେପ କରି କହିଥିଲେ ଯେ ସେମାନଙ୍କ ଆଗରେ ଗୋଟିଏ ଛତା ଖୋଲିଦେଇ ଛତାର ବିଭିନ୍ନ ଅଂଶକୁ ବର୍ଣ୍ଣନା କରିବାକୁ କୁହାଗଲେ ସେମାନଙ୍କର ଇଂରେଜୀ ଜ୍ଞାନ ଅତି ସହଜରେ ଧରାପଡ଼ିଯିବ । ସେ ଯାହା ହେଉନା କାହିଁକି , ଦୀର୍ଘକାଳର ପରାଧୀନତା ପରେ ଆମ ଦେଶ ସ୍ୱାଧୀନତା ଲାଭ କରିଅଛି ଓ ଆମର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ପାଇଁ ଆମକୁ ଏକ ସର୍ବସମ୍ମତ ରାଷ୍ଟ୍ରଭାଷା ଗ୍ରହଣ କରିବାକୁ ପଡ଼ିବ।

କ) ଇଂରେଜୀ ଭାଷା ସପକ୍ଷବାଦୀମାନେ ନିଜର କ'ଣ କ୍ଷତି କରିଛନ୍ତି ?

ଖ) ଇଂରେଜ ଶାସନରେ ଭାରତର ଶିକ୍ଷାନୀତି ପାଇଁ କି ଚେଷ୍ଟା ଚାଲିଥିଲା ?

ଗ) ଆମ ଦେଶର ଛାତ୍ରମାନେ ମାତୃଭାଷାକୁ କାହିଁକି ଅବହେଳା କଲେ ?

ଘ) କେଉଁମାନେ ନିଜର ନିଜତ୍ୱକୁ ବିସର୍ଜନ କରି ଦେଇଛନ୍ତି ବୋଲି କୁହାଯାଇପାରେ ?

ଙ) ଆମର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

ବିଭାଗ-ଖ

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)

କ) ଗଣମାଧ୍ୟମର ଭୂମିକା ଖ) ଅରଣ୍ୟ ସୁରକ୍ଷା ଗ) ଛାତ୍ର ଶୃଙ୍ଖଳା

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)

କ) "ଅତିଥିସେବା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।

ଖ) "ଭବିଷ୍ୟତ ଲାଗି ଶକ୍ତି ସଂରକ୍ଷଣ" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।

ବିଭାଗ-ଗ

୪. **ଲକ୍ଷଣ , ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** (୪)

i) ଭାଗବତ ବାଣୀ ii) ନଟବାଣୀ

୫. **ସୂଚନା ଅନୁସାରେ ବାକ୍ୟଗୁଡିକୁ ପରିବର୍ତ୍ତନ କର । (ଯେକୌଣସି ୨ଟିର)** (୧×୨=୨)

i) କରୁଣାବତାର ଶ୍ରୀରାମଚନ୍ଦ୍ର ଅହଲ୍ୟାକୁ ଉଦ୍ଧାର କରିଥିଲେ । (ଯୌଗିକ ବାକ୍ୟ କର)

ii) ରାତି ପାହିଲା ଓ ଶ୍ରମିକମାନେ କ୍ଷେତକୁ ଗଲେ । (ଜଟିଳ ବାକ୍ୟ କର)

iii) ସୀତା ଭଲ ନାଚୁଛି ଓ ସେଥିପାଇଁ ସୁନାମ ଅର୍ଜନ କରିଛି । (ସରଳ ବାକ୍ୟ କର)

୬. **ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେକୌଣସି ୨ଟିର)** (୧×୨=୨)

i) ଉଷୁନା ଧାନ ଗଜା ହେବା

ii) ଅନ୍ଧାରରେ ବାଡ଼ି ବୁଲାଇବା

iii) ମୁଣ୍ଡ ଝାଳ ତୁଣ୍ଡରେ ମାରିବା

୭. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେକୌଣସି ୨ଟିର)** (୧×୨=୨)

i) ଜ

ଆଜିର ଇତିହାସ

- ୧୭୮୪- ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ସ୍ଥାପନା ।
- ୧୯୩୪- ବିହାରରେ ଭୂମିକମ୍ପ ଯୋଗୁଁ ପାଖାପାଖି ୨୦ ହଜାର ଲୋକଙ୍କ ମୃତ୍ୟୁ ।
- ୧୯୫୬-ବହୁଜନ ସମାଜ ପାର୍ଟିର ଅଧ୍ୟକ୍ଷା ମାୟାବତୀଙ୍କ ଜନ୍ମ ।
- ୧୯୬୫- ଭାରତୀୟ ଖାଦ୍ୟ ନିଗମର ସ୍ଥାପନା ।
- ୧୯୯୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲ୍‌ଜାରି ଲାଲ୍ ନନ୍ଦାଙ୍କ ଦେହାନ୍ତ ।
- ୨୦୧୩-ସିରିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ରକେଟ୍ ଆକ୍ରମଣ ଯୋଗୁଁ ପାଖାପାଖି ୮୩ ଲୋକଙ୍କ ମୃତ୍ୟୁ ସହ ୧୫୦ ଆହତ ହୋଇଥିଲେ ।

ଆଜିର ରାଶିଫଳ

ମେଷ: ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ନୂତନ ବ୍ୟସାୟ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ବନ୍ଧୁ ସାକ୍ଷାତ ଯୋଗ ରହିଛି ।

ବୃଷ: କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ । ମନୋରଞ୍ଜନରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପୁରୁଣା ବନ୍ଧୁ ମିଳନ ହେବ । ରାଜନୀତିରେ ସକ୍ରିୟ ରହିବେ ।

ମିଥୁନ: ଅଭିଭାବକମାନେ ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଆୟ ଅନୁସାରେ ବ୍ୟୟ ଅଧିକ ହେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଅଚାନକ ଖୁସି ଖବର ମିଳିପାରେ ।

କର୍କଟ: ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟାରମ୍ଭ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ ।

ସିଂହ: ପାରିବାରିକ କଳହ ଲାଗି ରହିବ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଦାମ୍ପତ୍ୟଜୀବନ ମଧୁମୟ ହେବ । ଦାନ ଧର୍ମ କରିବେ । ପୁରୁଣା ବନ୍ଧୁଙ୍କ ସହ ଦୂରସ୍ଥାନ ଯାତ୍ରା କରିପାରନ୍ତି ।

କନ୍ୟା: ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ଉଧାର ଟଙ୍କା ଫେରିପାଇବାରେ ବିଳମ୍ବ ଘଟିବ ।

ତୁଳା: ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ । ଜମି କ୍ରୟ କରିପାରନ୍ତି । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଅତିଥି ସତ୍କାର କରିପାରନ୍ତି । ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ ।

ଧନୁ: ଛାତ୍ରଛାତ୍ରୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ସହ ସମୟ ବିତାଇବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶରୁ ଲାଭ ପାଇବେ ।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି ।

କୁମ୍ଭ: ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିବେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ରହିବେ । ପାରିବାରିକ କଳହ ଲାଗି ରହିବ ।

ମୀନ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ପାରିବାରିକ ଜୀବନ ସୁଖମୟ ହେବ । ଦୂର ସ୍ଥାନକୁ ଯାତ୍ରା କରିବେ । ମଧୁର ବଚନ କହି ଲୋକଙ୍କ ଆଦର ମିଳିବ । ମହିଳାମାନେ ହସଖୁସିରେ ସମୟ ବିତାଇବେ ।

ଭାରତୀୟ ସେନା ଦିବସ

ଭାରତୀୟ ସେନାର ପରାକାଷ୍ଠା ଓ ପରାକ୍ରମର ସମ୍ମାନ ପାଇଁ ପ୍ରତିବର୍ଷ ଜାନୁଆରୀ ୧୫କୁ ସ୍ଥଳସେନା ଦିବସ ରୂପେ ପାଳନ କରାଯାଏ । ୧୯୪୯ ମସିହା ଆଜିର ଦିନରେ ଭାରତର ଶେଷ ବ୍ରିଟିଶ କମାଣ୍ଡର ଇନ୍ ଚିଫ୍ ସାର୍ ଫ୍ରାନସିସ୍ ବୁଚରଙ୍କଠାରୁ ଭାରତର ଫିଲ୍ଡ ମାର୍ଶଲ କେ. ଏମ୍. କରିୟପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ । କରିୟପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍ । କରିଆପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ତାଙ୍କର ଅଦମ୍ୟ ସାହସ ଓ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ । ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାଙ୍କୁ ହରାଇଥିଲା । ସେନା ଦିବସ ଅବସରରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଆଜି ଦେଶବ୍ୟାପୀ ବିଭିନ୍ନ ସେନା ଶିବିରରେ ଏହି ଦିବସ ପାଳନ କରାଯାଉଛି । ସବୁଠି ସହିଦଙ୍କୁ ମନେ ପକାଇ ସେମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ ।

'ଦେବରା'ର ପ୍ରଥମ ଝଲକ୍



ଉଗ୍ରରୂପରେ ଜୁନିୟର୍ ଏନ୍‌ଟିଆର୍

ସାଉଥ୍‌ର ଲୋକପ୍ରିୟ ଅଭିନେତା ଜୁନିୟର୍ ଏନ୍‌ଟିଆର୍ 'ଆର୍‌ଆର୍‌ଆର୍'ର ସଫଳତା ପରେ ଏବେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି । ଇତିମଧ୍ୟରେ ତାଙ୍କର ଆଗାମୀ ଫିଲ୍ମ 'ଦେବରା'ର ପ୍ରଥମ ପାର୍ଟର ଝଲକ୍ ସାମ୍ନାକୁ ଆସିଛି । ସୋସିଆଲ ମିଡିଆରେ ଏହା ରିଲିଜ୍ ହେବା ମାତ୍ରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି । ଏକ ମିନିଟ୍ ୨୯ ସେକେଣ୍ଡର ଏହି ଭିଡିଓରେ ଭରପୂର ଆକ୍ସନ୍ ସିନ୍ ରହିଛି । ଜୁନିୟର୍ ଏନ୍‌ଟିଆର୍ ଏଥିରେ ଭୟାନକ ଅନ୍ଦାଜରେ ଦେଖାଯାଇଛନ୍ତି । ସେ ଏକ ସାର୍ଟ ଓ ଲୁଙ୍ଗି ପିନ୍ଧି ହାତରେ ଏକ ଛୋଟ କୁରାଢ଼ି ଓ ମାରଣାସ୍ତ୍ର ଧରି ଶତ୍ରୁମାନଙ୍କ ସହିତ ଲଢ଼ୁଥିବାର ଦେଖାଯାଇଛନ୍ତି । ଭିଡିଓର ଶେଷ ଆଡ଼କୁ ଜୁନିୟର୍ ଏନ୍‌ଟିଆର୍ ' ଏହି ସମୁଦ୍ରରେ ମାଛ ଅପେକ୍ଷା ବେଶୀ ରକ୍ତ ଓ ଅସ୍ତ୍ର ଦେଖାଯାଉଛି' ବୋଲି କହୁଥିବାର ଦେଖାଯାଉଛି । ତେବେ ଭିଡିଓରେ ଥିବା ଆକ୍ସନ୍ ସିନ୍‌କୁ ଦେଖି ଦର୍ଶକେ ଏବେ ଏହାର ଟ୍ରେଲର୍ ଓ ଟିଜର୍ ଅପେକ୍ଷାରେ ଅଛନ୍ତି । କୋରତାଲା ଶିବା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି । ପୂର୍ବରୁ ଫିଲ୍ମର ନାଁ 'ଏନ୍‌ଟିଆର୍-୩୦' ଥିଲା । ପରବର୍ତ୍ତୀ ସମୟରେ 'ଦେବରା' ରଖାଯାଇଥିଲା । ଏଥିରେ ସୈଫ୍ ଅଲ୍ଲୀ ଖାନ୍ ଓ ଜାହ୍ନବୀ କପୁର ମଧ୍ୟ ଦେଖାଯିବେ । ଏହା ଦୁଇଟି ଭାଗରେ ପରଦାକୁ ଆସିବ । ପ୍ରଥମ ଭାଗ ଏପ୍ରିଲ୍ ୫, ୨୦୨୪ରେ ରିଲିଜ୍‌ହେବ । ଦ୍ୱିତୀୟ ଭାଗ ପାଇଁ ତାରିଖ ଏଯାବତ୍ ଘୋଷଣା କରାଯାଇ ନାହିଁ । ଏହି ଫିଲ୍ମ ହିନ୍ଦୀ, ତାମିଲ୍, କନ୍ନଡ଼, ତେଲୁଗୁ ଓ ମାଲୟାଲମ୍ ଭାଷାରେ ରିଲିଜ୍ ହେବ ।

ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି
ଫକୀର ମୋହନ ସେନାପତି

ଆଜି ଆସିଥିଲେ

ପ୍ରଖ୍ୟାତ ଔପନ୍ୟାସିକ, ଓଡ଼ିଆ କଥା ସାହିତ୍ୟର ଜନକ, ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ବ୍ୟାସକବି ଫକୀରମୋହନଙ୍କ ଆବିର୍ଭାବ ଆଧୁନିକ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ । ଜୀବନବ୍ୟାପି ବହୁ ଅଭିଜ୍ଞତା, ଅନୁଭୂତି ଓ ଲୋକ ଚରିତ୍ରର ନିଛକ ଚିତ୍ର ତାଙ୍କ ସାରସ୍ୱତ ସୃଷ୍ଟିକୁ ସମୃଦ୍ଧ କରିପାରିଛି । ଆଜି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମ ଜୟନ୍ତୀ । ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବାରେ ହେଉ କିମ୍ବା ସମାଜ ସଂସ୍କାର ଦିଗରେ ହେଉ, ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ଲେଖନୀ ଶୈଳୀ ହାସ୍ୟରସପୂର୍ଣ୍ଣ କଟାକ୍ଷ ଓ ସାମାଜିକ ଦୃଶ୍ୟ ପାଇଁ ପ୍ରସିଦ୍ଧ । ତାଙ୍କର ସୃଷ୍ଟି ସମ୍ଭାର ମଧ୍ୟରୁ 'ଛମାଣ ଆଠଗୁଣ୍ଠ' ସର୍ବଶ୍ରେଷ୍ଠ । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ଭାଷା ଆନ୍ଦୋଳନର ଜଣେ କର୍ଣ୍ଣଧାର ଭାବେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ସାମାଜିକ ବ୍ୟବସ୍ଥାର ଆଲୋଚନା ସହିତ କୁସଂସ୍କାର ଦୂର କରିବା ଦିଗରେ କଥାସମ୍ରାଟଙ୍କ ଲେଖାଗୁଡ଼ିକ ମାଇଲ୍‌ଖୁଣ୍ଟ ସଦୃଶ । ଦେଢ଼ ଶହ ବର୍ଷ ଆଗରୁ ସେ ଯେଉଁ ଚରିତ୍ରମାନଙ୍କୁ ଗଢ଼ି ଦେଇ ଯାଇଛନ୍ତି, ସେମାନେ ଆଜି ମଧ୍ୟ ଭିନ୍ନ ରୂପରେ ଆମ ସମାଜରେ ଅଛନ୍ତି । 'ଛ'ମାଣ ଆଠଗୁଣ୍ଠ', 'ମାମୁଁ' ପରି ଉପନ୍ୟାସ ସହିତ 'ରେବତୀ', 'ରାଣ୍ଡିପୁଅ ଅନନ୍ତା', 'ପେଟେଣ୍ଟ ମେଡିସିନ୍' ଆଦି ତାଙ୍କର ବହୁ ଚର୍ଚ୍ଚିତ କ୍ଷୁଦ୍ରଗଳ୍ପ । ତାଙ୍କ ରଚନାରେ ତତ୍‌କାଳୀନ ସମାଜର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚିତ୍ର ପ୍ରତିଫଳିତ ହୋଇଛି । ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି । ତାଙ୍କର ପ୍ରଥମ କବିତା ସଂଗ୍ରହ 'ଉତ୍କଳ ଭ୍ରମଣ' ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା । ପରେ ପରେ ସେ 'ପୁଷ୍ପମାଳା', 'ଉପହାର', 'ପୂଜାଫୁଲ', 'ପ୍ରାର୍ଥନା', 'ଧୂଳି' ଆଦି ଅନେକ କାବ୍ୟ ରଚନା କରିଛନ୍ତି । ୧୮୪୩ ମସିହା ଜାନୁଆରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା । ଏହି କାରଣରୁ ତାଙ୍କୁ 'ସଂକ୍ରାନ୍ତି ପୁରୁଷ' ମଧ୍ୟ କୁହାଯାଏ । ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ । ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା । ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା' ମଧ୍ୟ ଆରପାରିକୁ ଚାଲିଗଲେ । ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା'ଙ୍କ କାନ୍ଧରେ । ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ । ଫକୀରମୋହନ ୧୩ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ । ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀ ଦେଇଙ୍କୁ ପୁନଃବିବାହ କରିଥିଲେ । ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ହଇଜାରେ ମୃତ୍ୟୁ ହୋଇଥିଲା । ଏତେ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସମଗ୍ର ଓଡ଼ିଆ ଜାତି ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ମାୟାଧର ମାନସିଂହ ତାଙ୍କୁ ଓଡ଼ିଶାର ଥୋମାସ୍ ହାର୍ଡି କହୁଥିଲେ । ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ, ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ ।

ଗାଈ ଜିଏ ଶୁଭ ସଙ୍କେତ

ସନାତନ ଧର୍ମରେ ଗାଈର ବିଶେଷ ମହତ୍ତ୍ୱ ଅଛି । ହିନ୍ଦୁ ପରମ୍ପରା ଅନୁସାରେ ,ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଗାଈ ମଧ୍ୟ ବିଭିନ୍ନ ପ୍ରକାର ସଙ୍କେତ ଦେଇଥାଏ । ଗାଈ ଜଣାଉଥିବା ସଙ୍କେତକୁ ଜ୍ୟୋତିଷ ଶାସ୍ତ୍ରରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି । ତେବେ ଗାଈର କେଉଁ ଶୁଭ ସଙ୍କେତ ଦ୍ୱାରା ଜୀବନରେ କେଉଁ ସୂଚନା ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଅଚାନକ ଘର ଭିତରକୁ ଗାଈ ପ୍ରବେଶ କଲେ ଏହା ଖୁବ୍ ଶୁଭ ହୋଇଥାଏ । ଏହାଦ୍ୱାରା ଜୀବନରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ସକାରାତ୍ମକ ଶକ୍ତି ସଂଚାର ହୁଏ । ଏହି କାରଣ ଯୋଗୁଁ ଗାଈ ଘର ଭିତରକୁ ଆସିବା ଅତ୍ୟନ୍ତ ଶୁଭଦାୟକ ।
- ସେହିପରି କୌଣସି କାମରେ ଘରୁ ବାହାରିବା ସମୟରେ ଗାଈର ଦର୍ଶନ ହେଲେ ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ । ଏହା ସହ ଅଟକି ରହିଥିବା କାମ ପୂରଣ ହୁଏ । କାରଣ ଗାଈକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ ।
- ଶାସ୍ତ୍ର ଅନୁସାରେ, ଗାଈକୁ ଖାଇବାକୁ ଦେବା ଦ୍ୱାରା ଦିବ୍ୟ ଶକ୍ତି ଲାଭ ହୁଏ । ଗାଈକୁ ରୁଟି ସହିତ ଗୁଡ଼ ଖାଇବାକୁ ଦେଲେ ଖୁବ୍ ଶୁଭ ଫଳ ପ୍ରାପ୍ତ ହୁଏ ।

ଶାମ୍ବ ଦଶମୀ

ପୌଷ ଶୁକ୍ଳ ଦଶମୀରେ 'ଶାମ୍ବ ଦଶମୀ' ପାଳନ କରାଯାଏ । ଏହା ହେଉଛି ସୂର୍ଯ୍ୟ ପୂଜାର ପର୍ବ । ନାରୀମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ତଥା ନୀରୋଗ ଜୀବନ କାମନା କରି ଏହି ପର୍ବକୁ ଖୁବ୍ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି । ଏହିଦିନ ଆକାଶରେ ସୂର୍ଯ୍ୟଙ୍କର ତିନି ସ୍ଥିତିକୁ ଲକ୍ଷ୍ୟ କରି ଘରେ ତିନି ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ ।

ଅରୁଣୋଦୟ ସମୟରେ ପ୍ରଥମ ଧୂପ କରାଯାଇ ଫଳମୂଳ ଏବଂ ମିଷ୍ଟାନ୍ନ ନୈବେଦ୍ୟ ଲାଗି କରାଯାଏ । ତା'ପରେ ମଧ୍ୟାହ୍ନ ସମୟ ହେଉଛି ଶାମ୍ବ ଦଶମୀର ମୁଖ୍ୟ ଧୂପ । ଏହି ସମୟରେ ଗଇଁଠା, ବିଭିନ୍ନ ପ୍ରକାର ପିଠା, ଅଟକାଳି, ଖେଚୁଡ଼ି, ଘଡ଼ଘଡ଼ା ତିଅଣ ଆଦି ଭୋଗ କରାଯାଏ । ଏହି ଭୋଗକୁ ଛୋଟ ପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ । ଶେଷରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା ଶେଷ କରାଯାଏ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୃଷ୍ଣଙ୍କ ପୁତ୍ର ଶାମ୍ବ ଚପଳତା ଯୋଗୁଁ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗାକ୍ରାନ୍ତ ହୋଇଥିଲେ । ଏଥିରୁ ମୁକ୍ତିପାଇବା ପାଇଁ ସେ ସୂର୍ଯ୍ୟଦେବଙ୍କୁ କଠିନ ତପସ୍ୟା କରିଥିଲେ । ତାଙ୍କ ତପସ୍ୟାରେ ସୂର୍ଯ୍ୟ ଦେବ ପ୍ରସନ୍ନ ହୋଇ ତାଙ୍କୁ କୁଷ୍ଠ ରୋଗରୁ ଆରୋଗ୍ୟ କରିଥିବା କୁହାଯାଏ । ତେବେ ଯେଉଁଦିନଠାରୁ ଶାମ୍ବଙ୍କର କୃଷ୍ଠ ରୋଗ ଭଲ ହୋଇଥିଲା, ତାହା ଥିଲା ଶାମ୍ବ ଦଶମୀ ତିଥି । ଶାମ୍ବ କୋଣାର୍କ ନିକଟରେ ସୂର୍ଯ୍ୟଙ୍କ ଉପାସନା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି । ଅନ୍ୟପକ୍ଷରେ ଚିତାଲାଗି ଆମାବାସ୍ୟାଠାରୁ ଓଡ଼ିଆ ଘରେ ଚାଲିଥିବା ଓଷାବ୍ରତର ପ୍ରାବଲ୍ୟତା ଶାମ୍ବଦଶମୀରେ ହିଁ ଶେଷ ହୋଇଥାଏ । ଅନ୍ୟପଟେ ଏହିଦିନ ସକାଳୁ କୋଣାର୍କ ନିକଟ ଚନ୍ଦ୍ରଭାଗା କୂଳରେ ଲୋକମାନେ ସୂର୍ଯ୍ୟ ଉପାସନା କରିଥାନ୍ତି । କୋଣାର୍କରେ ସୌର ରଥ ପରିକ୍ରମା କରିଥାଏ ।

ସ୍ୱସ୍ତି

ସୂର୍ଯ୍ୟଦେବତାଙ୍କ ଉପାସନାର ପର୍ବ ମକର ସଂକ୍ରାନ୍ତି । ସେ ସକଳ ଶକ୍ତିର ଆଧାର । ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ପୃଥିବୀର ଅତି ନିକଟତର ହୋଇଥାନ୍ତି । ଏହିଦିନ ସେ ତାଙ୍କ କିରଣର ପୂର୍ଣ୍ଣ ପ୍ରଭାବ ସମସ୍ତ ପ୍ରାଣୀଙ୍କ ଉପରେ ବିଚ୍ଛୁରିତ କରିଥାନ୍ତି ।

ସ୍ନାନ ଓ ଦାନର ପର୍ବ ମକର ସଂକ୍ରାନ୍ତି

ଉତ୍ତରାୟଣ ଆରମ୍ଭ: ସନାତନ ଧର୍ମ ଅନୁସାରେ, ଏହିଦିନ ସୂର୍ଯ୍ୟଦେବ ଦକ୍ଷିଣାୟନରୁ ଉତ୍ତରାୟଣକୁ ଗତି କରିଥାନ୍ତି । ଶାସ୍ତ୍ରରେ ଉତ୍ତରାୟଣ ଅବଧିକୁ ଦେବତାଙ୍କ ଦିନ ଏବଂ ଦକ୍ଷିଣାୟନକୁ ରାତ୍ରି ଭାବେ ବିବେଚନା କରାଯାଇଛି । ସେଥିପାଇଁ ଏହିଦିନ ସ୍ନାନ, ଦାନ, ତପର ବିଶେଷ ମହତ୍ତ୍ୱ ରହିଛି । ଏହି ଦିନ ରାଶି, ଖେଚୁଡ଼ି, ଘିଅ, ଉଲ୍ ବସ୍ତ୍ର, କମ୍ବଳ ଆଦି ଦାନ ଦେବାର ପରମ୍ପରା ପ୍ରଚଳିତ ।

ପର୍ବର ମାହାତ୍ମ୍ୟ: କୁହାଯାଏ, ମକର ସଂକ୍ରାନ୍ତି ଅବସରରେ ବ୍ରହ୍ମମୁହୂର୍ତ୍ତରେ ପବିତ୍ର ନଦୀରେ ସ୍ନାନ ଓ ଦାନ କରିବାର ବେଶି ମହତ୍ତ୍ୱ ଅଛି । ଏହି ଅବସରରେ ନଦୀ ସ୍ନାନ ସମ୍ଭବ ନ ଥିଲେ, ଘରେ ପାଣିରେ ଗଙ୍ଗାଜଳ ମିଶାଇ ସ୍ନାନ କରିପାରିବେ । ଏହିଦିନ ରାଶି ତେଲ ଲଗାଇବା, ରାଶି ତେଲରେ ଯଜ୍ଞ, ରାଶି ଦାନ ଓ ରାଶି ଖିଆଯାଏ । ଶୀତର ପ୍ରକୋପ ବଳବତ୍ତର ଥିବା ହେତୁ ଏହିଦିନ ଖେଚୁଡ଼ି ଓ ରାଶି ଲଡ୍ଡୁ ସହ ଶୀତବସ୍ତ୍ର ଦାନ କରିବାର ବିଧାନ ଅଛି ।

ଶୁଭ ପରିବର୍ତ୍ତନର ସଙ୍କେତ: କଥାରେ ଅଛି 'ମକର ଦିନ ହୁଏ ବକର' । ଅର୍ଥାତ୍ ଏହିଦିନ ସୂର୍ଯ୍ୟଦେବ ଧନୁ ରାଶିରୁ ମକର ରାଶିକୁ ପ୍ରବେଶ କରିଥାନ୍ତି । ଫଳରେ ଏହିଦିନଠାରୁ ରାତ୍ରିର ଅବଧି କମ୍ ହୋଇ ଦିନ ବଡ଼ ହୋଇଥାଏ । ସେହିପରି ସୂର୍ଯ୍ୟଦେବ ଶକ୍ତିର ପ୍ରତ୍ୟକ୍ଷ ସ୍ରୋତ ହୋଇଥିବାରୁ ସୂର୍ଯ୍ୟଙ୍କ କିରଣ ଅଧିକ ସମୟ ପର୍ଯ୍ୟନ୍ତ ପଡ଼ିବାରୁ ବିସ୍ତାରିତ ହୁଏ ଲୋକଙ୍କ ଚେତନା ।

ମକର ଚାଉଳ: ମକର ସଂକ୍ରାନ୍ତି ଅବସରରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୋଇଥାଏ । ସେଥିପାଇଁ ଦିନକ ପୂର୍ବରୁ ଚାଉଳକୁ ପାଣିରେ ବତୁରାଇ ରଖାଯାଏ । ତା'ପରଦିନ ତାହାକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରାଯାଏ । ସେଥିରେ ନଡ଼ିଆ କୋରା, ଗୁଡ଼, ଆଖୁ ଖଣ୍ଡ, ଛେନା, ଗୋଲମରିଚ ଗୁଣ୍ଡ, ଅଦା ପକାଯାଇ ପ୍ରସ୍ତୁତ କରାଯାଏ ମକର ଚାଉଳ । ପ୍ରଥମେ ଏହାକୁ ଠାକୁରଙ୍କ ପାଖରେ ଭୋଗ କରାଯାଏ । ତା'ପରେ ଏହାକୁ ସମସ୍ତଙ୍କ ମଧ୍

ଅକ୍ଷରଙ୍କ ଚତୁର ବୋଲିଂ, ଯଶସ୍ୱୀ ଓ ଶିବମ୍‌ଙ୍କ ଅର୍ଦ୍ଧଶତକ

ଆଗୁଆ ଟି-୨୦ ସିରିଜ୍ ଜିତିଲା ଭାରତ

ଇନ୍ଦୋର, ୧୪।୧(ଏଜେନ୍ସି): ଯଶସ୍ୱୀ ଜୟସ୍ୱାଲ ଓ ଶିବମ ଦୁବେଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ମ୍ୟାଚ୍ ଜିତିଥିବା ଭାରତ ଆଉ ଗୋଟିଏ ମୁକାବିଲା ବାକିଥାଇ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ଏହି ମ୍ୟାଚ୍‌ରେ ୩୪ ବଲ୍‌ରୁ ୫ ଚୌକା ଓ ୬ଛକା ସହ ଜୟସ୍ୱାଲ ୬୮, ଶିବମ ଦୁବେ ୩୨ ବଲ୍‌ରେ ୫ଚୌକା ଓ ୪ଛକା ସହ ୬୩* ରନ୍ କରିଥିଲେ। ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ର ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍ ବେଙ୍ଗାଲୁରରେ ଜାନୁଆରୀ ୧୭ ତାରିଖ ଖେଳାଯିବ। ଏହି ମ୍ୟାଚ ଖେଳି ରୋହିତ ଶର୍ମା ବିଶ୍ୱର ପ୍ରଥମ ଖେଳାଳି ଭାବେ ୧୫୦ଟି ମ୍ୟାଚ୍ ଖେଳିଛନ୍ତି। ସେହିଭଳି ଭାରତ ଟି-୨୦ରେ ନମ୍ବର ୧ ଟିମ୍ ହୋଇଛି।

ହୋଲକାର କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ

୨୦ ଓଭରରେ ୧୭୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ୧୫.୪ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଦୁଇ ବାମହାତୀ ବ୍ୟାଟର ଜୟସ୍ୱାଲ ଓ ଦୁବେ ତୃତୀୟ ୱିକେଟ ଭାଗୀଦାରିରୁ ୪୨ ବଲ୍‌ରୁ ୯୨ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ବିରାଟ କୋହଲିଙ୍କ ସହ ଜୟସ୍ୱାଲ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୨୮ ବଲ୍‌ରେ ୫୭ ରନ୍ ଉଠାଇ ଦଳର ବିଜୟମୂଳଦୁଆ ପକାଇଥିଲେ। ଜୟସ୍ୱାଲ-୬୮, ଦୁବେ ଅପରାଜିତ ୬୩ ଓ କୋହଲି୨୯ ରନ୍ କରିଥିଲାବେଳେ ଅଧିନାୟକ ରୋହିତ ଶର୍ମା କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖାତା ଖୋଲି ପାରି ନାହାନ୍ତି।

ଗୁଲବଦ୍ଦିନ ନାଏବଙ୍କ ଆକର୍ଷଣୀୟ ବ୍ୟାଟିଂ

ବ୍ୟାଟିଂ ଆରମ୍ଭ କରିବା ପରେ ଆଫଗାନିସ୍ତାନ ଓପନର ଭଲ ଆରମ୍ଭ କରିଥିଲେ ମଧ୍ୟ ୫୩ ରନ୍‌ରେ ଉଭୟ ଖେଳାଳି ଆଉଟ ହୋଇଯାଇଥିଲେ। ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ଗୁଲବଦ୍ଦିନ ନାଏବ କାଉଣ୍ଟର ଆଟାକ କରିବା ଫଳରେ ଦଳ ଏକ ବଡ଼ ସ୍କୋର କରିବା ଆଶାରେ ରହିଥିଲା। ସେ ୩୫ ବଲ୍‌ରେ ୫ ଚୌକା ଓ ୪ ଛକା ସହ ୫୭ ରନ୍ କରି ଆଉଟ ହେବା ପରେ ରନ୍ ହାର କମିଯାଇଥିଲା। ନଜିବୁଲ୍ଲା ୨୧ ବଲ୍‌ରେ ୨୩, କରିମ ଜାନତ ୧୦ ବଲ୍‌ରେ ୨୦ ଓ ମୁଜୀବ ୯ ବଲ୍‌ରେ ୨୧ ରନ୍ କରିବା ଫଳରେ ଆଫଗାନିସ୍ତାନ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଅକ୍ଷର ପଟେଲ ପୁଣିଥରେ ସୁନ୍ଦର ବୋଲିଂ କରି ରନ୍‌ହାରରେ ବ୍ରେକ୍ ଲଗାଇଥିଲେ। ସେ ୧୭ ରନ୍‌ରେ ୨ଟି ୱିକେଟ ପାଇଥିଲେ। ରବି ବିଷ୍ଣୋଇ ପୁଣିଥରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ମଧ୍ୟ ଦୁଇଜଣ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମ ସ୍କେଲ୍‌ରେ ୱିକେଟ ପାଇ ନଥିବା ପେସ ବୋଲର ଅର୍ଶଦୀପ ସିଂ ଶେଷ ଭାଗରେ ସୁନ୍ଦର ବୋଲିଂ କରି ୩ଜଣ ଖେଳାଳିଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। ଭ୍ରମଣକାରୀ ଦଳର ୨ଜଣ ଖେଳାଳି ରନ୍‌ଆଉଟ ମଧ୍ୟ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ : ୧୭୨/୧୦, ୨୦ ଓଭର (ଗୁଲବଦ୍ଦିନ ନାଏବ-୫୭, ନଜିବୁଲ୍ଲା ଜଡ୍ରାନ-୨୩, ଅର୍ଶଦୀପ ସିଂ-୩/୩୨,ଅକ୍ଷରପଟେଲ-୨/୧୭,ରବିବିଷ୍ଣୋଇ-୨/୩୯)।
ଭାରତ : ୧୭୩/୪, ୧୫.୪ଓଭର (ଯଶସ୍ୱୀ ଜୟସ୍ୱାଲ-୬୮, ଶିବମ ଦୁବେ-୬୩*, ବିରାଟ କୋହଲି-୨୯, କରିମ ଜାନତ-୨/୧୩)।

● ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ

ସାତ୍ତ୍ୱିକ-ଚିରାଗ ରୌପ୍ୟ ଜିତିବାରେ ପ୍ରଥମ ଭାରତୀୟ

କୁଆଲାଲମ୍ପୁର, ୧୪।୧(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର-୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ତାରକା ପୁରୁଷ ଯୁଗଳ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପରାଜୟ ସତ୍ତ୍ୱେ ଏହି ଯୋଡି ଇତିହାସ ସୃଷ୍ଟି କରିଛନ୍ତି। ରବିବାର ଅନୁଷ୍ଠିତ ୩ ଗେମ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଏହି ଭାରତୀୟ ଯୋଡି ୯-୨୧, ୨୧-୧୮, ୨୧-୧୭ରେ ଚୀନ୍‌ର ୱାଙ୍ଗ୍- ଲିଆଙ୍ଗ ଯୋଡିଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ସାତ୍ତ୍ୱିକ-ଚିରାଗ ଶନିବାର ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। କାରଣ ଏପର୍ଯ୍ୟନ୍ତ କୌଣସି ଭାରତୀୟ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟର କୌଣସି ବର୍ଗ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିପାରିନାହାନ୍ତି। ପ୍ରଥମ ଗେମ୍‌କୁ ଅତି ସହଜରେ ବିଜୟୀ ହୋଇଥିଲେ ମଧ୍ୟ ସାତ୍ତ୍ୱିକ ଓ ଚିରାଗ ବାକି ଦୁଇଟି ଗେମ୍‌ରେ ସଂଘର୍ଷ କରି ପରାସ୍ତ ହୋଇଥିଲେ। ଏହା ପୂର୍ବରୁ ଭାରତୀୟ ଯୋଡି ସେମିଫାଇନାଲରେ ବିଶ୍ୱ ଚାମ୍ପିଅନ ଯୋଡି କୋରିଆର କାଙ୍ଗ ମିନ ହ୍ୟୁକ୍ ଓ ସିୟେ ସେଓଙ୍ଗଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ।

ସିକେ ନାୟୁଡୁ ଟ୍ରଫି: ଓଡ଼ିଶାର ବ୍ୟାଟିଂ ବିଫଳ

କଟକ/ସମ୍ବଲପୁର, ୧୪।୧(ସମିସ): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଆନୁକୂଲ୍ୟରେ ରବିବାରଠାରୁ ସମ୍ବଲପୁରର ବୀର ସୁରେନ୍ଦ୍ର ସାଇ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ୨୩ ବର୍ଷରୁ କମ୍ ସିକେ ନାୟୁଡୁ ଟ୍ରଫି ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଓଡ଼ିଶା ପ୍ରଥମ ପାଳିରେ ୮୧.୧ ଓଭରରେ ୧୬୮ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସମ୍ବିତ ବରାଳ ୪୬ ଓ ସତ୍ୟକାମ ଭରଦ୍ୱାଜ ୨୫ ରନ କରିଥିଲେ। ପ୍ରତିପକ୍ଷ ଝାଡ଼ଖଣ୍ଡର ସାହିଲ ରାଜଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଏହାପରେ ପ୍ରଥମ ପାଳି ଆରମ୍ଭ କରି ଝାଡ଼ଖଣ୍ଡ ଷ୍ଟମ୍ପ୍ସ ସୁଦ୍ଧା କୌଣସି ୱିକେଟ୍ ନ ହରାଇ ୮ ରନ କରିଛି। **ମହିଳା ଦଳ ପରାସ୍ତ:** ଅପରପକ୍ଷରେ ପୁଡୁଚେରୀରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ଦିନିକିଆ କ୍ରିକେଟ୍‌ରେ ରବିବାର ଓଡ଼ିଶା ୭ ୱିକେଟ୍‌ରେ ମଧ୍ୟପ୍ରଦେଶ ନିକଟରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ମାତ୍ର ୬୫ ରନର ଲକ୍ଷ୍ୟକୁ ମଧ୍ୟପ୍ରଦେଶ ୧୯.୩ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା।

ଦ୍ୱିତୀୟ ଟି-୨୦: ପାକିସ୍ତାନର କ୍ରମାଗତ ପରାଜୟ

ହାମିଲଟନ, ୧୪।୧(ଏଜେନ୍ସି): ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ ମୁକାବିଲାରେ ଘରୋଇ ନ୍ୟୁଜିଲାଣ୍ଡ ୨୧ ରନରେ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୨-୦ରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ସେଡନ ପାର୍କରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୮ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ଫିନ୍ ଆଲେନ ସର୍ବାଧିକ ୭୪ ରନର ଅର୍ଦ୍ଧଶତକୀୟ ପାଳି (୪୧ ବଲ, ୭ ଚୌକା, ୫ ଛକା) ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜବାବରେ ପାକିସ୍ତାନ ୧୯.୩ ଓଭରରେ ୧୭୩ ରନକରି ପରାସ୍ତ ହୋଇଥିଲା। ଦଳ ପାଇଁ ବାବର ଆଜମ ସର୍ବାଧିକ ୬୬, ଫକର ଜମାନ ୫୦ ରନ୍ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଆଡାମ ମିଲନେ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ।

● ମହିଳା ହକି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ

ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

ରାଞ୍ଚି, ୧୪।୧(ଏଜେନ୍ସି): ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମହିଳା ହକି ପ୍ରତିଯୋଗିତାରେ ଘରୋଇ ଭାରତ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଖେଳାଯାଇଥିବା ପୁଲ୍-ବି'ର ଏକ ମ୍ୟାଚରେ ଭାରତ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଭାରତୀୟ ମହିଳା ହକି ଦଳ ପକ୍ଷରୁ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଯାକ ଗୋଲ୍ ସ୍କୋର ହୋଇଥିଲା। ପ୍ରଥମ ମିନିଟ୍‌ରେ ସଙ୍ଗୀତା କୁମାରୀ, ୧୩ତମ ମିନିଟ୍‌ରେ ଉଦିତା ଦୁହାନ ଓ ୧୪ତମ ମିନିଟ୍‌ରେ ବିୟୁଟି ଡୁଙ୍ଗଡୁଙ୍ଗଙ୍କ ଷ୍ଟିକ୍ସରୁ ଏହି ଗୋଲ୍ ବାହାରିଥିଲା। ୯ମ ମିନିଟ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡର ମେଗନା ହଲ୍ ଗୋଟିଏ ଗୋଲ୍ ଶୁଝିଦେଇଥିଲେ। ଏହାପରେ ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଫଳରେ ଭାରତ ୩-୧ରେ ମ୍ୟାଚକୁ ଜିତି ୩ ପଏଣ୍ଟ ହାତେଇନେଇଛି। ଏହି ମ୍ୟାଚ୍ ସହ ଭାରତର ନବନୀତ୍ କୌର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।

ପୂର୍ବରୁ ଉଦ୍‌ଘାଟନୀ ଦିବସରେ ଶନିବାର ଭାରତ ୧-୦ ଗୋଲରେ ଆମେରିକା ନିକଟରୁ ପରାସ୍ତ ହୋଇଥିଲା। ଭାରତ ଏହାର ଶେଷ ପୁଲ୍ ମ୍ୟାଚରେ ମଙ୍ଗଳବାର ଇଟାଲୀକୁ ଭେଟିବ। ଅପରପକ୍ଷରେ ପୁଲ୍-ବି'ରେ ରବିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଆମେରିକା ୨-୦ ଗୋଲରେ ଇଟାଲୀକୁ ହରାଇ ୨ୟ ବିଜୟ ଲାଭ କରିଛି। ପୁଲ୍-ଏ'ରେ ଚିଲି ୬-୦ ଗୋଲରେ ଚେକ୍ ରିପବ୍ଲିକକୁ ମାତ୍ ଦେଇଛି।

ଜୋକୋଭିଚ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ

ମେଲବୋର୍ଣ୍ଣ, ୧୪।୧(ଏଜେନ୍ସି): ସ୍ଥାନୀୟ ମେଲବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ହୋଇଛି। ପୁରୁଷ ଏକକରେ ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ଓ ମହିଳାରେ ଦ୍ୱିତୀୟ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ୬-୨, ୬-୭, ୬-୩, ୬-୪ ସେଟ୍‌ରେ କ୍ରୋଏସିଆର ୧୮ ବର୍ଷୀୟ କ୍ୱାଲିଫାୟର ଖେଳାଳି ଡିନୋ ପ୍ରିଜ୍‌ମିକ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୫ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ ୭-୫, ୬-୪, ୬-୩, ୪-୬, ୭-୬ ସେଟ୍‌ରେ ବ୍ରାଜିଲର ଥିଆଗୋ ସେବୋଥ ୱାଇଲ୍ଡଙ୍କୁ ହରାଇ, ଚତୁର୍ଥ ସିଡ୍ ଇଟାଲୀର ଜାନିକି ସିନ୍ନର ୬-୪, ୭-୫, ୬-୩ ସେଟ୍‌ରେ ନେଦରଲାଣ୍ଡସର ବୋଟିକ୍ ଜାଣ୍ଡସ୍କଲ୍‌ପଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

ମହିଳା ଏକକ ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ସାବାଲେଙ୍କା ପ୍ରଥମ ରାଉଣ୍ଡରେ ୬-୦, ୬-୧ ସିଧାସଳଖ ସେଟ୍‌ରେ ଜର୍ମାନୀର ଏଲା ସେଇଡେଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଇଟାଲୀର ଅଷ୍ଟମ ସିଡ୍ ମାରିଆ ସାକାରି ୬-୪, ୬-୧ ସିଧାସଳଖ ସେଟ୍‌ରେ ଜାପାନର ନାଓ ହିବିନୋଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ଅଭିଜ୍ଞ ଡେନମାର୍କ ଖେଳାଳି କାରୋଲିନ ଓଜ୍ନିଆକି ୱାକ୍‌ଓଭର ପାଇଁ ଅଗ୍ରଗତି କରିଛନ୍ତି। ୯ମ ସିଡ୍ ଚେକ୍ ଖେଳାଳି ବାର୍ବୋରା କ୍ରେଜିସିକୋଭା ୨-୬, ୬-୪, ୬-୩ ସେଟ୍‌ରେ ଜାପାନର ମଇ ହୋନ୍ତାମାଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ୟୁକ୍ରେନର ୨୮ ତମ ସିଡ୍ ଖେଳାଳି ଲେସିଆ ସୁରେଙ୍କୋ ୩-୬, ୭-୫, ୬-୩ ସେଟ୍‌ରେ ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

କଳିଙ୍ଗ ସୁପର୍ କପ୍

ମୋହନ ବାଗାନ, ଇଷ୍ଟବେଙ୍ଗଲର ୨ୟ ବିଜୟ

ଭୁବନେଶ୍ୱର, ୧୪।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା 'କଳିଙ୍ଗ ସୁପର୍ କପ୍' ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଶ୍ଚିମବଙ୍ଗର ଦୁଇ ଚର୍ଚ୍ଚିତ ଦଳ ମୋହନ ବାଗାନ ସୁପର୍ ଜାଏଣ୍ଟସ ଓ ଇଷ୍ଟବେଙ୍ଗଲ ଏଫ୍‌ସି ବିଜୟ ହାସଲ କରିଛି।

ଦିବସର ପ୍ରଥମ ମ୍ୟାଚରେ ମୋହନ ବାଗାନ ୨-୧ ଗୋଲରେ ରୋମାଞ୍ଚକ ଭାବେ ହାଇଦ୍ରାବାଦ୍ ଏଫ୍‌ସିକୁ ଶେଷ ମୁହୂର୍ତ୍ତରେ ହରାଇ ଦେଇଥିଲା। ମ୍ୟାଚର ୭ମ ମିନିଟରେ ଲାଲଚୁନୁଙ୍ଗା ଚାଙ୍ଗଟେଙ୍କ ଗୋଲ୍ ବଳରେ ହାଇଦ୍ରାବାଦ୍ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ମ୍ୟାଚର ଶେଷ ୭ ମିନିଟ୍‌ରେ ୨ଟି ଗୋଲ୍ ଦେଇ ମୋହନ ବାଗାନ ୨-୧ରେ ବାଜିମାତ୍ କରି ୩ ପଏଣ୍ଟ ହାତେଇନେଇଥିଲା। ୮୩ତମ ମିନିଟ୍‌ରେ ହାଇଦ୍ରାବାଦ୍‌ର ଜେରେମୀଙ୍କ ଆତ୍ମଘାତୀ ଗୋଲ୍ ଯୋଗୁ ମ୍ୟାଚ ୧-୧ର ବରାବର୍ ସ୍ଥିତିକୁ ଆସିଥିଲା। ଏହାପରେ ଇଞ୍ଜୁରୀ ଟାଇମ (୯୦+୧ତମ)ରେ ଏକ ପେନାଲ୍ଟିକୁ ଗୋଲରେ ରୂପାନ୍ତରିତ କରି ଡେନୀ ପେଟ୍ରଟ୍ସ ମୋହନ ବାଗାନକୁ ଅପ୍ରତ୍ୟାଶିତ ଭାବେ ୨-୧ରେ ଜିତାଇଥିଲେ। ସେହିଭଳି ରବିବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଇଷ୍ଟବେଙ୍ଗଲ ୨-୧ ଗୋଲରେ ଶ୍ରୀନିଦି ଡେକାନ ଏଫ୍‌ସିକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଉଭୟ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲର ଏହା ୨ୟ ମୁକାବିଲାରୁ ୨ୟ ବିଜୟ।

● ରାମଚଣ୍ଡି କପ୍

ଟାଉନ୍ କ୍ଲବ ଚାମ୍ପିଅନ

ଭୁବନେଶ୍ୱର, ୧୪।୧(ସମିସ): କେନ୍ଦ୍ରାପଡ଼ାର ଶ୍ରୀରାମପୁରରେ ରାମଚଣ୍ଡି କପ୍ ୨୦୨୪ ଅନୁଷ୍ଠିତ ହୋଇଛି। ରବିବାର ଫାଇନାଲରେ କଟକର ନିମପୁର କ୍ଲବକୁ ୨ ୱିକେଟରେ ହରାଇ ଭୁବନେଶ୍ୱର ଟାଉନ୍ କ୍ଲବ ଚାମ୍ପିଅନ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନମ୍‌ପୁର ୨୫ ଓଭରରେ ୭ ୱିକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଦଳର ବିକ୍ରମ କିଶୋର ୬୦, ଅବିନାଶ ସାହୁ ୫୦ ରନ ସଂଗ୍ରହ କରିଥିଲେ। ଟାଉନ୍ କ୍ଲବ ତରଫରୁ ଶୁଭ ଶଙ୍କେତ ଧଳ ୩, ବିକାଶ କର ୨, ରାକେଶ ବାରିକ ଗୋଟିଏ ୱିକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୨୩.୫ ଓଭରରେ ୮ ୱିକେଟ ହରାଇ ୨୪୩ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ସରୋଜ ପଣ୍ଡା ୫୭, ଦୀପକ ମାଝି ୫୭, ସୁଭାଶିଷ ଖଣ୍ଡାୟତ ରାୟ ୫୪, ରାକେଶ ବାରିକ ୩୦ ରନ ସଂଗ୍ରହ କରିଥିଲେ। ନିମପୁରର ଆକାଶ କୁମାର ୩ ୱିକେଟ ନେଇଥିଲେ।

ରତୁପର୍ଣ୍ଣା, ଆଦିତ୍ୟ ଜିତିଲେ ଉତ୍କଳ ଓପନ୍ ଟେନିସ

ଭୁବନେଶ୍ୱର, ୧୪।୧ (ସମିସ): ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଉତ୍କଳ ଓପନ୍ ଟେନିସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ପରିସରରେ ଖେଳାଯାଉଥିବା ପୁରୁଷ ଓ ମହିଳା ଏକକରେ ଯଥାକ୍ରମେ ଆଦିତ୍ୟ ଶତପଥୀ ଓ ରତୁପର୍ଣ୍ଣା ଚୌଧୁରୀ ଚାମ୍ପିଅନ ହୋଇଛନ୍ତି। ପୁରୁଷ ଫାଇନାଲରେ ଆଦିତ୍ୟ ୬-୦, ୬-୧ ସିଧାସଳଖ ସେଟ୍‌ରେ ଆଶୁତୋଷ ଦାସଙ୍କୁ ଏବଂ ମହିଳା ଫାଇନାଲରେ ରତୁପର୍ଣ୍ଣା ୬-୨, ୬-୩ ସେଟ୍‌ରେ ପ୍ରିଶା ଦାସଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଏକକରେ ଯଥାକ୍ରମେ କଟକର ସାଇ ସ୍ୱସ୍ତିକ ମହାନ୍ତି ଓ ଖୋର୍ଦ୍ଧାର ଶଫଜା ୱାନିଆ ଟ୍ରଫି ଜିତିଛନ୍ତି। ଅପରପକ୍ଷରେ ପୁରୁଷ ଯୁଗଳରେ ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସ ଯୋଡ଼ି ଚାମ୍ପିଅନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ସୁବାସ ଚନ୍ଦ୍ର ଭୁରା, ଡ. ରୀତେଶ ରୟ, ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରତିବର୍ଗର ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ଟ୍ରଫି ସହ ୧୫ ଓ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଡ. ପିକେ ପ୍ରଧାନ ଓ ଜେ ଗନ